
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୨୩ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 MAY 2022
Vol.No. 33 ■ No. 134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଜାପାନ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୨/୦୫ : ଜାପାନ ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଟ୍ୱିଟ କରିଛନ୍ତି । ଟ୍ୱିଟରେ ସେ ଲେଖିଛନ୍ତି କ୍ୱାର୍ଡ ଦେଶର ନେତାଙ୍କ ସହ ନିଜ ଦେଶର ପ୍ରଗତି ନେଇ ସମୀକ୍ଷା କରିବେ । ମେ ୨୩, ୨୪ରେ ଦୁଇ ଦିନ ଧରି ଜାପାନର ଟୋକିଏରେ କ୍ୱାର୍ଡ ଦେଶ ସମୂହର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଯୋଗଦେବା ପାଇଁ ମୋଦି ମେ ୨୨ ରାତିରେ ଜାପାନ ଗସ୍ତରେ ଯାଉଛନ୍ତି । ଏହି ବୈଠକରେ ବିଶେଷକରି ବିଭିନ୍ନ ଦେଶର ପ୍ରଗତି ନେଇ ସମୀକ୍ଷା କରାଯିବ । ଏହା ସହ ହିନ୍ଦ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ଏଥିରେ ଆଲୋଚନା ହେବ । ମୋଦି ଲେଖିଛନ୍ତି, ଜାପାନ ପ୍ରଧାନମନ୍ତ୍ରୀ ଫୁମିୟୋ କାଶିଦାଙ୍କ ନିମନ୍ତ୍ରଣ ରକ୍ଷା କରି ଜାପାନର ଟୋକିଏ ଗସ୍ତ କରିବି । ଏହି ଗସ୍ତ ବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ଦୁଇ ନେତା ଦୁଇ ଦେଶ ମଧ୍ୟରେ ସମ୍ପର୍କ ମଜବୁତ କରିବା ନେଇ ଆଲୋଚନା କରିବେ । ସେହିଭଳି ଭାରତ-ଜାପାନ ୧୪ ତମ ଶିଖର ସମ୍ମିଳନୀରେ ମଧ୍ୟ ସାମିଲ ହୋଇ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ରାତି ଅଧିଆ ଜିପିଆର୍ ସର୍ଭେ



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଏମାର ମଠ ପରିସରରୁ ପୁରାତନ କୀର୍ତିରାଜିର ଭଗ୍ନାବଶେଷ ମିଳିବା ପରେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଂଚଳରେ କରାଯାଇଛି ଜିପିଆର ସର୍ଭେ । ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ଓବିସିସିର ଚିଠି ଅନୁସାରେ ଗୁଜୁରାଟ ଆଇଆଇଟି ପକ୍ଷରୁ ଏହି ସର୍ଭେ କରାଯାଉଛି । ହେଲେ, ଦିନ ବଦଳରେ ରାତିରେ କରାଯାଇଛି ଜିପିଆର ସର୍ଭେ । ଶନିବାର ରାତି ୧୨ଟା ପରେ କିଛି ବ୍ୟକ୍ତି ଶ୍ରୀମନ୍ଦିର ପୂର୍ବ-ଦକ୍ଷିଣ କୋଣ କାକୁଡି ଖାଇ ମନ୍ଦିର ପାଖରୁ ଆରମ୍ଭ କରି ଶ୍ରୀମନ୍ଦିର ଚାରିପାଖରେ କିଛି ମେସିନ୍ ଧରି ବୁଲୁଥିବା ଦେଖିବାକୁ ମିଳିଥିଲା । ଏମାର ମଠ ଜାଗାରେ ମଧ୍ୟ ଏମାନେ ସର୍ଭେ କରୁଥିବା ଦେଖିବାକୁ ମିଳିଥିଲା । ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ହୋଇଥିଲା । ରାତି ଅଧରେ କଣ ଚାଲିଛି ବୋଲି ଖୋଳତାଡ କରିବାରୁ ଓ ନିୟୋଜିତ ଅଧିକାରୀଙ୍କୁ ପଚରାଉଚରା. ପରେ ଜିପିଆର ସର୍ଭେ ଚାଲିଥିବା ଜଣାପଡ଼ିଥିଲା । ହେଲେ, ହାଇକୋର୍ଟରେ ମାମଲା ବିଚାରାଧିନ ଥିବାବେଳେ , ତରବରିଆ ଭାବେ ରାତିରେ କାହିଁକି ସର୍ଭେ କରାଯାଉଥିଲା, ସେ ନେଇ ପ୍ରଶ୍ନ ଉଠାଇଛନ୍ତି ସାମାଜିକ କର୍ମୀ । ରାତି ଅଧରେ ଜିପିଆରଏସ କରାଯିବାକୁ ନେଇ ବିରୋଧୀ ବିଜେପି ଓ କଂଗ୍ରେସ ନେତା ସରକାରଙ୍କୁ ସମାଲୋଚନା କରିଛନ୍ତି । ବିଜେପି ରାଷ୍ଟ୍ରିୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରଶ୍ନ କରି କହିଛନ୍ତି, ଗୋଟିଏ ମିଛ ଲୁଚାଇବା ପାଇଁ ହଜାରେ ମିଛ କହିବାକୁ ପଡିଥାଏ । ଆଜି ପୁଣି ଥରେ ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ମିଛ ଧରା ପଡିଯାଇଛି । ସେଥିପାଇଁ ରାତି ଅଧରେ ଲୁଚି ଛପି ଜିପିଆର ସର୍ଭେ କରାଯାଉଛି । କଂଗ୍ରେସ ବରିଷ୍ଠ ବିଧାୟକ ନରସିଂହ ମିଶ୍ର କହିଛନ୍ତି, ଯେଉଁମାନେ କିଛି ଲୁଚାଇବା ପାଇଁ ଚାହାଁନ୍ତି ସେମାନେ ଏପରି ଘନ ଅନ୍ଧକାର ଭିତରେ କାମ କରନ୍ତ । ଯଦି ସ୍ୱଚ୍ଛ, ଦିନ ବେଳା ଲୋକ ଲୋଚନାରେ କାମ କରିବାରେ ବାଧା କେଉଁଠି । ସମ୍ବିତଙ୍କ ଅଭିଯୋଗ ପରେ, ବିଜେଡି ନେତ୍ରୀ ସୁଲତା ଦେଓ ଟୁଇଟ୍ କରି ସମ୍ବିତଙ୍କୁ ପାଲଟା ଟାର୍ଗେଟ କରିଛନ୍ତି । ଲେଖିଛନ୍ତି, ସମ୍ବିତ ପାତ୍ର ବାରମ୍ବାର ମିଛ କହି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦାନ କରିଥିବା ସେବାୟତମାନେ ତାଙ୍କୁ କ୍ଷମା ଦେବେ ନାହିଁ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ପ୍ରତିକ୍ରିୟା ରଖି ଜଗତଗୁରୁ ▶▶ପୃଷ୍ଠା ୭

## ଚାଷୀମାନେ ଚାହିଁଲେ ସରକାର ବଦଳାଇପାରିବେ : କେସିଆର



ଅମୃତସର, ୨୨/୦୫ (ନି.ପ୍ର): ବିବାଦୀୟ କୃଷି ବିଲକୁ ବିରୋଧ କରି ଆନ୍ଦୋଳନ କରିଥିବା ଚାଷୀମାନଙ୍କ ପ୍ରତି ସମବେଦନନା ଜଣାଇଛନ୍ତି ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ। ଆଜି ପଞ୍ଜାବ ଗସ୍ତରେ ଥିବା ବେଳେ କେସିଆର ଚାଷୀ ଆନ୍ଦୋଳନ ବେଳେ ଜୀବନ ଦେଇଥିବା ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ମୃତ ଚାଷୀଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି କେସିଆର। ଏହି ଅବସରରେ ଆୟୋଜିତ ସଭାରେ ଯୋଗ ଦେଇ କେସିଆର କହିଛନ୍ତି ଯେ, ଚାଷୀମାନେ ଚାହିଁଲେ କେନ୍ଦ୍ରରେ ସରକାର ବଦଳାଇ ପାରିବେ। କେନ୍ଦ୍ରକୁ ଟାର୍ଗେଟ କରି କେସିଆର କହିଥିଲେ ଯେ, କୃଷି ଆଇନକୁ ବିରୋଧ କରିଥିବା ଚାଷମୀନଙ୍କୁ ଖଲିସ୍ଥାନୀ ଏବଂ ଆତଙ୍କବାଦୀ ରୂପ ଦେଇ ସେମାନଙ୍କୁ ବଦନାମ କରିବାକୁ ଅପଚେଷ୍ଟା କରାଯାଇଥିଲା। ମୁଁ କୃଷି ନେତମାନଙ୍କୁ ଆହ୍ୱାନ କରୁଛି ସେମାନେ ଏହି ଆନ୍ଦୋଳନ ଜାରି ରଖିବା ଉଚିତ। କେବଳ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ କିମ୍ବା ଦିଲ୍ଲୀ ନୁହଁ ସମଗ୍ର ଦେଶକୁ ଏହି ଆନ୍ଦୋଳନ ପସାରିତ ହେବା ଉଚିତ। କୃଷକମାନେ ଚାହିଁଲେ କେନ୍ଦ୍ର ସରକାରଙ୍କୁ ବଦଳାଇପାରିବେ ବୋଲି ସେ କହିଛନ୍ତି। ଏଥିସହ ଦେଶସାରା ଆନ୍ଦୋଳନ ଲାଗି ଏକଜୁଟ ହେବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଏହି ଆନ୍ଦୋଳନରେ ଆମ ଆଦମୀ ପାର୍ଟି ଭଳି ଅନ୍ୟ ବିପକ୍ଷ ଦଳ ସହ ସାମିଲ ହେବେ ଏବଂ ସମର୍ଥନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରମୁଖ କୃଷକ ନେତା ରାକେଶ ଟିକାୟତ ବି ସେଠାରେ ଉପସ୍ଥିତ ଥିଲେ । ରାକେଶ ଟିକାୟତ ଗତ ବର୍ଷ ବିବାଦୀୟ କୃଷି ଆଇନ ବିରୋଧରେ ହେଉଥିବା ଆନ୍ଦୋଳନରେ ଅନ୍ୟତମ ନେତା ଥିଲେ । ସୂଚନା ଅନୁଯାୟୀ, କେସିଆର ଗଲୱାନ ଘାଟିରେ ସହିଦ ହୋଇଥିବା ସୈନ୍ୟ ଏବଂ ଚାଷୀ ଆନ୍ଦୋଳନ ସମୟରେ ମୃତ୍ୟୁ ହୋଇଥିବା କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ପଞ୍ଜାବରେ ପହଞ୍ଚିଥିଲେ।

## ସରକାରୀ ଗୋଦାମରୁ ଜବତ ହେଲା ୧୬ କୋଟିର ଏକ୍ସପାଏରୀ ଔଷଧ

ନୂଆଦିଲ୍ଲୀ, ୨୨/୦୫ : ଗୋଟିଏ ପଟେ ସରକାର ଦିନକୁ ଦିନ ବିଭିନ୍ନ କ୍ଷେତ୍ରରେ ଟିକସ ବୃଦ୍ଧି କରି ସାଧାରଣ ଜନତାଙ୍କୁ ଲୁଟୁଛନ୍ତି । ସେପଟେ କର ଟଙ୍କାରେ ଦରମା ନେଉଥିବା ସେବକମାନଙ୍କ ଅପରାଗତା ଯୋଗୁଁ କୋଟି କୋଟି ଟଙ୍କା ପାଣିରେ ପଡୁଛି । ଏଭଳି ଏକ ଚିତ୍ର ଆସିଛି ବିଜେପି ଶାସନରେ ମଡେଲ ରାଜ୍ୟ କୁହାଯାଉଥିବା ଉତ୍ତର ପ୍ରଦେଶରୁ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୁଶାସନରେ ନାମରେ ସଭା ସମିତିରେ ବସି ଡିଣ୍ଡିମ ପିଟୁଥିବା ବେଳେ ତାଙ୍କ ସରକାରୀ କର୍ମଚାରୀଙ୍କ ଅବହେଳା ପାଇଁ ପାଣିରେ ପଡିଛି ପୁରା ୧୬ କୋଟି ଟଙ୍କା । ଏକଥା ଆମେ କହୁନୁ ଏକଥା ଖୋଦ କହିଛନ୍ତି କି ଯୋଗୀ ସରକାରରେ ଉପ ମୁଖ୍ୟମନ୍ତ୍ରୀ ଥିବା ବ୍ରଜେଶ ପାଠକ । ଶୁକ୍ରବାର ଦିନ ସେ ଟ୍ରାନ୍ସପୋର୍ଟ ନଗର ସ୍ଥିତ ସରକାରୀ ମେଡିକାଲ ଯୋଗାଣ କର୍ପୋରେସନ ଗୋଦାମ ପରିଦର୍ଶନରେ ଯାଇଥିବା ବେଳେ ସେଠାରେ ୧୬ କୋଟି ୪୦ ଲକ୍ଷ ଟଙ୍କାର ଏକ୍ସପାଏରୀ ଔଷଧ ଥିବା ଦେଖିବାକୁ ପାଇଥିଲେ । ଯାହାକି ମେଡିକାଲକୁ ନ ପଠାଇ ବିଭାଗୀୟ ଅଧିକାରୀମାନେ ଏକ୍ସପାଏରୀ ହେବା ଯାଏ ଗୋଦାମରେ ପକାଇ ରଖିଥିଲେ । ଏସବୁ ଦେଖିବା ପରେ ବ୍ରଜେଶ ଠାକୁର କହିଥିଲେ କି ଏଭଳି କ୍ଷତି ଯେଉଁ ଅଧିକାରୀଙ୍କ ଦ୍ୱାରା ହୋଇଛି ତାହାର ଭରଣା ସେମାନଙ୍କ ଦରମାରୁ କରାଯିବ । ହେଲେ ବାସ୍ତବତା କିନ୍ତୁ ଅଲଗା । ଏସବୁ କେବେ ଓ କେଉଁଠି ହୋଇଛି ତାହାର ଇତିହାସ ଖୋଜିଲେ ବୟସ ସରିଯିବ ସିନା ହେଲେ ତଥ୍ୟ ମିଳିବ ନାହିଁ । କାରଣ ଗଣତନ୍ତ୍ର ଆଇନରେ ଏତେ ଗଳାବାଟ ରହିଛି କି କେଉଁଠି ନା କେଉଁଠି ଅପରାଧୀମାନେ ଖସିଯିବାକୁ ସକ୍ଷମ ହୋଇଥାନ୍ତି ।

## ତପଭୂମିକୁ ଭୋଗ ଭୂମି କରିବା ସରକାରଙ୍କ ଚିରାଚରିତ ଅଭ୍ୟାସ : ଶଙ୍କରାଚାର୍ଯ୍ୟ



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ସେ କହିଛନ୍ତି, ନିର୍ମାଣ ଆଗରୁ ପ୍ରଶାସନ ତାଙ୍କ ସହ ଆଲୋଚନା କରିବାର ଆବଶ୍ୟକତା ଥିଲା। ତପଭୂମିକୁ ଭୋଗ ଭୂମି କରିବା ସରକାରଙ୍କ ଚିରାଚରିତ ଅଭ୍ୟାସ। ଧାର୍ମୀକ ସ୍ଥଳିକୁ ପର୍ଯ୍ୟଟନ ସ୍ଥଳି କରା ନ ଯାଉ। କୌଣସି ନିର୍ମାଣ କାମ ଦ୍ୱାରା ଯେପରି ଶ୍ରୀମନ୍ଦିର ପ୍ରତି କ୍ଷତି ନପହଞ୍ଚେ, ସେମିତି କାର୍ଯ୍ୟ କରାଯିବା ଉଚିତ। ସେହିପରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବି ଏ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରି ଟ୍ୱିଟ ଯୋଗେ ଲେଖିଛନ୍ତି, ସାଢ଼େ ୪ କୋଟି ଓଡ଼ିଶାବାସୀ ଜାଣି ଗଲେଣି ରାଜ୍ୟ ସରକାର ଭୁଲ କରିଛନ୍ତି। ସତ ସାହାସ ଅଛି ତ ଦିନରେ ଲୋକଙ୍କ ସାମ୍ନାରେ ସର୍ଭେ କରନ୍ତୁ। ପ୍ରଥମେ ପୁରୀ ସାଂସଦଙ୍କୁ ରାଜ୍ୟ ସରକାର ଯୋଜନା ସମ୍ପର୍କରେ କୁହନ୍ତୁ। ପରେ ଆମକୁ କହିବେ ବୋଲି ଲେଖିଛନ୍ତି ଅପରାଜିତା। ସେହିପରି ରାତିଅଧିଆ ଜିପିଆରଏସ୍ ନେଇ ବର୍ଷିଛନ୍ତି କଂଗ୍ରେସ ବିଧାୟକଦଳ ନେତା ନରସିଂହ ମିଶ୍ର। ସେ କହିଛନ୍ତି, ଘନ ଅନ୍ଧକାରରେ ଚୋର ଓ ଡକାୟତମାନେ କାମ କରନ୍ତି। କାହିଁକି ଦିନରେ କାମ ହେଉନି। ଏଥିରେ ନିଜେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ। ରାତି ଅଧିଆ ଜିପିଆର ସର୍ଭେକୁ ନେଇ କଡ଼ା ଆପତ୍ତି ଉଠାଇଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର। ସେ କହିଛନ୍ତି, ପୁରୀ ସାଂସଦ ପିନାକୀ ମିଶ୍ରଙ୍କ ମିଛ ଧରାପଡ଼ିଛି। ଗୋଟିଏ ମିଛ ଲୁଚାଇବାକୁ କିଭଳି ହଜାରେ ମିଛ କହିବାକୁ ପଡ଼େ, ତାର ବି ପ୍ରମାଣ ମିଳିଛି। ରାତି ଅଧିଆ ଜିପିଆର ସର୍ଭେରୁ ଏହି ଘଟଣା ଜଣାପଡ଼ିଯାଇଛି। ବିଜେଡି ମୁଖପାତ୍ର ସୁଲତା ଦେଓ ଟ୍ୱିଇଟରେ ପ୍ରତିକ୍ରିୟା ରଖି ଲେଖିଛନ୍ତି, ପୁରୀ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ▶▶ପୃଷ୍ଠା ୭

## ବିଜେପିକୁ ଶକ୍ତ ଧକ୍କା : ଘର ବାହୁଡ଼ିଲେ ଅର୍ଜୁନ ସିଂହ

କୋଲକାତା, ୨୨/୦୫ (ନି.ପ୍ର): ଯାହା ଚର୍ଚ୍ଚା ହେଉଥିଲା ତାହା ହିଁ ଘଟିଛି। ପଶ୍ଚିମବଙ୍ଗର ବିଜେପି ଉପାଧକ୍ଷ ଅର୍ଜୁନ ସିଂହ ବିଜେପି ଛାଡ଼ି ପୁଣି ଥରେ ଆଜି ଟିଏମସିରେ ଯୋଗ ଦେଇଛନ୍ତି। ସେ ଲୋକସଭା ନିର୍ବାଚନ ପୂର୍ବରୁ ଟିଏମସି ଛାଡି ୨୦୧୯ ରେ ବିଜେପିରେ ଯୋଗ ଦେଇଥିଲେ। ଟିଏମସିରେ ଯୋଗଦେବା ପରେ ଅର୍ଜୁନ ସିଂ କହିଛନ୍ତି, ଅନେକ ଲୋକ ପଶ୍ଚିମବଙ୍ଗର ବିକାଶକୁ ରୋକିବାକୁ ଚେଷ୍ଟା କରିଥିଲେ। ସେଥିପାଇଁ ମୁଁ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି । ତେଣୁ ମୁଁ ପୁଣିଥରେ ମୋ ଘରକୁ ଫେରି ଆସିଛି। ▶▶ପୃଷ୍ଠା ୭

## ଅନୁଭବଙ୍କ ବିରୋଧରେ ଏତଲା ଦେଲେ ବର୍ଷା



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଅଭିନେତା ତଥା ସାଂସଦ ଅନୁଭବ ଓ ତାଙ୍କ ପତ୍ନୀଙ୍କ ଭିତରେ ବିବାଦ ଥମିବାର ନାଁ ନେଉନି । ଗତ ଦୁଇ ଦିନ ଧରି ଅନୁଭବ ତାଙ୍କ ପତ୍ନୀଙ୍କୁ ନେଇ ଅନେକ କିଛି କହିବା ସହିତ ଦୁଇଟି ଭିଡିଓ ସେୟାର କରିଥିଲେ । ଆଉ ଏହାର ଗୋଟିଏ ଦିନ ପରେ ଅନୁଭବଙ୍କ ନାଁରେ ଏତଲା ଦେଇଛନ୍ତି ତାଙ୍କ ପତ୍ନୀ ବର୍ଷା ପ୍ରିୟଦର୍ଶିନୀ । ପୁରୀ ଘାଟ ଥାନାରେ ଅନୁଭବଙ୍କ ବିରୋଧରେ ଏହି ଏତଲା ଦେଇଛନ୍ତି ବର୍ଷା ପ୍ରିୟଦର୍ଶିନୀ । ଆଉ ବାରମ୍ବାର ଭିଡିଓ ଅପଲୋଡ କରି ଅଯଥାରେ ଅନୁଭବ ବିବାଦ ସୃଷ୍ଟି କରୁଥିବା କଥା କହିଛନ୍ତି ବର୍ଷା । "ମୋ ସ୍ୱାମୀଙ୍କ ସହିତ କୋର୍ଟରେ ଡିଭୋର୍ସ କେସ ଚାଲୁଥିବା ସମୟରେ ୧୯ ତାରିଖ ଦିନ ସକାଳ ସମୟରେ ସୋସିଆଲ୍ ମିଡିଆ ମାଧ୍ୟମରେ ମୋ ସ୍ୱାମୀଙ୍କର ଏକ ଭିଡିଓ ଭାଇରାଲ ହେବା କଥା ମୁଁ ଜାଣିବାକୁ ପାଇଥିଲି । ଯେଉଁ ଭିଡିଓଟି ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ୍ କରିଥିଲେ । ଏହି ଭିଡିଓରେ ସେ ମୋତେ ଭଲପାଇବା ସମ୍ପର୍କରେ ମନଗଢା କାହାଣୀ କହିଥିଲେ । ମୋତେ ଆକ୍ଷେପ କରି ଅନେକ ମିଛ କଥାମାନ କହିଥିଲେ ।" ଖାଲି ସେତିକି ନୁହେଁ ବର୍ଷା ଆହୁରି ମଧ୍ୟ ଏତଲାରେ ଲେଖିଛନ୍ତି ଯେ, ଗତକାଲି ଅର୍ଥାତ ୨୧ ତାରିଖ ଦିନ ସନ୍ଧ୍ୟାରେ ତାଙ୍କ ସ୍ୱାମୀ ଆଉ ଏକ ଭିଡିଓ ପୋଷ୍ଟ କରିଥିଲେ । ଯେଉଁଥିରେ ସେ ତାଙ୍କ ବିରୋଧରେ ସମ୍ପୂର୍ଣ୍ଣ ମିଥ୍ୟା ଆରୋପ ଲଗାଇ, ମୋର ନାରୀତ୍ୱକୁ ଅପମାନ କରିଥିଲେ । ▶▶ପୃଷ୍ଠା ୭

## ଆସାମରେ ବନ୍ୟା ବିପତ୍ତି : ପାଣିଘେରରେ ଫସିଛନ୍ତି ୭ଲକ୍ଷରୁ ଅଧିକ ଲୋକ

ନୂଆଦିଲ୍ଲୀ, ୨୨/୦୫ : ଆସାମରେ ବନ୍ୟା ବିପତ୍ତି । ପାଣିଘେରରେ ରହିଛନ୍ତି ୭ଲକ୍ଷରୁ ଅଧିକ ଲୋକ । ଭୟଙ୍କର ବନ୍ୟାରେ ବେସାହାର ହୋଇପଡିଥିବା ୫ଶହ ପରିବାର ଏବେ ଟ୍ରେନ ଲାଇନରେ ଆଶ୍ରୟ ନେଇଛନ୍ତି । ବିଭିନ୍ନ ଗାଁରେ ପଶିଛି ବନ୍ୟା ପାଣି । ଘର ଦ୍ୱାରା କ୍ଷେତ ବିଲ ସବୁଠି କେବଳ ବନ୍ୟା ପାଣି ହିଁ ପାଣି । ବନ୍ୟା କାରଣରୁ ଚାରିଆଡେ ଜଳମଗ୍ନ ହୋଇଯାଇଛି । ଅନେକ ଲୋକଙ୍କ ପ୍ରାଣ ଯାଇଥିବା ବେଳେ ଅନେକ ଲୋକ ଏବେ ବି ପାଣି ଘେରରେ ଫସି ରହିଛନ୍ତି । ଉଦ୍ଧାରକାରୀ ଟିମ୍ ଯୁଦ୍ଧକାଳିନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପାଣି ଘେରରେ ଫସିରହିଥିବା ଲୋକଙ୍କୁ ବୋଟ୍ ସାହାଯ୍ୟରେ ଉଦ୍ଧାର କରୁଛନ୍ତି ।

## ସାରା ଦେଶର କମିଲା ତେଲ ଦର




ନୂଆଦିଲ୍ଲୀ, ୨୨/୦୫ : ଦେଶରେ ଦରଦାମ ବୃଦ୍ଧି ୮ ବର୍ଷର ରେକର୍ଡ ଭାଙ୍ଗିବା ପରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦନ ଶୁଳ୍କ କମାଇଛନ୍ତି । ପ୍ରାୟ ଦେଢ଼ ମାସ ହେଲା ପେଟ୍ରୋଲ ଓ ଡିଜେଲ ଦାମ ସ୍ଥିର ରହିବା ପରେ ପେଟ୍ରୋଲରେ ୯ଟଙ୍କାରୁ ଉର୍ଦ୍ଧ୍ୱ ଓ ଡିଜେଲରେ ୭ଟଙ୍କାରୁ ଅଧିକ ହ୍ରାସ ପାଇଛି । ଭୁବନେଶ୍ୱରରେ ପେଟ୍ରୋଲ ଦାମ ୧୧୨ ଟଙ୍କା ୫୦ ପଇସାରୁ ୧୦୩ ଟଙ୍କା ୧୯ ପଇସାକୁ ଖସିଯାଇଛି । ସେହିଭଳି ୧୦୨ଟଙ୍କା ୨୪ ପଇସା ଥିବା ଡିଜେଲ ଲିଟର ମୂଲ୍ୟ ୯୪ ଟଙ୍କା ୭୬ ପଇସାକୁ ଖସିଯାଇଛି । କଟକରେ ପେଟ୍ରୋଲ ଲିଟର ୧୦୩ ଟଙ୍କା ୫୪ ପଇସା, ବ୍ରହ୍ମପୁରରେ ପେଟ୍ରୋଲ ୧୦୪ ଟଙ୍କା ୬୬ ପଇସା, ସମ୍ବଲପୁରରେ ୧୦୩ଟଙ୍କା ୮୫ ପଇସାରେ ବିକ୍ରି ହେଉଛି । ମାଲକାନଗିରିରେ ପେଟ୍ରୋଲ ଲିଟର ୧୦୮ ଟଙ୍କା ୭୩ ପଇସା ଓ ଡିଜେଲ ଲିଟର ୧୦୦ଟଙ୍କା ୧୨ ପଇସା ହୋଇଛି । କେନ୍ଦ୍ର ସରକାର କମାଇଲେ ଉତ୍ପାଦନ ଶୁଳ୍କ । ରାଜ୍ୟ ସରକାର କମାଇବେ କି ଭାଟ ? ଉତ୍ପାଦନ ଶୁଳ୍କ କମାଇବା ପରେ ରାଜ୍ୟ ସରକାରଙ୍କ କୋର୍ଟକୁ ବଲ୍ ପିଙ୍ଗିଛନ୍ତି କେନ୍ଦ୍ର ସରକାର । ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଯୋଗୁଁ ଗ୍ରାହକ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ ସରକାର କି ନିଷ୍ପତି ନେଉଛନ୍ତି, ତା ଉପରେ ସମସ୍ତଙ୍କ ନଜର ରହିଛି । କେରଳ ଓ ରାଜସ୍ଥାନ ସରକାର ଭାଟ କମାଇଛନ୍ତି । ତେବେ ବିଜେଡି ସାଂସଦ ଅମର ପଟ୍ଟନାୟକ କହିଛନ୍ତି, ପେଟ୍ରୋଲ ଦାମ କମାଇବା ପାଇଁ ▶▶ପୃଷ୍ଠା ୭

## କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ପାଇଁ ପାଂଚଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, ୨୨/୦୫ (ନି.ପ୍ର): ସୋମବାର ସକାଳ ୮.୩୦ ସୁଦ୍ଧା ରାଜ୍ୟର ପାଂଚଟି ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହି ପାଂଚଟି ଜିଲ୍ଲା ଗୁଡିକ ହେଲା ଗଜପତି, ରାୟଗଡ଼ା, କନ୍ଧମାଳ, ମାଲକାନଗିରି ଓ କୋରାପୁଟ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ପୂର୍ବାନୁମାନ କରାଯାଇଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ୫ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ରାଜ୍ୟର ଉପକୂଳ ଓଡ଼ିଶା, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ଓଡିଶାର ଅବଶିଷ୍ଟ ଜିଲ୍ଲାରେ ଶୁଖିଲା ପାଗ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି।

# ଗାଡି ପାର୍କିଙ୍ଗରୁ ବଚସା, ବାପା ପୁଅଙ୍କୁ ଗୁଳିମାଡ଼

ନୂଆପଡ଼ା,୨୨/୦୫ (ନି.ପ୍ର): ନୂଆପଡା ଜ଼ିଲ୍ଲା ସିନାପାଲି ଥାନା ରାବଣ ଛକ ପାଖରେ ଗାଡି ପାର୍କିଂକୁ ନେଇ ବଚସା ହୋଇଥିଲା। ଏହି ଘଟଣାରେ ଜଣେ ବାଇକ ଆରୋହୀ ବାପା ପୁଅକୁ ଗାଳି ଗୁଲଜ କରିଥିବା ବେଳେ ମାଡ଼ ମାରିଥିଲା। ଘଟଣା ତୀବ୍ର ରୂପ ନେବାରୁ ବାପା ପୁଅଙ୍କୁ ଗୁଳିମାଡ ହୋଇଥିବା ଅଭିଯୋଗ ହୋଇଛି। ବାପପୁଅଙ୍କ ଜଙ୍ଘରେ ଗୁଳି ବାଜିଛି । ଗୁରୁତର ଆହତମାନେ ହେଲେ ବାପା ସରୋଜ ମେହେର ଓ ତାଙ୍କ ପୁଅ ନବରଞ୍ଜନ ମେହେର। ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଖରିଆର ମିଶନ ହିସ୍ପିଟାଲରେ ଭର୍ତି କରାଯାଇଛି। ଦୁଇଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଜଣାପଡିଛି। ଅପର ପକ୍ଷେ ଘଟଣା ସ୍ଥଳରୁ ଗୁଳି ଚାଳନା କରିଥିବା ଅଭିଯୁକ୍ତ ରାଜା ପାଣିଗ୍ରାହୀ ଫେରାର ହୋଇଯାଇଛି। ସିନାପାଲି ପୋଲିସ ଘଟଣାର ତଦନ୍ତ କରୁଥିବା ସିନାପାଲି ଥାନା ଅଧିକାରୀ ଡ଼ମ୍ବରୁଧର ପ୍ରଧାନ ପ୍ରକାଶ କରିଛନ୍ତି। ପରେ ଫେରାର ଅଭିଯୁକ୍ତଙ୍କୁ ପଡୋଶୀ ରାଜ୍ୟ ଛତିଶଗଡ଼ ଦେଭୋଗ ଥାନାରୁ ଗିରଫ କରାଯାଇଛି। ତାଙ୍କ ନାଁରେ ଦୁଇ ଗୋଟି ମାମଲା ରୁଜୁ ହେବ ବୋଲି ଖଡ଼ିଆଳ ଏସଡିପିଓ ସନ୍ତକ ଜେନା ପ୍ରକାଶ କରିଛନ୍ତି। ସିନାପାଲି ଥାନରେ ୩୦୭, ସହ ଆର୍ମ ଆଇନରେ ମାମଲା ରୁଜୁ ହୋଇଛି। ସେହିପରି ଦେଭୋଗ ଥାନାରେ ମଧ ଆର୍ମ ଆଇନ ରେ ଏକ ମାମଲା ରୁଜୁ ହୋଇଅଛି। ବ୍ୟବହାର ହୋଇଥିବା ବନ୍ଧୁକକୁ ଫରେନସିକ ଯାଞ୍ଚ ପାଇଁ ପଠାଯିବ ବୋଲି ସୂଚନା ଦିଆଯାଇଛି ।

# ଟ୍ରକ ସହ ୮ କ୍ୱିଇଂଟାଲ ଗଞ୍ଜେଇ ଜବତ

ଜୟପୁର,୨୨/୦୫ (ନି.ପ୍ର): ବାହାର ରାଜ୍ୟ କୁ ନଡିଆ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବିହାର ପ୍ରଭୁ ଜାନୀ । ଅବକାରି ବିଭାଗ ସୁଚନା ଅନୁଯାୟୀ ଏକ ଟ୍ରକରେ କୋରାପୁଟ ପଟୁ ଜୟପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ସୁଚନା ପାଇ ଥିଲା । ସୁଚନା ଆଧାରରରେ ଜୟପୁର ଘାଟିରେ ଚଢାଉ କରି ଟ୍ରକ ବିଆର ୨୫ଜି ୯୫୩୬ ଯାଂଚ କରିଥିଲାଲ। ଟ୍ରକରୁ ୮ କ୍ୱିଇଂଟାଲ ୨୦ କେଜି ଗଞ୍ଜେଇ ଜବତ କରିଛି । ଏହାର ଆନୁମାନିକ ମୁଲ୍ୟ ୪୧ ଲକ୍ଷ ଟଙ୍କା ହେବ ।ଗଞ୍ଜେଇ ବିହାର ଚାଲାଣ ହେଉଥିବା ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ଥିଲା । ଅବକାରି କମିଶନର ଆଶିଷ କୁମାର ସିଂ ଙ୍କ ନିଦ୍ଦେଷ କ୍ରମେ ଏହି ଚଢାଉ ହୋଇଥିଲା । ଚଢାଉରେ ଏହି ଚଢାଉ ରେ କୋରାପୁଟ ଅବକାରି ସୁପରିଟେଂଟେଂଟ ମନୋଜ କୁମାର ସେଠି ଅବକାରି ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମ ରାଓ, ମାଧବେଶ ମାରାଣ୍ଡି ଚଢାଉ କରିଥିବା ଜଣାଯାଇଛି ।

# କାର୍ଯ୍ୟରତ ପୋଲିସ୍ କନେଷ୍ଟବଲ ମୃତ

ଘସିପୁରା,୨୨/୦୫ (ନି.ପ୍ର): ରାମଚନ୍ଦ୍ରପୁର ଥାନା ରେ ଜଣେ କାର୍ଯ୍ୟରତ ପୋଲିସ୍ କନେଷ୍ଟବଲ ନବ ନାଏକ ଗତକାଲି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଆନନ୍ଦପୁର ମେଡିକାଲ ନେବାପରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରିବା ବାଟ ରେ ତାଙ୍କର ମୃତ୍ୟୁ ହୋଇଛି। ସେ ଯଶିପୁର ଅଂଚଳ ର ବାସିନ୍ଦା ହୋଇଥିବାବେଳେ ଏକ ବର୍ଷ ଧରୀ ରାମଚନ୍ଦ୍ରପୁର ଥାନା ରେ କାର୍ଯ୍ୟରତ ଥିଲେ । ତାଙ୍କର ହାର୍ଟ ଷ୍ଟ୍ରୋକ ରୁ ମୃତୁ ହୋଇଥିବା ସନ୍ଦେହ କରାଯାଉଛି ।

# ଏକ ଦିବସୀୟ କ୍ୟାରିୟର କାଉନ ସିଲିଂ ଓ ନିଯୁକ୍ତି ମେଳା ଅନୁଷ୍ଠିତ

ମାଲକାନଗିରି,୨୨/୦୫ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ଠାରେ ଏକଦିବସିୟ କ୍ୟାରିୟର କାଉନସିଲିଂ ଓ ନିଯୁକ୍ତି ମେଳା ଆନ୍ତଜାତୀୟ ଗୁଣବତ୍ତା ସେଲ ଏବଂ ପିନାସକି କମ୍ପାନୀ ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି !ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ମେଳାରେ ଯୁକ୍ତ ତିନି ର ୭ ୫ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ !ସେମାନଙ୍କୁ ନିଯୁକ୍ତି ଓ ସେମାନଙ୍କ କ୍ୟାରିୟର ସମ୍ପର୍କରେ ସଚେତନ କରାଯାଇଥିଲା !ଆନ୍ତର୍ଜାତୀୟ ଗୁଣବତା ସେଲ ସଂଯୋଜକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ନିଯୁକ୍ତି ମେଳା ର ପ୍ରମୁଖ ଦାୟିତ୍ୱ ନେଇ କ୍ୟାରିୟର କାଉନ ସିଲିଂ ମେଳା ର ଉଦେଶ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ !ଏହି ମେଳାରେ ଇଂରାଜୀବିଭାଗ ମୁଖ୍ୟ ଅଧାପକ ଉମେଶ ଚନ୍ଦ୍ର ରାଉତ,ଡ଼ଃ ହେନେରିତା ମିଶ୍ର, ପ୍ରମିୟ କୁମାର ମହାନ୍ତି, ଦିପ୍ତୀରେଖା ମିଶ୍ର, ଆରତୀ ଲୁଗୁନ, ଗୌତମ ନାୟକ ଓ ତପନ କୁମାର ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ !

# କଟକ ହାଇକୋର୍ଟ ବାର ଏସୋସିଏସନର ପଶ୍ଚିମ ଏବଂ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବିର ବିରୋଧକୁ ବଲାଙ୍ଗିର ଏକ୍ସନ କମିଟିର ତୀବ୍ର ନିନ୍ଦା

ବଲାଙ୍ଗିର,୨୨/୦୫ (ନି.ପ୍ର): କଟକ ହାଇକୋର୍ଟ ବାର ଏସୋସିଏସନ ର ପଶ୍ଚିମ ଏବଂ ଦକ୍ଷିଣ ଓଡିଶା ରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବି ର ବିରୋଧ କୁ ବଲାଙ୍ଗିର ଏକ୍ସନ କମିଟି ତ୍ରୀ ନିନ୍ଦା ନିନ୍ଦା କରିଛି । ବଲାଙ୍ଗିର ଏକ୍ସନ କମିଟି ର ଆବାହକ ଶ୍ରୀ ଗୋପାଲ ପାଣିଗ୍ରାହୀ ଙ୍କ ଅଧକ୍ଷତାରେ ଏକ ଜରୁରି ବୈଠକ କମିଟି କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା। ଗତ ମେ ୧୮ ତାରିଖରେ ଅନୁଷ୍ଠିତ କଟକ ହାଇକୋର୍ଟ ବାର ଏସୋସିଏସନ ର କାର୍ଯ୍ୟକାରିଣୀ ବୈଠକରେ, ପଶ୍ଚିମ ତଥା ଦକ୍ଷିଣ ଓଡିଶା ରେ ହାଇକୋର୍ଟ ର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି କୁ ବିରୋଧ ଏବଂ ଏକ କମିଟି ଗଠନ କରି ସରକାର ଙ୍କ ଉପରେ ଚାପ ସୃଷ୍ଟି କରିବା ଉଦ୍ୟମକୁ ବଲାଙ୍ଗିର ଏକ୍ସନ କମିଟି ର ବୈଠକରେ ତ୍ରୀ ନିନ୍ଦା କରାଯିବା ସହ ଏପରି ପଦକ୍ଷେପ ନିଆଁ ସାଙ୍ଗ ରେ ଖେଳିବା ସହ ସମାନ ବୋଲି ଚେତାବନୀ ଦିଆଯାଇଥିଲା। ଜସବନ୍ତ ସିଂ କମିଶନ(୧୯୮୨), ସ୍ପଷ୍ଟ ଭାବରେ କହିଛନ୍ତି ଯେ ଦୂର ଦୁରାନ୍ତ ରୁ ଆସୁଥିବା ଜନସାଧାରଣ ଙ୍କ ସୁବିଧା ତଥା କମ ଖର୍ଚ୍ଚ ରେ ଆଇନ ସେବା ଯୋଗେଇବା ପାଇଁ ପଶ୍ଚିମ ତଥା ଦକ୍ଷିଣ ଓଡିଶା ରେ ହାଇକୋର୍ଟ ର ସ୍ଥାୟୀ ବେଂଚ ପ୍ରତିଷ୍ଠା କରିବା ନିହାତି ଜରୁରୀ।ଏତତ ବ୍ୟତୀତ ବଲାଙ୍ଗିର ରେ ସ୍ୱାଧୀନତା ପୂର୍ବରୁ ହାଇକୋର୍ଟ ଥିଲା, ଯାହାର ପୁନଃ ପ୍ରତିଷ୍ଠା ଦାବିରେ ବଲାଙ୍ଗିର ବାର ଏସୋସିଏସନ, ବଲାଙ୍ଗିର ଏକ୍ସନ କମିଟି ତଥା ଅନ୍ୟାନ୍ୟ ସଙ୍ଗଠନ ଏବଂ ବଲାଙ୍ଗିର ର ଜନସାଧାରଣ ବହୁ ବର୍ଷ ଧରି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମାଧମରେ ସରକାର ଙ୍କ ପାଖରେ ଦାବୀ ଉପସ୍ଥାପନ କରିଆସୁଛନ୍ତି। କିନ୍ତୁ କଟକ ହାଇକୋର୍ଟ ର କିଛି ନ୍ୟାସ୍ତସ୍ୱାର୍ଥ ଆଇନଜୀବୀ ନିଜର ପତିଆରା ତଥା ଆର୍ଥିକ ସ୍ୱାର୍ଥ କୁ ଆଖି ରେ ରଖି ଏବଂ ଦୁର ଦୁରାନ୍ତ ରୁ ଆସୁଥିବା ଜନତା ଙ୍କୁ ଶୋଷଣ କରିବା ଲକ୍ଷ୍ୟରେ, ହାଇକୋର୍ଟ ର ସ୍ଥାୟୀ ବେଂଚ୍ ପଶ୍ଚିମ ତଥା ଦକ୍ଷିଣ ଓଡ଼ିଶାରେ ହେବାକୁ ବିରୋଧ କରି ଆସୁଛନ୍ତି।ଏଭଳି ଛଳନାତ୍ମକ ତଥା ବିଦ୍ୱେଷ ସୃଷ୍ଟିକାରୀ ପଦକ୍ଷେପ ପଶ୍ଚିମ ଓଡ଼ିଶାର ଜନସାଧାରଣ ଙ୍କୁ ଉତେଜିତ କରିବା ସଙ୍ଗେ ସଙ୍ଗେ ନିଆଁ ରେ ଘିଅ ଢାଳିବା ସହ ସମାନ ବୋଲି କମିଟି ଚେତାବନୀ ଦେଇଛି। ନିକଟରେ କେନ୍ଦ୍ର ଆଇନ ମନ୍ତ୍ରୀ ମାନନୀୟ କିରଣ ରିଯିଜୁ ଙ୍କ ଏନେଇ ଦେଇଥିବା ପତ୍ର କୁ ନେଇ ଓଡିଶା ସରକାର କୌଣସି ଠୋସ ପଦକ୍ଷେପ ନନେବା ଏବଂ ଜାଣିଶୁଣି ଏହି ପ୍ରକ୍ରିୟା କୁ ବିଳମ୍ବିତ କରିବା, ପଶ୍ଚିମ ଓଡିଶା ବାସୀ ଙ୍କ ମଧ ରେ ଆକ୍ରୋଶ ସୃଷ୍ଟି କରିବା ସହ ଅଲଗ କୋଶଳ ରାଜ୍ୟ ଆନ୍ଦୋଳନ କୁ ତୀବ୍ର କରିବାରେ ଇନ୍ଧନ ଯୋଗଉଛି ବୋଲି କମିଟି ଚେତାବନୀ ଦେଇଛି। ଆଜିର ବୈଠକରେ ଏହା ସ୍ଥିର ହେଲା ଯେ ଆସନ୍ତା ୨୩ ମଇ(ସୋମବାର), ଦିବା ୯ ଘଣ୍ଟା ସମୟରେ ବଲାଙ୍ଗିର କଚେରୀ ଛକ ସମ୍ମୁଖରେ ଏକ୍ସନ କମିଟି ତଥା ବଲାଙ୍ଗିର ର ସମସ୍ତ ଅଗ୍ରଣୀ ସଙ୍ଗଠନ ଏକତ୍ରିତ ହୋଇ କଟକ ବାର ଏସୋସିଏସନ ର ଏହି ପଦକ୍ଷେପ ର ଦୃଢ଼ ନିନ୍ଦା କରିବା ସହ, ହାଇକୋର୍ଟ ର ସ୍ଥାୟୀ ବେଂଚ ପଶ୍ଚିମ ତଥା ଦକ୍ଷିଣ ଓଡ଼ିଶାରେ ତୁରନ୍ତ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଆଇନ ମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ ତଥା ଓଡିଶା ହାଇ କୋର୍ଟ ର ମୁଖ୍ୟ ବିଚାରପତି ଙ୍କ ଉଦେଶ୍ୟ ରେ ଏକ ଦାବିପତ୍ର ବଲାଙ୍ଗିର ଜିଲ୍ଲାପାଳ ଙ୍କ ମାଧମରେ ପଠାଯିବ। ଏହି ବୈଠକରେ କମିଟି ର ଉପ ସଭାପତି ମୁନା ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ ଭବାନୀ ଶତପଥୀ, ଗିରିଶ ସିଂହଦେଓ, ଯୁବ ସଂଯୋଜକ ରିଲୁ ରଥ, ଯୁବ ସଭାପତି ବିନୋଦ କାଳସାଏ,ରବି ଖମାରି,ପ୍ରମୋଦ ସାହୁ, ଅନୁରାଗୀ ନାହାକ, ନରେଶ ଅଗ୍ରୱାଲ ଇନ୍ଦ୍ରମଣି ବରଡ ଦେଇ ନିଜ ମନ୍ତବ୍ୟ ରଖିଥିଲେ।

# ଆକସ୍ମିକ ମୃତ୍ୟୁ ବରଣ କରିଥିବା କେନ୍ଦୁପତ୍ର ତୋଲାଳି ଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ

ବଲାଙ୍ଗିର,୨୨/୦୫ (ନି.ପ୍ର): - ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନ ଗୌଡ଼ପାଲିଠାରେ କେନ୍ଦୁପତ୍ର ବିଭାଗରେ କାମ କରୁଥିବା ସମୟରେ ଆକସ୍ମିକ ଭାବେ ମୃତ୍ୟୁବରଣ କରିଥିବା କେତେକ କର୍ମଚାରୀଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ କେନ୍ଦୁପତ୍ର ବିଭାଗର ମୁଖ୍ୟ ବନ ସଂରକ୍ଷକ ସୁଶୀଲ କୁମାର ପୋପାଲି, ସହକାରୀ ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର ଓ ପାଟଣାଗଡ଼ ଡିବିଜନର ଡିଏଫଓ ସୁରେଶ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ । ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନରେ ୨୬ ଜଣଙ୍କୁ ଚିହ୍ନଟ କରି ପ୍ରଥମ ପର୍ଯ୍ୟାୟରେ ୧୦ଜଣଙ୍କୁ ମୁଖ୍ୟ ବନସଂରକ୍ଷକ ସୁଶୀଲ କୁମାର ପୋପାଲି ଚେକ୍ ପ୍ରଦାନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, କେନ୍ଦୁପତ୍ର ତୋଲାଳୀମାନେ ଦଶ ଟଙ୍କା ଦେଇ ରସିଦ କାଟିଥିବା ଟଙ୍କାରେ କଲ୍ୟାଣ ପାଣ୍ଠି ସଂଗ୍ରହ କରାଯାଇଥାଏ ଏବଂ ଯଦି ତୋଳାଳୀ ହେଉ କି ଶ୍ରମିକ ମାନଙ୍କ ଆକସ୍ମିକ ଭାବେ ମୃତ୍ୟୁବରଣ କରନ୍ତି କି ଦୁର୍ଘଟଣା ହୋଇ ଅକର୍ମଣ୍ୟ ହୋଇଯାଆନ୍ତି ସେମାନଙ୍କୁ କଲ୍ୟାଣ ପାଣ୍ଠିରୁ ଅନୁକମ୍ପାମୂଳକ ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିବା ମୁଖ୍ୟ ଅତିଥି ବନସଂରକ୍ଷକ ପୋପାଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଡିଭିଜନର ଜଗନ୍ନାଥ ଦାସ, ଫରେଷ୍ଟର ଅଜିତ ମେହେର, ହରିବଂଶ ପ୍ରଧାନ, ଜଳିରଣା ଓ ସୁଦାମ ମିର୍ଧା ପ୍ରମୁଖ ଯୋଗ ଦେଇଥିଲେ ।

# ଧର୍ମାନୁଷ୍ଠାନରେ ଆଧୁନିକ ସଙ୍ଗୀତର ଭିଡ଼ିଓ ସୁଟିଙ୍ଗ୍ ବନ୍ଦ ପାଇଁ ଦାବି

କେନ୍ଦ୍ରାପଡ଼ା,୨୨/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଧର୍ମାନୁଷ୍ଠାନ ଗୁଡିକରେ ଦ୍ୱିଅର୍ଥବୋଧକ ତଥା ବ୍ୟବସାୟିକ ଆଧୁନିକ ସଙ୍ଗୀତର ଭିଡିଓ ସୁଟିଂ ବନ୍ଦ କରିବା ଦାବି କରାଯାଇଛି। ନିକଟରେ ଜଗନ୍ନାଥ ଧାମ ପୁରୀ ଶ୍ରୀମନ୍ଦିର ପରିସରରେ ଓ କେନ୍ଦ୍ରାପଡା ବଳଦେବଜୀଉ ମନ୍ଦିର ବେଢାରେ ଏହିପରି କାର୍ଯ୍ୟକ୍ରମର ଭିଡିଓ ପ୍ରସ୍ତୁତ କରାଯାଇ ସୋସିଆଲ ମିଡିଆରେ ପ୍ରସାର କରାଯାଇ ଥିବାର ସାମ୍ନା କୁ ଆସିଛି । ବିଭିନ୍ନ ଦେବା ଦେବୀଙ୍କୁ ନେଇ ବ୍ୟବସାୟିକ ପ୍ରତିଷ୍ଠାନ ମାନେ ଯେଉଁଭଳି ବେଙ୍ଗାତ୍ମକ ଭାବରେ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡଆରେ ପ୍ରସାର କରୁଛନ୍ତି । ଏହା ଦ୍ୱାରା ଧର୍ମୀୟ ଭାବନା ଆଘାତ ପ୍ରାପ୍ତ ହେବା ସହ ଆଧାତ୍ମିକ ପରିବେଶ କଳୁଷିତ ହେଉଛି। ଯୁବଗୋଷ୍ଠୀଙ୍କ ଏହି ବିଶୃଙ୍ଖଳିତ ଆଚରଣକୁ ରୋକାଯିବା ସହିତ ଏହା ଉପରେ କଠୋର କଟକଣା କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଉପଲକ୍ଷେ ବିଶ୍ୱ ହିନ୍ଦୁ ପରିଷଦର ଗୋପୀନାଥ ତ୍ରିପାଠି, ବିରେନ୍ଦ୍ର କୁମାର ସାମଲ, ସତ୍ୟପ୍ରିୟ ଜେନା ପ୍ରମୁଖଙ୍କ ସହିତ ବହୁ କର୍ମକର୍ତା ଶନିବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ଜାଗା ସଂପର୍କ ମାଧମରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୨/୦୫ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲ ଠାରେ ଜାଗା ସଂପର୍କ ମାଧମରେ ବସ୍ତି ବାସିନ୍ଦା ମାନଙ୍କର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌରଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥାର ୧୩ନଂ, ୧୪ନଂ, ୧୬ନଂ, ୧୭ନଂ ୱାର୍ଡର ବାସିନ୍ଦା ମାନେ ଅଂଶ ଗ୍ରହଣ କରି ଜାଗା ମିଶନ ଉନ୍ନତି ଉପରେ ଆଲୋଚନା କରିଥିଲେ। ୱାର୍ଡରେ ଥିବା ପାନୀୟ ଜଳ ଯୋଗାଣ ସମସ୍ୟା, ମୁକ୍ତା ଯୋଜନା ଏବଂ ଅନ୍ୟ ସମସ୍ୟା ପ୍ରତି ୱାର୍ଡର ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରାଯାଇ ଥିଲା । ଜାଗା ମିଶନର ଉନ୍ନତି ପାଇଁ ୱାର୍ଡର ସଭାପତି ଓ ସଂପାଦକଙ୍କ ଦ୍ୱାରା ଏମଓୟୁ ସ୍ୱାକ୍ଷରିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ଆକବରୀ ଖାତୁନ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, କାଉନସିଲର ସେକ ଆସଲାମ, ଉମେଶ ଚନ୍ଦ୍ର ନାୟକ, ଫରଜନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ । ଅଶୋକ କୁମାର ସାହୁ, ସ୍ମୃତି ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସରକାରଙ୍କର ମୁକ୍ତା ଯୋଜନାରେ ମହିଳା ଗୋଷ୍ଠୀ ମାନଙ୍କୁ କାର୍ଯ୍ୟଦେଶ ଦିଆଯାଇ ଥିଲା ।

# ମୋଟର ଭେଇକିଲ ନିୟମ ଉଲଙ୍ଘନ ଅପରାଧରେ କନ୍ଧମାଳ ପୋଲିସ୍ ୩୯ ଜଣଙ୍କ ଠାରୁ ଆଦାୟ କଲା ଜୋରିମାନା

କନ୍ଧମାଳ,୨୨/୦୫ (ନି.ପ୍ର): ଗତ ୨୪ ଘଂଟା ମଧରେ କନ୍ଧମାଳ ଜିଲ୍ଲାର ବିର୍ଭିନ୍ନ ସ୍ଥାନରେ ଗାଡି ଚେକିଂ ବେଳେ ମୋଟର ଭେଇକିଲ ନିୟମକୁ ଅମାନ୍ୟ କରିବା ଅପରାଧରେ ସମୁଦାୟ ୪୭୦ ଟି ଗାଡି ଚେକିଂ କରି ୦୮ ଜଣଙ୍କର ଡି ଏଲ କ୍ୟାନସେଲ କରିବା ସହିତ ୩୯ ଜଣଙ୍କ ଠାରୁ ୨୨ ହଜାର ଟଙ୍କା ଜୋରିମାନା ଆଦାୟ କରିଛି ଏଥି ସହିତ ୦୭ ଜଣ ମଦ ପି ଗାଡି ଚଲାଇବା ଅପରାଧରେ ତାଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଟାନ ନେଇଛି ବୋଲି ଏ ସଂପର୍କରେ କନ୍ଧମାଳ ପୋଲିସ୍ ଦ୍ୱାରା ଟ୍ୱିଟ କରି ସୁଚନା ଦିଆଯାଇଛି ।

# ଶିକ୍ଷକ ସଂଘ ତରଫରୁ ଏବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନୂଆପଡ଼ା,୨୨/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ନୂତନ ଭାବରେ ସିନାପାଲିରେ ଯୋଗଦାନ କରିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତ କୁମାର ପାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ପରିସରରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ଜିଲ୍ଲା ଶିକ୍ଷକ ସଂଘ ସଭାପତି ଯଶୋବନ୍ତ ପଣ୍ଡା, ଉପସଭାପତି ଭରତ ବାଗ, ସଂପାଦକ ଧନୁ ବାଗ, ଯୁଗ୍ମସଂପାଦକ ହୃଦାନନ୍ଦ ମେହେର, ଖଡ଼ିଆଳ ବ୍ଲକ ସଭାପତି ରୂପା ବାଗ, ସଂପାଦକ ଚଂଦ୍ର କୈବର୍ତ୍ତ, ସିନାପାଲି ବ୍ଲକ ସଭାପତି ପ୍ରସନ୍ନ ମାଝୀ, ଉପସଭାପତି ଅରୁଣ ଯୋଷୀ, ସଂପାଦକ ବୈଷ୍ଣବ ମେହେର ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ଅବସରରେ ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନକୁ ନେଇ ଶିକ୍ଷକ ନେତୃମଣ୍ଡଳୀ ଓ ଏବିଇଓଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

# ଧର୍ମଶାଳା ଥାନା ପକ୍ଷରୁ ବେଆଇନ ବାଲି ଘାଟରୁ ଚଢାଉ, ୨ଟ୍ରାକ୍ଟର ଜବତ

ଧର୍ମଶାଳା,୨୨/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅଂଚଳରେ ଦିନକୁ ଦିନ ବେଆଇନ ବାଲି ଚାଲାଣ ବଢି ଚାଲିଛି । ଫଳରେ ନଦୀ ବନ୍ଧ ଦୃବଳ ହେବା ସହିତ ଗାଁ କଂକ୍ରିଟ ରାସ୍ତା ଭାଙ୍ଗି ରୁଜି ଯାଉଛି । ଏବଂ ମାତ୍ରାଧିକ ଗାଡି ଚଲାଚଳ ହେତୁ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରଛାତ୍ରୀମାନେ ଦୃର୍ଘଟଣାର ଶିକାର ହେଉଛନ୍ତି । ଅନ୍ୟ ପକ୍ଷେ ସରକାରୀ ଲି଼ଜ ଅଂଚଳରୁ ବାଲି ଉତୋଳନ ନ କରି ବେଆଇନ ଭାବେ ରାଜସ୍ୱ ଫାଙ୍କି ବିଭିନ୍ନ ବାଲି ଉତୋଳନ କରୁଛନ୍ତି । ଯାହାକୁ ନେଇ ଏ ନେଇ ବ୍ଲକ ପ୍ରଶାସନ ନିକଟରେ ଅଂଚଳବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ । ଫଳରେ ଆଜି ଭୋର ସମୟରେ ଧର୍ମଶାଳା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଦେଓଦା ପଂଚାୟତସ୍ଥ ଦେଓଦା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ୨ଟି ଟ୍ରାକ୍ଟର ବାଲି ବୋଝେଇ କରି ନେଉଥିବା ସମୟରେ ପୁଲିସ ହାବୁଡରେ ପଡିଯାଇଥିଲେ । ପୁଲିସ ୨ଟି ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖିଛି ।

# ଜୟପୁର ଐତିହାସିକ ରଥ ଯାତ୍ରା ନେଇ ପ୍ରସ୍ତୁତି ବୈଠକ, ଭକ୍ତଙ୍କ ଗହଣରେ ହେବ ରଥ ଯାତ୍ରା

ଜୟପୁର,୨୨/୦୫ (ନି.ପ୍ର): ଜୟପୁରର ଐତିହାସିକ ରଥ ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ସ୍ଥାନୀୟ ପୌରପରିଷଦର ସଭା ଗୃହରେ ଆୟୋଜିତ ବୈଠକରେ ଉପ ଜିଲାପାଳ ବେଦ ବର ପ୍ରଧାନ ଅଧକ୍ଷତା କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇଥିଲେ । ଗତ ୨ ବର୍ଷ କୋରନା ପାଇ ମନ୍ଦିର ପରିସରରେ ହେଉଥିବା ବେଳେ ଚଳିତ ବର୍ଷ ପ୍ରଭୁ ଜୟପୁରର ବଡ ଦାଣ୍ଡ ରେ ବାହାରି ଭକ୍ତ ଙ୍କୁ ଦର୍ଶନ ଦେବେ । ରାଜ୍ୟର ସବୁଠାରେ ଆସନ୍ତା ଜୁଲାଇ ୧ ତାରିଖରେ ରଥା ଯାତ୍ରା ହୋଇଥିବା ବେଳେ ଜୟପୁର ରେ ପ୍ରଥମ ଦିନ ୧ ତାରିଖରେ ପହଣ୍ଡି ହୋଇଥିବା ବେଳେ ଦ୍ୱିତିୟ ଦିନ ଅର୍ଥାତ ୨ ତାରିଖରେ ରଥ ଯାତ୍ରା ଆୟୋଜିତ ହେବ । ସେହି ପରମ୍ପରା ରେ ରଥ ଯାତ୍ରା ହେବାକୁ ଥିବା ବେଳେ ଠିକ ୨ ଟାରେ ରଥ ଟଣା ହେବ । ରଥ ଟଣା ସମୟରେ ୨୫ରୁ ଅଧିକ ସେବାୟତ ରଥ ଉପରେ ଚଢିବେ ନାହିଁ ବୋଲି ନିଷ୍ପତି ହୋଇଛି । ରଥରେ ଅଶ୍ଳିଲ ଗିତ ବନ୍ଦ ହୋଇଥିବା ବେଳେ ରଥ ଯାତ୍ରା ଦିନ ଓ ବାହୁଡା ଦିନ ମଦ ବିକ୍ରି ବନ୍ଦ ରହିବ । ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ଆୟୋଜିତ ପାଇ ଟ୍ରାଫିକ ବ୍ୟବସ୍ଥା କୁ କଡା କଡି କରାଯାଇଥିବା ବେଳେ ପରିମଳ ବ୍ୟବସ୍ଥା, ସହ ୫ ପ୍ଲାଟୁନ ପୋଲିସ କର୍ମଚାରି ଅଫିସର ନିଯୁକ୍ତ ରହିବେ । ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ସୁରକ୍ଷା, ବିଦ୍ୟୁତ କରଣ, ସୁଧ ପାନୀୟ ଜଳ ବ୍ୟବସ୍ଥା,ଅଗ୍ନି ନିରାପତା ବ୍ୟବସ୍ଥା, ସ୍ୱେଚ୍ଛାକୃତ ସେବା ଉପରେ ଆଲୋଚନା ହୋଇଥିବା ବେଳେ ଜଗନ୍ନାଥ ଙ୍କ ଅନ୍ନ ଭୋଗ ଭଲ ଭୋଗ ଦର ଆଲୋଚନା କରାଯାଇଥିଲା । ଭୋଗ ପିଛା ୭୦ ଟଙ୍କା ସ୍ଥିର କରାଯାଇଛି । ପ୍ରତ୍ୟେକଦିନ ରଥ ନିକଟରେ ସାଂସ୍କୃତିକ କାଯ୍ୟକ୍ରମ ଆୟୋଜନ ହେବା ନେଇ ନିଷ୍ପତି ହୋଇଛି । ଜୟପୁର ବାଙ୍ଗମଠ ରେ ହେଉଥିବା ଗୁଣ୍ଡିଚା ମନ୍ଦିରକୁ ମରାମତି କରିବା ପାଇ ବିଧାୟକ ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀଙ୍କୁ ନିଦ୍ଦେଷ ଦେଇଥିଲେ । ବୈଠକରେ ଜୟପୁର ତହସିଲଦାର ତଥା ଦେବୋତର ଅଧିକାରି ପ୍ରଧାନ ଟୁଲ୍ଲି ଆମ୍ମା, ଏସଡିପିଓ ଅରୁପ ଅଭିଷେକ ବେହେରା,ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି , ପୌର କାଯ୍ୟନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର , ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଲୋକ ସମ୍ପର୍କ ବିଭାଗର ଯୋଶଦା ଗାଦବା, ଦେବୋତର ଉପଦେଷ୍ଟା କମିଟିର ସଭାପତି ଲାଲୁ ମିଶ୍ର ଙ୍କ ସହ ସମସ୍ତ ଲାଇନ ଡିପାଟମେଂଟର ଅଧିକାରି ମାନେ ଉପସ୍ଥିତ ଥିଲେ ।

# ଉପ କାରାଗାରରେ ଥିବା ବନ୍ଦୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦ୍ରାପଡ଼ା,୨୨/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କେନ୍ଦ୍ରାପଡା ଉପ କାରାଗାର ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାରାଗାର ରେ ଥିବା ଶତାଧିକ ବନ୍ଦୀ ମାନଙ୍କର ଜଣ୍ଡିସ, (ହେପାଟାଇଟିସ ଏ ଏବଂ ବି), ମଧୁମେହ ରୋଗ, ରକ୍ତ ପରୀକ୍ଷା, ରକ୍ତଚାପ ପରୀକ୍ଷା କରାଯାଇ ଥିଲା । କାରାଗାର ପକ୍ଷରୁ ଅସୁସ୍ଥ ବନ୍ଦୀ ମାନଙ୍କୁ ଜେଲ ଅଧକ୍ଷ ମାଗଣା ଔଷଧ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡାକ୍ତର ପୂର୍ଣ୍ୟତା ମହାନ୍ତିଙ୍କ ସମେତ ମହାମାରୀ ବିଶେଷଜ୍ଞ ଶୁଶାନ୍ତ କୁମାର ପଟ୍ଟନାୟକଙ୍କ ସହ ଶ୍ୟାମସୁନ୍ଦର ବିଶ୍ୱାଳ, ସତ୍ୟ ନାରାୟଣ ସିଂହ, ପ୍ରଦୀପ୍ତ ବେହେରା, ବିକାଶ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଲ ଓଡିଶା ଅଙ୍ଗନବୱାଡି ଲେଡିଜ ୱାର୍କରସ ଏସୋସିଏସନ ଓ ଖଡ଼ିଆଳ ସିଡିପିଓଙ୍କ ସହିତ ଆଲୋଚନା

ନୂଆପଡ଼ା,୨୨/୦୫ (ନି.ପ୍ର): ଭାରତୀୟ ମଜଦୂର ସଙ୍ଘ ସହବନ୍ଧିତ ଅଲ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନ ନୂଆପଡା ଜିଲ୍ଲା ଖଡ଼ିଆଳ ଶାଖା ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ନୂଆପଡା ଜିଲ୍ଲା ଶ୍ରମିକ ମହାସଙ୍ଘ ର ଆବାହକ ଯଦୁମଣି ପାଣିଗ୍ରାହୀ ଙ୍କ ନେତୃତ୍ୱରେ ଖଡ଼ିଆଳ ସିଡିପିଓ ଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ରେ ଆଲୋଚନା କରିଥିଲେ ।ଗତ ଉଣେଇସ ଏପ୍ରିଲ ରେ ଖଡ଼ିଆଳ ସିଡିପିଓ ଙ୍କ କାର୍ଯ୍ୟାଳୟ ଘେରାଉ କରି ଦାବିପତ୍ର ପ୍ରଦାନ କରାଯାଇଥିଲା ।ସେ ସମୟରେ ସିଡିପିଓ ଭୁବନେଶ୍ୱର ରେ ଥିବାରୁ ଅନୁପସ୍ଥିତ ହେତୁ ସ୍ଥାନୀୟ ସ୍ତରରେ ଅଙ୍ଗନବାଡି ମାନଙ୍କ ବକେୟା ରହିଯାଇଥିବା ବିଭିନ୍ନ ସମସ୍ୟା ଗୁଡିକର ଆଲୋଚନା ଓ ସମାଧାନ ହୋଇପାରିନଥିଲା । ଦାବିପତ୍ର ପ୍ରଦାନ ସମୟରେ ସିଡିପିଓ ଙ୍କ ସହିତ ଶ୍ରୀ ପାଣିଗ୍ରାହୀ ଫୋନ ଯୋଗେ କଥା ହୋଇଥିଲେ ଓ ଭୁବନେଶ୍ୱର ରୁ ଫେରିଲା ପରେ ଏକ ଦିନ ଓ ସମୟ ନିର୍ଦ୍ଧାରିତ କରି ଆଲୋଚନା ଟେବୁଲ କୁ ଡାକିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।ତତ ମୁତାବକ ଆଜି ସିଡିପିଓ ମନକୁମାରୀ ଲେମ୍ବୁ ସଙ୍ଘ କର୍ମକର୍ତ୍ତାଙ୍କୁ ଆଲୋଚନା ପାଇଁ ଡାକିଥିଲେ ।ଶ୍ରୀ ପାଣିଗ୍ରାହୀ ଙ୍କ ନେତୃତ୍ୱରେ ଅଲ ଓଡିଶା ଅଙ୍ଗନବାଡି ଲେଡିଜେ ୱାର୍କରସ ଏସୋସିଏସନ ର ଖଡ଼ିଆଳ ନେତ୍ରୀ ଶ୍ରୀମତୀ ମୁକ୍ତା ମାଝୀ ଓ ଶ୍ରୀମତୀ ଗୀତାଞ୍ଜଳି ବିଶି ଆଲୋଚନା ର ନେତୃତ୍ୱ ନେଇ ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ଉପସ୍ଥାପନ କରିଥିଲେ ।ବିନା କାରଣ ରେ କଟାଯାଇଥିବା ଦରମା,ବକେୟା ଥିବା ଏରିଅର, ଓ ଅନ୍ୟାନ୍ୟ ପ୍ରାପ୍ୟ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା । ସିଡିପିଓ ଶ୍ରମତୀ ଲେମ୍ବୁ ସକାରାତ୍ମକ ଆଲୋଚନା କରି ମୋର୍ ଦ୍ୱାରା ଯାହା ହୋଇପାରିବ ନିଶ୍ଚୟ ସମାଧାନ କରାଯିବ ବୋଲି ନିର୍ଭର ପ୍ରତିଶୃତି ଦେଇଥିଲେ ।ଅଙ୍ଗନବାଡି କର୍ମୀ ମାନଙ୍କ ପାସବହି ଓ ବିଭିନ୍ନ କର୍ମୀ ଙ୍କ ସମସ୍ୟ ସମ୍ବଳିତ ଦରଖାସ୍ତ ପତ୍ର ଆଣି ସିଡିପିଓ ଙ୍କ ଠାରେ ଦାଖଲ କଲେ ସମାଧାନ ପାଇଁ ସୁବିଧା ହେବ ବୋଲି ନିଷ୍ପତ୍ତି ହେଲା ।ଆଗାମୀ ଏକ ସପ୍ତାହ ମଧରେ ଏସମସ୍ତ କାଗଜାତ ଦାଖଲ କରି ସମାଧାନ କରିବାକୁ ସମୟ କଣ୍ଟ କରାଯାଇଛି ।ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରେ ଆଲୋଚନା ହୋଇ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବାରୁ ସିଡିପିଓ ଙ୍କୁ ସଙ୍ଘ ତରଫରୁ ଧନ୍ୟବାଦ ଦିଆଯାଇଥିଲା । ଏହି ଆଲୋଚନାରେ ନେତୃମଣ୍ଡଳୀ ଙ୍କ ସହିତ ଶ୍ରମତୀ କୁମୁଦିନୀ ଭୋଇ,ଶ୍ରୀମତୀ ଶକୁନ୍ତଳା ପରାଭୋଇ ଶ୍ରମତୀ ରେସମା ଭାନୁ,ଶ୍ରୀମତୀ ଚିତ୍ରକଳା ବେହେରା ଓ ପ୍ରତ୍ୟେକ ସେକ୍ଟର ର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଏକ ଦିବସିୟ କ୍ୟାରିୟର କାଉନ ସିଲିଂ ଓ ନିଯୁକ୍ତି ମେଳା ଅନୁଷ୍ଠିତ

ମାଲକାନଗିରି,୨୨/୦୫ (ନି.ପ୍ର): -ମାଲକାନଗିରି ମହାବିଦ୍ୟାଳୟ ଠାରେ ଏକଦିବସିୟ କ୍ୟାରିୟର କାଉନସିଲିଂ ଓ ନିଯୁକ୍ତି ମେଳା ଆନ୍ତଜାତୀୟ ଗୁଣବତ୍ତା ସେଲ ଏବଂ ପିନାସକି କମ୍ପାନୀ ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି !ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ମେଳାରେ ଯୁକ୍ତ ତିନି ର ୭ ୫ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ !ସେମାନଙ୍କୁ ନିଯୁକ୍ତି ଓ ସେମାନଙ୍କ କ୍ୟାରିୟର ସମ୍ପର୍କରେ ସଚେତନ କରାଯାଇଥିଲା !ଆନ୍ତର୍ଜାତୀୟ ଗୁଣବତା ସେଲ ସଂଯୋଜକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ନିଯୁକ୍ତି ମେଳା ର ପ୍ରମୁଖ ଦାୟିତ୍ୱ ନେଇ କ୍ୟାରିୟର କାଉନ ସିଲିଂ ମେଳା ର ଉଦେଶ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ !ଏହି ମେଳାରେ ଇଂରାଜୀବିଭାଗ ମୁଖ୍ୟ ଅଧାପକ ଉମେଶ ଚନ୍ଦ୍ର ରାଉତ,ଡ଼ଃ ହେନେରିତା ମିଶ୍ର, ପ୍ରମିୟ କୁମାର ମହାନ୍ତି, ଦିପ୍ତୀରେଖା ମିଶ୍ର, ଆରତୀ ଲୁଗୁନ, ଗୌତମ ନାୟକ ଓ ତପନ କୁମାର ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ !

# କଲେଜ ଛାତ୍ରୀ ହତ୍ୟା ଘଟଣାରେ ପ୍ରେମିକ ଗିରଫ

ମାଲକାନଗିରି,୨୨/୦୫ (ନି.ପ୍ର): ଗତ ୫ ତାରିଖ ଦିନ କାଲିମେଳା କଲେଜର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ଶଙ୍କରି ସରଦାର ( ୧୮ ) ଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ପ୍ରେମିକ ଏମପିଭି - ୨୯ ଗ୍ରାମର ଅଜୟ କୁମାର ଢାଲିକୁ ଏମଭି ୭ ୯ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ! ମିଳିଥିବା ସୂଚନା ଅନୁଯାୟୀ ଯୁବତୀର ମୋବାଇଲ ଫୋନରୁ ଅଭିଯୁକ୍ତ ସଂପର୍କରେ ସୁରାକ ପାଇବା ପରେ ଅଭିଯୁକ୍ତ ପ୍ରେମିକ କୁ ଘରୁ ଉଠାଇ ଆଣି ପୋଲିସ ପଚରାଉଚରା ଆରମ୍ଭ କରିଥିଲା । ଶେଷରେ ସେ ହିଁ ଯୁବତୀକୁ ତଣ୍ଟି ଚିପି ହତ୍ୟା କରି ଗଛରେ ଝୁଲାଇ ଦେଇ ଫେରାର ହୋଇଯାଇଥିବା ସ୍ୱୀକାର କରିଥିବାର ପୁଲିସ କହିଛି । ନାଲାଗୁଣ୍ଡି ପଂଚାୟତ ଅନ୍ତର୍ଗତ ଏମପିଭି - ୩୬ ଗ୍ରାମର ନିଖିଲ ସରଦାରଙ୍କ ଝିଅ ଶଂକରୀ ସରଦାର ୫ ତାରିଖ ସକାଳେ କଲେଜ ଯିବାକୁ କହି ଘରୁ ବାହାରି ଘରକୁ ଫେରି ନଥିଲା । ତେବେ ନିକଟସ୍ଥ ଜଂଗଲରେ ଶଂକରୀର ଶବ ଝୁଲୁଥିବାର ପ୍ରଚାର ହେବା ପରେ ପରିବାର ଲୋକ ଘଟଣା ସ୍ଥଳକୁ ଆସି ଶଂକରୀକୁ ଚିହ୍ନଟ କରିବା ପରେ ପୁଲିସକୁ ଖବର ଦେଇଥିଲେ । ଏ ସଂପର୍କରେ ଏମଭି - ୭୯ ଥାନାରେ କେସ୍ ନଂ ୪୭ / ୨୨ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିଲା । ଆଉ ଶଙ୍କରି ଅନ୍ୟ ଯୁବକଙ୍କ ସହିତ ସଂପର୍କ ରଖିଥିବାର ସନ୍ଦେହ କରିଥିଲା ଅଜୟ ଏଥିରେ ଇର୍ଷାନ୍ୱିତ ହୋଇ ରାସ୍ତାରୁ ସବୁଦିନ ପାଇଁ ହଟାଇ ଦେବାକୁ ଚାହିଁଥିଲା ଅଭିଯୁକ୍ତ ଅଜୟ ଢ଼ାଲି । ଘଟଣା ଦିନ ଉଭୟଙ୍କ ମଧରେ ଯୁକ୍ତିତର୍କ ହେବା ପରେ ଯୁବତୀକୁ ସେ ପିନ୍ଧିଥିବା ଓଢ଼ଣୀରେ ତଣ୍ଟି ଚିପି ହତ୍ୟା କରିଥିଲା ଅଜୟ ଏହାପରେ ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଅଜୟ ଯୁବତୀର ବେକରେ ଓଢ଼ଣୀ ଲଗାଇ ଏକ ମହୁଲ ଗଛରେ ଝୁଲାଇ ଦେଇଥିଲା !

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସମାନତା ଜରୁରୀ...

କାଶ ପାଇଛି ଇନ୍‌ଷ୍ଟିଚ୍ୟୁଟ୍ ଫର୍ କମ୍ପିଟିଟିଭନେସ୍ ଦ୍ୱାରା ପ୍ରସ୍ତୁତ ଦେଶରେ ଅସମାନତା ଉପରେ ଏକ ଅ ରିପୋର୍ଟ ଯାହାକୁ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନକାରୀ ସୁପାରିସ ଭାବରେ ଉଲ୍ଲେଖ କରାଯାଇପାରେ ଏବଂସେଥିପାଇଁ ଏହା ସମ୍ପ୍ରତି ସମ୍ବାଦର ଶିରୋନାମା ପାଲଟିଛି । ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଉପରୋକ୍ତ ଅନୁଷ୍ଠାନକୁ ନିଯୁକ୍ତ କରିଥିଲା ଖୋଦ୍ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୀତିକ ପରାମର୍ଶଦାତା ପରିଷଦ (ପିଏମ୍-ଇଏସି) । ଏଥିରେ ପ୍ରମୁଖ ସ୍ଥାନ ଭାବରେ ଅନ୍ତର୍ଭୁକ୍ତ ହୋଇଛି ଏକ ସାର୍ବଜନୀନ ମୌଳିକ ଆୟ କାର୍ଯ୍ୟକ୍ରମର ପ୍ରଚଳନ କରିବା ନିମନ୍ତେ ସହରା ଳ ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମର ପ୍ରଣୟନ ସମ୍ବନ୍ଧିତ ପ୍ରସ୍ତାବ ସମୂହ । ସତ କହିବାକୁ ଗଲେ, ଏଭଳି ଏକ ରିପୋର୍ଟ ପ୍ରସ୍ତୁତ କରିବାର ଅବଧାରଣାଟିଏ ସୃଷ୍ଟି ହେବା ଏବଂ ସେହି ଅନୁସାରେ କାର୍ଯ୍ୟ କରିବାକୁ ପଦକ୍ଷେପ ନେବା ପାଇଁ ଆଗେଇବା ପ୍ରଥମ ଥର ପାଇଁ କରାଯାଉ ନାହିଁ, କିନ୍ତୁ ସାମ୍ପ୍ରତିକ ସମୟର ସରକାରଙ୍କ ଅଧୀନରେ ନୀତି ନିର୍ଦ୍ଧାରଣର ପରିସର ଭିତରକୁ ଆସିବା ନିମନ୍ତେ ଏହା ଏକ ସର୍ବାଧିକ ନିକଟତମ ହେବା ଭଳି ଉଦ୍ୟମ ବୋଲି କୁହାଯାଇପାରେ । ଏହି ରିପୋର୍ଟ କୌଣସି ଆର୍ଥିକ ତାତ୍ପର୍ଯ୍ୟ ସମ୍ପର୍କରେ ଉଲ୍ଲେଖ ନ କରି ଅତି ଉପରଠାଉରିଆ ଢଙ୍ଗରେ ବେଶ୍ କେତେକ କାର୍ଯ୍ୟ କରିବା ନିମନ୍ତେ ସୁପାରିସ କରିଥିବା ମନେହୁଏ । ଆଉ ସବୁଠୁ ବଳି ଯାହା ଅଧିକ ନିରାଶ କରିଦେବା ଭଳି କଥା, ତାହା ହେଉଛି- ରିପୋର୍ଟର ଶୀର୍ଷକ ଯଦିଓ ଭାରତରେ । ଅସମାନତାର ସ୍ଥିତି (ଦ ଷ୍ଟେଟ୍ ଅଫ୍ ଇଇକ୍ୟୁଆଲିଟି) ରଖାଯାଇଛି, ତେବେ ନିକଟ ଅତୀତରେ ଦେଶରେ ଦେଖା ଦେଇଥିବା ଅସମାନତା କ୍ଷେତ୍ରରେ କ'ଣ ଘଟିଛି ବା ଅସମାନତାକୁ ଦୂର କରିବା ନିମନ୍ତେ କେଉଁ କେଉଁ ପଦକ୍ଷେପମାନ ନିଆଯାଇଛି, ସେ ସମ୍ପର୍କିତ ଚିତ୍ର କୌଣସି ବିଶ୍ଳେଷଣ ସ୍ଥାନ ପାଇଛି । ରିପୋର୍ଟର ମୁଖବନ୍ଧରେ ପିଏମ୍-ଇଏସିର ଅଧ୍ୟକ୍ଷ ବିବେକ ଦେବରୟ ଯଥାର୍ଥରେ ଉଲ୍ଲେଖ କରିଛନ୍ତି, 'ରିପୋର୍ଟ ଯାହା ଉପସ୍ଥାପିତ କରିଛି, ସେଥିରେ କଦାଚିତ୍ କୌଣସି ସିଦ୍ଧାନ୍ତମୂଳକ କଥା ରହିଛି । ସମାଜରେ ଅସମାନତାକୁ ମାପିବାର ଏକ ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡ ହେଉଛି ସାଧାରଣ ନାଗରିକମାନଙ୍କ ଉପଭୋଗ (କଞ୍ଜମ୍ପସନ୍), ଯାହା ଦୈନନ୍ଦିନ ଜୀବନର ଆବଶ୍ୟକତାକୁ ମେ ାଇବା ପାଇଁ ଆବଶ୍ୟକ ସାମଗ୍ରୀଗୁଡ଼ିକ ସହିତ ସୁଖରେ ଜୀବନ ନିର୍ବାହ କରିବା ପାଇଁ ଆବଶ୍ୟକ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଥାଏ । ପରନ୍ତୁ, ଉପରୋକ୍ତ ରିପୋର୍ଟ ସାମ୍ପ୍ରତିକ ସମୟର ଉପଭୋଗ ଅସମାନତାର ଏକ ଅଟକଳ ବା ହିସାବ ଦେବାରେ ସକ୍ଷମ ହୋଇ ନ ପାରିବାର ଏକ ପ୍ରମୁଖ କାରଣ ହେଉଛି, ନିଜେ ସରକାର ହିଁ ୨୦୧୭-୧୮ର ଉପଭୋଗ ବ୍ୟୟ ସର୍ବେକ୍ଷଣ (ସିଇଏସ୍)କୁ ଅଳିଆ ଗଦାକୁ ପଠାଇ ଦେଇଛନ୍ତି ।କଥା ସର୍ବଜନବିଦିତ ଯେ ଧନୀକ ବର୍ଗର ବ୍ୟକ୍ତିବିଶେଷମାନେ କଚିତ୍ର ଜାତୀୟ ପରିସଂଖ୍ୟାନ ସର୍ବେକ୍ଷଣ (ଏନ୍‌ଏ)ଗୁଡ଼ିକରେ ଭାଗ ନେଇଥାନ୍ତି । ଉଦାହରଣ ଭାବରେ ନିଆଯାଇପାରେ ବଡ଼ ବଡ଼ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ, ଯେଉଁମାନଙ୍କର ଆୟ ଢେର୍ ଅଧିକ । ପୁନଶ୍ଚ, ଅନ୍ୟ ଏକ ଦିଗ, ଯାହା ତୁରନ୍ତ ଧ୍ୟାନ ଆକର୍ଷଣ କରିବା ଆବଶ୍ୟକ କରେ, ତାହା ହେଉଛି,ବିଭିନ୍ନ ପ୍ରକାରର ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କ ମଧ୍ୟରେ ରହିଥିବା ଅସମାନତା । ବିମୁଦ୍ରାକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ସାରା ଦେଶରେ ଲାଗୁ କରାଯିବା ଭଳି ସରକାରଙ୍କ ସର୍ବାଧିକ ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ଭାରତୀୟ ଅର୍ଥନୀତିକୁ ଆନୁଷ୍ଠାନିକୀକରଣ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଇଛି । ତେବେ ଏହା ବଡ଼ ବଡ଼ ପ୍ରତିଷ୍ଠାନମାନଙ୍କୁ ଅଧିକ ସୁହାଇବା ଭଳି ହୋଇଥିବା ପ୍ରକାଶ କରନ୍ତି କେତେକ ଅର୍ଥନୀତିଜ୍ଞ । ଆଉ ଏସବୁ ପଦକ୍ଷେପ ପରେ ପରେ ମହାମାରୀର ଅର୍ଥନୀତିକ ଯନ୍ତ୍ରଣା ଏହି ଧାରାକୁ ଅଧିକ ସୁଦୃଢ଼ କରାଇଥିବା ମଧ୍ୟ ସେମାନେ କହିଥାନ୍ତି । ସ୍ୱାଧୀନ ଓ ନିରପେକ୍ଷ ଅର୍ଥନୀତିଜ୍ଞମାନେ ଏହି ଧାରାରେ ଯୁକ୍ତି ଦର୍ଶାଉ ଥିବା ବେଳେ ଅସଂଗଠିତ ଉଦ୍ୟୋଗ କ୍ଷେତ୍ରଗୁଡ଼ିକ ସମ୍ପର୍କରେ ତଥ୍ୟର ଅଭାବ ଏହି ପ୍ରଶ୍ନର ଏକ ବ୍ୟାପକ ତଥା ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣକୁ ପ୍ରତିରୋଧ କରିଥାଏ। ଏହାର କାରଣ ମଧ୍ୟ ଏନ୍‌ଏ ସର୍ଭେ କ୍ଷେତ୍ରରେ ବିଳମ୍ବ କରାଯିବା । ଏସବୁ ଉପରୋକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇ ନାହିଁ । ଆଶା କରିବାରେ କୃଚିତ୍ର କୌଣସି ଅସ୍ୱାଭାବିକତା ରହିବ ଯେ ଦେଶର ପ୍ରମୁଖ ଶାସକ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୀତିକ ପରାମର୍ଶଦାତା ପରିଷଦ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଯେତେବେଳେ ଅସମାନତା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କୌଣସି ସଂସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି, ସେହି ସଂସ୍ଥା ସାଧାରଣ ଜନଜୀବନ ସହିତ ଓତଃପ୍ରୋତ ଭାବରେ ଜଡ଼ିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବାବଦରେ ତଥ୍ୟ ସଂଗ୍ରହ କରି ବେଶ୍ କେତେକ ଜଟିଳ ପ୍ରଶ୍ନର ଉ ର ବାହାର କରିବାର ଉଦ୍ୟମ କରିବ, ଯାହା ଦୃଷ୍ଟି ଆକର୍ଷଣକାରୀ ହେବା ସହିତ ସରକାରଙ୍କ ଉପର ସ୍ତରରେ ବିତର୍କର ଏକ ବିଷୟବସ୍ତୁ ପାଲଟିବ ଏବଂ ଦେଶବାସୀଙ୍କ ମଙ୍ଗଳ ନିମନ୍ତେ ଉଚିତ ନିର୍ଣ୍ଣୟ ନେବାରେ ସହାୟକ ହେବ । କିନ୍ତୁ ଏହି ଦୃଷ୍ଟିରୁ ରିପୋର୍ଟଟି ଆଶାନୁରୂପ ହୋଇଛି ବୋଲି କଦାଚିତ୍ କୁହାଯାଇ ପାରିବ।

## ଦେଶରେ ଦରଦାମ ନିୟନ୍ତ୍ରଣର ଚିତ୍ର



ଡକ୍ଟର ଲକ୍ଷ୍ମଣ ସାହୁ

ଏଭଳି ଏକ ଘଡିସନ୍ଧି ମୁହୂ ର୍ତରେ କାରର ମୂଲ୍ୟ ହ୍ରାସ ପାଉଛି । ଏହାର ଏକ ପ୍ରଭାବ ହେଉଛି ବଜାରରେ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଉଛି । କିଛି ଦିନ ପୂର୍ବରୁ, ଯଦି ଆପଣ ଏକ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ସହିତ ବଜାରକୁ ଯାଆନ୍ତି, ତେବେ ଆପଣ ଚାଉଳ - ଡାଲି - ତେଲ, ମସଲା, ଶସ୍ୟ, ଫଳ, ମାଛ - ମାଂସ କିଣି ପାରିବେ, କିନ୍ତୁ ବ ର୍ତମାନ ଆପଣ କମ୍ କିଣି ପାରିବେ । ଅର୍ଥର ମୂଲ୍ୟ ହ୍ରାସ ହେବାର ଅର୍ଥ ହେଉଛି ବୈଦେଶିକ ମୁଦ୍ରା ବଜାରରେ ଟଙ୍କା ଦୃଷ୍ଟିରୁ ଆମେରିକୀୟ ଡଲାରର ମୂଲ୍ୟ ବୃଦ୍ଧି ପାଉଛି । ଏହାର ଅର୍ଥ ବ ର୍ତମାନ ପ୍ରତ୍ୟେକ ଡଲାର କିଣିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହୁଏ । ମେ ୧୨ରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଅନୁଯାୟୀ, ଏପ୍ରିଲରେ ଦେଶରେ ଖୁଚୁରା ମୂଲ୍ୟର ବାର୍ଷିକ ଅଭିବୃଦ୍ଧି ହାର ୭.୬୯ % ଥିଲା । ଏହାର ଅର୍ଥ ହେଉଛି, ଏପ୍ରିଲ୍ ୨୦୨୧ ରେ ଥିବା ସାମଗ୍ରୀ ତୁଳନାରେ ଏପ୍ରିଲ୍ ୨୦୨୨ ରେ ଦ୍ରବ୍ୟର ମୂଲ୍ୟ ୬.୬୯ ପ୍ରତିଶତ ବୃଦ୍ଧି ପାଇଛି । ତୁଳନା ପାଇଁ, ମାର୍ଚ୍ଚ ୨୦୨୨ ରେ ମୁଦ୍ରାସ୍ଫୀତି ହାର ୮.୯୫% ଥିଲା ଏବଂ ଏପ୍ରିଲ୍ ୨୦୨୧ ରେ ଏହା ୪.୨୩% ଥିଲା ।

କେନ୍ଦ୍ର ସରକାର ପ୍ରଦାନ କରିଥିବା ଆକଳନରୁ ଆଉ ଦୁଇଟି ଜିନିଷ ସ୍ପଷ୍ଟ ହୋଇଛି । ଗୋଟିଏ ହେଉଛି, ସହରା ଳ ଭାରତରେ ଖଣିଜ ଦ୍ରବ୍ୟର ବୃଦ୍ଧି ଗ୍ରାମା ଳ ତୁଳନାରେ ଅଧିକ ହାରରେ ରହିଛି । ଏପ୍ରିଲ୍ ୨୦୧୨ ରେ, ସହରା ଳରେ ସାମଗ୍ରିକ ମୁଦ୍ରାସ୍ଫୀତି ହାର ୮.୦୯ % ଏବଂ ଗ୍ରାମା ଳରେ ଏହା ୭.୩୮ % ଥିଲା । ଦୁଇଟି, ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ହାର ସାମ୍ପ୍ରତିକ ସମୟ ଏବଂ ସହରଗୁଡିକର ସାମଗ୍ରିକ ମୁଦ୍ରାସ୍ଫୀତି ଠାରୁ ବହୁତ ଅଧିକ । ଗ୍ରାମା ଳରେ ୮.୫% ଏବଂ ସହରା ଳରେ ୬.୦୯% । ଅନ୍ୟ ଅର୍ଥରେ, ଖାଦ୍ୟ ମୂଲ୍ୟ ବୃଦ୍ଧି ଖୁଚୁରା ବଜାରରେ ସାମଗ୍ରିକ ମୁଦ୍ରାସ୍ଫୀତି ହାରକୁ ବୃଦ୍ଧି କରୁଛି । ଗାଁରେ, ଏକ ବର୍ଷ ପୂର୍ବେ, କିନ୍ତୁ ଚିତ୍ରଟି ସେପରି ନଥିଲା । ସାମଗ୍ରିକ ମୁଦ୍ରାସ୍ଫୀତି ହାର ବହୁତ କମ୍ ଥିବାରୁ ଗ୍ରାମା ଳ ବଜାରରେ ଦ୍ରବ୍ୟର ମୂଲ୍ୟ ସହରା ଳ ତୁଳନାରେ କମ୍ ଥିଲା ଏବଂ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ହାର ସାମଗ୍ରିକ ମୁଦ୍ରାସ୍ଫୀତି ହାରଠାରୁ ବହୁତ କମ୍ ଥିଲା । ଖାଦ୍ୟ ମୁଦ୍ରାସ୍ଫୀତି, ବିଶେଷକରି ଗ୍ରାମା ଳରେ, ଏପ୍ରିଲ୍ ୨୦୨୧ ରେ ୧.୩୧% ରେ ବହୁତ କମ୍ ଥିଲା । ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ମଧ୍ୟବି ମାନେ ନିଶ୍ଚିତ ଭାବରେ ଆତ୍ମବିଶ୍ୱାସ ହାସଲ କରୁଛନ୍ତି, କିନ୍ତୁ ଏହାର ଖରାପ ଅବସ୍ଥା ଗରୀବଙ୍କ ଉପରେ ପଡୁଛି । ଏହାର କାରଣ ହେଉଛି, ପ୍ରଥମତଃ , ସହର ଅପେକ୍ଷା ଗାଁରେ ଅଧିକ ଗରିବ ଲୋକ ବାସ କରନ୍ତି । ଦ୍ୱିତୀୟତଃ ଗରିବ ଲୋକ ଅପେକ୍ଷାକୃତ ଧନୀ ବ୍ୟକ୍ତିଙ୍କ ଅପେକ୍ଷା ଆୟର ଅଧିକ ଖର୍ଚ୍ଚ କରନ୍ତି । ତେଣୁ ଖାଦ୍ୟ ମୂଲ୍ୟ ବୃଦ୍ଧି ହେଲେ ସେମାନେ ଅଧିକ କଷ୍ଟ ପାଆନ୍ତି । ବିଶେଷକରି ଖୁଚୁରା ବଜାରରେ ଜିନିଷଗୁଡ଼ିକର ମୂଲ୍ୟ କାହିଁକି ବଢୁଛି ? ପେଟ୍ରୋଲିୟମ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ନିଶ୍ଚିତ ଭାବରେ ଏକ ବଡ କାରଣ । ଦୁନିଆ ଧୀରେ ଧୀରେ କୋଭିଡଙ୍କ କବଳରୁ ବାହାରକୁ ଆସିବା ପରେ ଅର୍ଥନୈତିକ କାରବାର ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସୁଥିଲା । ଫଳସ୍ୱରୂପ, ଉଭୟର ଚାହିଦା ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢୁଥିଲା ।

ଏହା ପରେ ରୁଷ- ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ଅ ଳରୁ ପେଟ୍ରୋଲିୟମ ଯୋଗାଣ ହ୍ରାସ ପାଇଛି, ପଶ୍ଚିମ ୟୁରୋପ ରୁଷର ପେଟ୍ରୋଲିୟମ ଉପରେ ପ୍ରତିବନ୍ଧକ ଲଗାଇଛି ଏବଂ ଯୁଦ୍ଧ ପାଇଁ ତୈଳର ଚାହିଦା ବୃଦ୍ଧି ପାଇଛି । ଯଦି ପେଟ୍ରୋଲ-ଡିଜେଲର ମୂଲ୍ୟ ବଢିଯାଏ, ତେବେ ପରିବହନ ମୂଲ୍ୟ ବଢିଯାଏ । ତେଣୁ ପ୍ରତ୍ୟେକ ଜିନିଷର ମୂଲ୍ୟ ବଢିବା ଉଚିତ୍ । ଏହା ଉପରେ, ରୁଷ-ୟୁକ୍ରେନ ଯୁଦ୍ଧ କେବଳ ଯୋଗାଣ ବ୍ୟବସ୍ଥାକୁ ଖରାପ କରୁଛି, ଯାହା କେବଳ କୋଭିଡଙ୍କ ସମୟରେ ସମଗ୍ର ବିଶ୍ୱରେ ବ୍ୟାହତ ହୋଇଥିଲା । ଫଳସ୍ୱରୂପ, ବିଶ୍ୱ ବଜାରରେ ଉ ଜନା ଦେଖାଦେଇଛି । କିନ୍ତୁ ଏସବୁ ସହିତ, ଯଦି ସାମଗ୍ରିକ ମୂଲ୍ୟ ବୃଦ୍ଧି ହେବାର କାରଣ ବୁଝାପଡେ । ଖାଦ୍ୟ ସାମଗ୍ରୀର ମୂଲ୍ୟ କାହିଁକି ପୃଥକ ଭାବରେ ବୃଦ୍ଧି ପାଇଲା ଏବଂ ସହର ଅପେକ୍ଷା ଗ୍ରାମରେ ଏହା କାହିଁକି ବୃଦ୍ଧି ପାଇଲା ସେ ସମ୍ବନ୍ଧରେ କୌଣସି ସ୍ପଷ୍ଟୀକରଣ ନାହିଁ । ବ ର୍ତମାନର ସମ୍ବାଦଦାତାଙ୍କ ତଥ୍ୟ ଅନୁଯାୟୀ ଖାଦ୍ୟ ମୂଲ୍ୟରେ ବୃଦ୍ଧି ହେବାର ଏକ ପ୍ରମୁଖ କାରଣ ହେଉଛି ଦେଶର ଖୋଲା ବଜାରରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାରେ, ବିଶେଷକରି ଖାଦ୍ୟ ଶସ୍ୟ ଯୋଗାଣକୁ କଡାକଡି କରିବା ।

ଏହା ପଛରେ ଦୁଇଟି ମୁଖ୍ୟ କାରଣ ଅଛି । ପ୍ରଥମ କାରଣ ହେଉଛି ଖାଦ୍ୟ ଶସ୍ୟ ରପ୍ତାନିରେ ବୃଦ୍ଧି । ଦ୍ୱିତୀୟ କାରଣ ହେଉଛି ବିଭିନ୍ନ କଲ୍ୟାଣକାରୀ ପ୍ରକଳ୍ପରେ ବ ନ ପାଇଁ ଅଧିକ ସରକାରୀ ଶସ୍ୟ ସଂଗ୍ରହ । ଗତ କିଛି ବର୍ଷ ମଧ୍ୟରେ ଚାଉଳ ଏବଂ ଗହମ ରପ୍ତାନି ଯଥେଷ୍ଟ ବୃଦ୍ଧି ପାଇଛି । ୨୦୧୫-୨୦୧୬ ତୁଳନାରେ, ଗହମ ସମେତ ଚାଉଳକୁ ବାଦ ଦେଇ ଅନ୍ୟ ଖାଦ୍ୟ ଶସ୍ୟର ରପ୍ତାନି ୨୦୧୫-୨୦୧୬ ତୁଳନାରେ ଆମେରିକୀୟ ଡଲାରରେ ୧.୬ ଗୁଣ କିମ୍ବା ୧୬% ବୃଦ୍ଧି ପାଇଛି । କିଛି ସମୟ ପାଇଁ, ୟୁକ୍ରେନରୁ ଗହମର ଯୋଗାଣ ବିଶ୍ୱ ବଜାରରେ ପହ ି ନାହିଁ । ତେଣୁ ୨୦୨୧-୦୨୨ ମସିହାରେ ଭାରତୀୟ ଗହମ ରପ୍ତାନି ଆହୁରି ବୃଦ୍ଧି ପାଇଛି । ରପ୍ତାନି ମୂଲ୍ୟ ? ୨.୫ ବିଲିୟନ ଅତିକ୍ରମ କରିଛି - ଯାହା ୨୦୧୫-୦୧୬ ତୁଳନାରେ ପ୍ରାୟ ସାତ ଗୁଣ ଅଧିକ । ମନେପକାଇ ଦିଆଯାଇପାରେ ଯେ ନିକଟରେ କେନ୍ଦ୍ର ସରକାର ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏଥି ସହିତ ୨୦୧୫-୦୧୬ ରୁ ୨୦୨୦-୦୨୧ ମଧ୍ୟରେ ଚାଉଳ ରପ୍ତାନି ୫୦ % ବୃଦ୍ଧି ପାଇଛି, ଯାହାକି ୨୦୨୧-୨୨ ରେ ବହୁତ ଅଧିକ । ୨୦୧୯-୦୨୦ ଚାଉଳରେ, ବାସମତି ବ୍ୟତୀତ ଚାଉଳର ରପ୍ତାନି ମୂଲ୍ୟ ୨୦୦ ମିଲିୟନ୍ ଥିଲା । ୨୦୨୧-୦୨୨ ମସିହାରେ ଏହା ୮୧୧ କୋଟି ଡଲାରକୁ ବୃଦ୍ଧି ପାଇଛି । ଏହା ମନେ ରଖିବା ଉଚିତ ଯେ ୨୦୧୫-୦୧୬ ରୁ ୨୦୨୦-୦୨୧ ମଧ୍ୟରେ ସମସ୍ତ ଉତ୍ପାଦର ମୋଟ ରପ୍ତାନି ମାତ୍ର ୧୦ % ବୃଦ୍ଧି ପାଇଛି । ସେହି ଦୃଷ୍ଟିରୁ, ଖାଦ୍ୟ ଶସ୍ୟ ରପ୍ତାନୀର ଅଭିବୃଦ୍ଧି ଅଦୃଶ୍ୟ ଅଟେ । ରପ୍ତାନିରେ ବୃଦ୍ଧି ହେତୁ ଦେଶର ବଜାରରେ ଯୋଗାଣ ହ୍ରାସ ପାଇଛି । ଏଥିରେ ଯୋଗ କରାଯାଇଛି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା । ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ଅଧୀନରେ କେବଳ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁଯାୟୀ ମାସକୁ ବହୁ ସଂଖ୍ୟକ ନାଗରିକଙ୍କୁ ସେମାନଙ୍କ ମୌଳିକ ଖାଦ୍ୟ ଯୋଗାଇ ପାରିବେ ।

ବିଶେଷ କରି କିଲୋଗ୍ରାମ କିମ୍ବା ଚାଉଳ ମୁକ୍ତ ବ ନ ମାର୍ଚ୍ଚ ୨୦୨୦ ରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏହା ପରେ, ଏହାର ସମୟସୀମା ବିଭିନ୍ନ ପର୍ଯ୍ୟାୟରେ ବୃଦ୍ଧି କରାଯାଇଛି । ସର୍ବଶେଷ ଘୋଷଣା ଅନୁଯାୟୀ, ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଚାଲିବ । ଏହି ବିଶାଳ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଖାଦ୍ୟ ବ ନ ପ୍ରକଳ୍ପରେ ଯୋଗ କଲେ ଏହା ବୁଝାଯିବ ଯେ ଶସ୍ୟ ଉତ୍ପାଦନର ଅଂଶ ସରକାର ଗରିବ ଲୋକଙ୍କ ମଧ୍ୟରେ ବ ନ ପାଇଁ ସଂଗ୍ରହ କରୁଛନ୍ତି । ଯାହାଫଳରେ ଏହା ଖୋଲା ବଜାରରେ ପହ ୁନାହିଁ । ମୋଟ ଉପରେ ଯୋଗାଣ ହ୍ରାସ ପାଇଛି, ଖାଦ୍ୟଶସ୍ୟର ମୂଲ୍ୟ ବୃଦ୍ଧି ପାଇଛି । ରପ୍ତାନି କିମ୍ବା ବ ନ ପାଇଁ ଆବଶ୍ୟକ ଖାଦ୍ୟ ଶସ୍ୟ ଗ୍ରାମ ବଜାରରୁ କ୍ରୟ କରାଯାଉଥିବାରୁ ଗ୍ରାମ ବଜାରରେ ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ପାଇଛି । ମୁଦ୍ରାସ୍ଫୀତି ହ୍ରାସ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଏଠାରେ କିଛି ମନ୍ତବ୍ୟ ଦିଆଯାଇଛି । ସୁଧ ହାର ବୃଦ୍ଧି, ମୁଦ୍ରାସ୍ଫୀତି ବାତିଲ କରିବାକୁ ପୂର୍ବ ଔଷଧ; ଏବଂ ନଗଦ ରିଜର୍ଭ ଅନୁପାତ ବଢାନ୍ତୁ, ଯାହା ହେଉଛି ନଗଦ ଯାହା ବାଣିଜ୍ୟିକ ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କରେ ଜମା କରିବା ଆବଶ୍ୟକ । ରିଜର୍ଭ ବ୍ୟାଙ୍କ ଉଭୟକୁ ବୃଦ୍ଧି କରିଛି । ଯେତେବେଳେ ସୁଧ ହାର ବଢେ, ବ୍ୟାଙ୍କରୁ ଋଣ ନେଇ ଘର-କାର କିଣିବାର ପ୍ରବୃ ି କମିଯାଏ, ଫଳସ୍ୱରୂପ ବଜାରରେ ଦ୍ରବ୍ୟର ଚାହିଦା କମ୍ ହୋଇଯାଏ । ନଗଦ ରିଜର୍ଭ ଅନୁପାତ ବଢିବା ସହିତ ଲୋକଙ୍କ ହାତରେ ନଗଦ ଯୋଗାଣ କମିଯାଏ ଏବଂ ସାମଗ୍ରୀର ଚାହିଦା କମିଯାଏ । ଯଦି ଚାହିଦା ହ୍ରାସ ହୁଏ, ଦ୍ରବ୍ୟର ମୂଲ୍ୟ ହ୍ରାସ ପାଇବ । କହିବାକୁ ଗଲେ ଖାଇବା ତେଲ ୨୦୦, ପେଟ୍ରୋଲ-୧୧୫, ଡିଜେଲ -୧୦୩, ଗ୍ୟାସ -୧୦୨୬/-,ଟମାଟୋ -୧୦୦/-ଟିଭି ଚାନେଲ ସବୁ -୬୫୦/-ତା ସହିତ ସମସ୍ତ ସାମଗ୍ରୀ ଓ ଔଷଧର ଅହେତୁକ ମୂଲ୍ୟ ବୃଦ୍ଧି ! ଏହା କ'ଣ ଦେଶ ବିକାଶର ଚିତ୍ର..???

ସମସ୍ୟା ହେଉଛି ସମ୍ପ୍ରତି ମୂଲ୍ୟରେ ବୃଦ୍ଧି ଚାହିଦା ବଢାଇବା ନୁହେଁ, ଯୋଗାଣ ହ୍ରାସ କରିବା । ଆର୍ବିଆଇର ଔଷଧର ଚାହିଦା ହ୍ରାସ ହେତୁ ମୁଦ୍ରାସ୍ଫୀତି କିଛି ମାତ୍ରାରେ ହ୍ରାସ ହୋଇପାରେ । କିନ୍ତୁ ଉତ୍ପାଦନ ଏବଂ ନିଯୁକ୍ତି ଆହୁରି ହ୍ରାସ ପାଇବ। ଏହା ଭାରତୀୟ ଅର୍ଥନୀତି ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ନାହିଁ । ବିଶେଷକରି ଦେଶର ଖୋଲା ବଜାରରେ ଖାଦ୍ୟଶସ୍ୟ ଯୋଗାଣ ବୃଦ୍ଧି ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଥାନ୍ତେ ଭଲ ହୋଇଥାନ୍ତା । ଶେଷରେ, ଟଙ୍କା ଦୃଷ୍ଟିରୁ ଡଲାରର ବୃଦ୍ଧି ମୂଲ୍ୟ ବିଷୟରେ ଗୋଟିଏ ବା ଦୁଇଟି ଶବ୍ଦ । ଆମକୁ ଡଲାର ସହିତ ଅନ୍ତର୍ଜାତୀୟ ବଜାରରୁ ତେଲ କିଣିବାକୁ ପଡିବ ?। ଯେହେତୁ ଡଲାର ମୂଲ୍ୟ ବଢୁଛି, ତେଲର ମୂଲ୍ୟ ମଧ୍ୟ ବଢୁଛି । କିନ୍ତୁ କାହିଁକି କେବଳ ଟଙ୍କା, ବ୍ରିଟିଶ ପାଉଣ୍ଡ, ୟୁରୋ, ୟେନ, ଡଲାର ସବୁ ଜିନିଷରେ ବୃଦ୍ଧି ପାଉଛି । ଏହାର କାରଣ ହେଉଛି ବୈଦେଶିକ ମୁଦ୍ରା ବଜାରରେ କଳ୍ପନାକାରୀମାନେ ଭାବନ୍ତି ଯେ ଆଜିର ଅଶାନ୍ତ ଦୁନିଆରେ ଆମେରିକୀୟ ଡଲାର ସବୁଠାରୁ ସୁରକ୍ଷିତ ମୁଦ୍ରା ଅଟେ । ତେଣୁ ସେମାନେ ଅନ୍ୟ ସମସ୍ତ ମୁଦ୍ରା ବିକ୍ରି କରି ଡଲାର କିଣୁଛନ୍ତି । କୌତୁହଳର ବିଷୟ ହେଉଛି, ଆମେରିକାରେ ମୁଦ୍ରାସ୍ଫୀତି ହାର ବ ର୍ତମାନ ୭.୩ % ଅଟେ । ଯାହା ଆମ ଦେଶ ତଥା ଅନ୍ୟାନ୍ୟ ଦେଶରେ ମୁଦ୍ରାସ୍ଫୀତି ହାରଠାରୁ ଅଧିକ। ସେହି ଦେଶରେ ନକାରାତ୍ମକ ପ୍ରକୃତ ସୁଧ ହାର ବ ର୍ତମାନ ଆମ ଦେଶ ତୁଳନାରେ କମ୍ ଏବଂ ଆହୁରି ଅନେକ । ତଥାପି କଳ୍ପନାକାରୀମାନେ କାହିଁକି ଡଲାର କିମ୍ବା ଡଲାର-ବଣ୍ଡ ଆଡକୁ ଝୁଲି ରହିଛନ୍ତି ତାହା ଏକ ରହସ୍ୟ...!!!


ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦ ୧୫୧୪ ୭୫


## ବାଲେଶ୍ୱର ଜିଲ୍ଲାର ଭାଗ୍ୟ, ମୁଖ୍ୟମନ୍ତ୍ରୀ ଜିଲ୍ଲାପାଇଁ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଲେ



ସୁବ୍ରତ କର

ଜିଲ୍ଲାକୁ ସେମିତି କିଛି ଆଖି ଦୃଶିଆ ଏ ପର୍ଯ୍ୟନ୍ତ ମିଳି ନଥିଲା । ଆମର ଭାଗ୍ୟ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ମୋଟ ବ୍ୟୟ ବରାଦ ହେଉଛି ୧୩୩.୯କୋଟି ଟଙ୍କା । ବେଶ କିଛିବର୍ଷ ହେବ ଜିଲ୍ଲାରେ ସେମିତି କିଛି ଆଖି ଦୃଶିଆ ପ୍ରକଳ୍ପ ଆସି ନଥିଲା । ଜଗନ୍ନାଥଙ୍କ କୃପା ଦୁଇଟି ପ୍ରକଳ୍ପ ପ୍ରାୟ ୧୩୪ କୋଟି ଟଙ୍କା ବିନିଯୋଗ ହେବ ବୋଲି ସରକାର ଠିକଣା କରିଛନ୍ତି । ପ୍ରଥମଟି ହେଲା ଗଡଜରଜ ମେରାଇନ ଏକ୍ସପୋର୍ଟସ ତରଫରୁ ୬୮.୧୧ କୋଟି ଟଙ୍କା ଖର୍ଚ୍ଚ କରାହୋଇ ଫସ ମିଲ ପ୍ଲାଣ୍ଟ ହେବା ଅନ୍ୟଟି ହେଲା ଗ୍ରୋୱେହ ଫିଡସ୍ ୬୫.୮୨ କୋଟି ଟଙ୍କା ବିନିମୟରେ ତିଆରି ହେବ । ଏ ଗୁଡ଼ିକର ଅତି ଦରକାର ଥିଲା, କାରଣ ବାଲେଶ୍ୱର ଜିଲ୍ଲା ଚିଙ୍ଗୁଡ଼ି ଏବଂ ମାଛ ଉତ୍ପାଦନରେ ଅଗ୍ରଣୀ ଜିଲ୍ଲା । ଚିଙ୍ଗୁଡ଼ି ଏବଂ ମାଛ ପାଇଁ ଭାରତରେ ଥିବା ରାଜ୍ୟମାନଙ୍କଠାରୁ ଆସି ଏଜେଣ୍ଟ ମାଧ୍ୟମରେ ଚାଷୀମାନଙ୍କୁ ବିକ୍ରି ହେଉଛି । ନିଶ୍ଚିତ ଭାବରେ ଏହାର ଦର ଖାଦ୍ୟ ତିଆରି କରୁଥିବା କମ୍ପାନି ଉପରେ ନିର୍ଭର କରୁଛି । ଏହି ଦୁଇଟି ଖାଦ୍ୟ ପ୍ରକ୍ରିୟା କାରଣ ଶିଳ୍ପ ବାଲେଶ୍ୱରରେ ସ୍ଥାପନ ହେଲେ ଚାଷୀମାନେ ସୁଲଭ ଦର ଏବଂ ସୁବିଧାରେ ପାଇ ପାରିବେ ଏବଂ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ଏବେ ଯେଉଁ ପ୍ରକାରର ଚାଷ ହେଉଛି ସେଇଟା ବାଇବେକ୍ ପଦ୍ଧତିରେ ହେଉଛି । ଏହାର ଅର୍ଥ ଚିଙ୍ଗୁଡ଼ି ପ୍ରକ୍ରିୟା କରଣ ଯେତେଗୁଡ଼ାଏ ଶିଳ୍ପ ବାଲେଶ୍ୱରରେ ଅଛି ସେମାନଙ୍କ ମାଲିକମାନେ ଛୋଟ ଛୋଟ ଚିଙ୍ଗୁଡ଼ି ଚାଷୀମାନଙ୍କୁ ସବୁ ପ୍ରକାରର ସାହାଯ୍ୟ ଯୋଗାଇ ଦେଉଛନ୍ତି । ଯେମିତି ଖାଦ୍ୟ, ଯନ୍ତ୍ରପାତି, ଜାଲ ଏବଂ ଚିଙ୍ଗୁଡ଼ି ଜାଆଁଳ । ଚାଷୀ ଖାଲି ପୋଖରୀଟିର ମାଲିକ । ଚାଷ ହେଲା ପରେ (ପ୍ରାୟ ୪ମାସ ଲାଗେ) ଯେତେବେଳେ ଚିଙ୍ଗୁଡ଼ି ଠିକ୍ ସାଇଜର ପହଞ୍ଚନ୍ତି ଏବଂ ଧରା ହେଲା ପରେ ଚିଙ୍ଗୁଡ଼ିର ମାଲିକ ହୁଅନ୍ତି ଚିଙ୍ଗୁଡ଼ି ପ୍ରୋସେଙ୍ଗ ପ୍ଲାଣ୍ଟର ଅଧିକାରୀମାନେ ସେ ମନମୁଖୀ ଦରରେ ଏବଂ ଓଜନରେ ଏପଟ ସେପଟ କରି ଛୋଟ ଛୋଟ ଚାଷୀମାନଙ୍କ ପାଖରୁ ନେଇ ନିଅନ୍ତି । ଚାଷୀମାନଙ୍କ କିଛି କହିବାର ନଥାଏ କାରଣ ଏହି ଚାଷରେ ବିଶେଷ ଖର୍ଚ୍ଚ କରିବାକୁ ପଡ଼ିନଥାଏ, ଅନେକଙ୍କର ବୈଷୟିକ ଜ୍ଞାନର ଅଭାବ ଥାଏ ଏବଂ ସିଧାସଳଖ ଏତେ ପରିମାଣରେ ଉତ୍ପାଦନ ହେଉଥିବା ଚିଙ୍ଗୁଡ଼ି ଏକା ସାଙ୍ଗରେ ନେବା ପାଇଁ କ୍ରେତା ନଥାଏ । ଏହାର ମୂଳ କାରଣ ଏହା ଖୁବ୍ କମ୍ ମାଲିକଙ୍କ ଦ୍ୱାରା ପରିଚାଳିତ ଏବଂ ତାଙ୍କର ଜିଲ୍ଲାସ୍ତରରେ ଏବଂ ରାଜ୍ୟସ୍ତରରେ ସଂଘ ଅଛି । ସେମାନେ ବସି ଯାହା ଠିକ୍ କରିବେ ତାହା ମତ୍ସ୍ୟଚାଷୀମାନଙ୍କୁ ମାନିବାକୁ ପଡ଼େ । ଏହାର ଦରଧାର୍ଯ୍ୟ ଏବଂ କିଣାବିକା ଉପରେ ସରକାରଙ୍କ କୌଣସି କୃତିତ୍ୱ ନାହିଁ । ସରକାରଙ୍କ ମତ୍ସ୍ୟ ବିଭାଗ ଏହା ଉପରେ ନଜର ଦେବା ଦରକାର ଏବଂ ସରକାର ମଧ୍ୟ ଏହା ଉପରେ ଦୃଷ୍ଟିଦେବା ଦରକାର । ନାହିଁ ମାମୁଁଠୁ କଣାମାମୁଁ ଭଲ ।






### ଥୁଣ୍ଟା ବରଗଛଟିଏ

ଉତ୍କଳିକା ଦାଶ

ଶୂନ୍‌ଶାନ୍ ରାସ୍ତା
ଥୁଣ୍ଟା ବରଗଛ ଟିଏ
କେତେ ଯେ ବିତିଛି
ବର୍ଷାଭରା ରାତି
ଆଉ ବୈଶାଖର
ଝାଞ୍ଜି ଖରା ତାତି ।

ବିତିଗଲା ଦିନ
ପାହିଗଲା ରାତି
ବର୍ଷ ପରେ ବର୍ଷ
ମାସ ପରେ ମାସ
ହଜିଗଲା ଯୌବନର ଉଦ୍ଦାମତା
ବୟସର ଅପରାହ୍ନରେ
ଜୀର୍ଣ୍ଣଶୀର୍ଣ୍ଣ ଶରୀରରେ
ବୁଝିପାରିଛି ଜୀବନର ବାସ୍ତବତା
ମେଲି ନ ପାରେ
ଛାୟାର ଶୀତଳତା
ଦେଇ ନ ପାରେ
ସବୁଜ ପତ୍ର ଭରା ସୁନ୍ଦରତା
ସାଜି ତ ପାରିବି
କେଉଁ ଏକ
ଭୋକିଲା ପରିବାରର ରୋଜଗାର
ଜୀର୍ଣ୍ଣସିନା ଶରୀର
ମନ ମୋର ଏବେବି ଯୁବକ
ଦେଖି ପାରିବିନି କାହା ଆଖିର ଲୋତକ
ଚେଷ୍ଟିତ ରହିବି
ମୃତ୍ୟୁ ପର୍ଯ୍ୟନ୍ତ
କହୁ ମୋତେ ଯାହା ପଛେ ଯିଏ
ହୋଇ ରହିଥିବି ଥୁଣ୍ଟା ବର ଗଛଟିଏ ।


ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩


### ପ୍ରେମ ପରିଭାଷା

ସୁନନ୍ଦା ମହାନ୍ତି

ପ୍ରେମ ଏକ ପଦ୍ମବନ
ପୁଲକିତ ତନୁ ମନ
ହୃଦୟେ ଭରି କମ୍ପନ
ସମ୍ବେଦନ ଓ ନିବେଦନ
ପ୍ରେମ କେବେ ଜତୁଗୃହ
ପ୍ରତାରଣା ଭରେ କୋହ
ବୁନ୍ଦା ବୁନ୍ଦା ଆଖି ଲୁହ
ଦେହ ଓ ଦାହ ମଝି ମୋହ
ପ୍ରେମ ଶୀତଳ ଚନ୍ଦନ
ଆଖିରେ ଭରି ସମ୍ମୋହନ
ଭରସା ଦିଗବାରେଣୀ ଚିହ୍ନ
କେବେ ପୁଣି ମଳାଜହ୍ନ
ପ୍ରେମ ଯେବେ ପ୍ରତାରଣା
ଭୁଲ ଠିକ ବୁଝାମଣା
ଖୋଜେ ପଥିକ ଠିକଣା
ବାଟରେ ଘାଟ ପାଉଣା
ପ୍ରେମ ଶାଶ୍ୱତ ନିର୍ମଳ
ଦର୍ଶନ ଦର୍ଶନୀ ଆଡୁଆଳ
ନାହିଁ ଆନ୍ଦୋଳନ ହରତାଳ
କେବଳ ଓଁମର କାକତାଳ


♥ ସାକ୍ଷୀଗୋପାଳ
ପୁରୀ
ମୋ: ୭୦୦୮୯୪୨୨୧୫


### ଉତ୍କର୍ଷ ଉତ୍କଳ

ଲୀଳାବତୀ ପରିଡ଼ା

ମଗୋଭାଷା ଓଡ଼ିଆ ଭାରି ତ ବଢିଆ
ଛାନ୍ଦ ଚମ୍ପୁରେ ଯା ଭରା,
ଓଡ଼ିଶୀ ମାହିରୀ ଗୋଟି ପୁଅ ନାଚ,
ଦଣ୍ଡଯାତ ଯେ ନିଆରା।
ନାମ ସଙ୍କୀ ର୍ତନ ଭଜନ ଜଣାଣ,
ଭାଗବତ ପାରାୟଣ,
ଶଙ୍ଖ ଚକ୍ର ଗଦା ପଦ୍ମଧାରୀ ଯହିଁ
ବିଜେ ସ୍ୱୟଂ ନାରାୟଣ।
ସେପୁଣ୍ୟମାଟିରେ ଜନ୍ମେ ଲଭେ ଯିଏ
ନିଶ୍ଚେ ଭାଗ୍ୟବାନ ସିଏ,
ଉତ୍କର୍ଷ ଉତ୍କଳ ସେ ମଗୋ ମାତୃଭୂମି,
ତା ଚରଣେ ମଥା ଛୁଏଁ।

କୁଆଁର ପୁନେଇଁ ଖୁଦୁରୁକୁଣି ଯେ
ନୂଆଖାଇ ଭେଟ ଘାଟ,
ଅମ୍ଳାନ ସଂସ୍କୃତି ଆମ ପରମ୍ପରା,
ପାଲା ଦାସକାଠି ନାଟ ।
ମୋ ଚଷାଭାଇ ର ପଖାଳକଂସା ରେ
କେତେ ଯେ ଶକତି ଥାଏ,
ଦିନ ରାତି ଖଟି ଆନନ୍ଦେ ଜଗତ
ମୁହଁରେ ଆହାର ଦିଏ।
ରତ୍ନ ଗର୍ଭା ସ୍ୱର୍ଣ୍ଣ ପ୍ରସୁ ମଗୋ ଉତ୍କଳ
ତା ଚରଣେ ମଥା ଛୁଏଁ।

ମାଟି ଯା ଚନ୍ଦନ ଜଳ ସୁଧା ସମ
ଧାମ ଯା ସରଗ ଧାମ,
ମ ର୍ତ୍ତ୍ୟ ବଇକୁଣ୍ଠ ଅଟେ ମଗୋ ଉତ୍କଳ
ରଖିବା ତାହାର ନାମ।
ପୂଣ୍ୟତୋୟା ବୈତରଣୀ ବ୍ରାହ୍ମଣୀ ସେ
କଳ କଳ ଯହିଁ ବହେ,
ସଂଜ ଆଳତୀ ରେ ଭାଗବତ ଟୁଙ୍ଗି



ଯା ପୋଥି ପୁରାଣ କହେ।
ଉତ୍କର୍ଷ ଉତ୍କଳ ସେ ମଗୋ ମାତୃଭୂମି,
ତା ଚରଣେ ମଥା ଛୁଏଁ।


କୁଟୁଣିଆଁ,ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬


### ପ୍ରତିବାଦ

ବାପିନି ସିଂ



ପରିବ ର୍ତ୍ତିତ ପରିସ୍ଥିତିର
ଅଜସ୍ର ଅନୁଭବ
ଅଡ଼ି ବସିଛି ଦିନ କେଇଟାରେ
ସତ୍ୟକୁ ସାମ୍ନା କରିବାକୁ ।
ବିଶ୍ୱାସର ବହଳେ ଅନ୍ଧାର
ଓହଳି ପଡ଼ିଛି
ଭାରସାମ୍ୟ ହରାଇ ବସିଥିବା
ଭରସାର ଆତ୍ମପ୍ରତ୍ୟୟ ଦେହରୁ
ଭୁଲିଯିବା ପାଇଁ
ବ ର୍ତ୍ତିବାର ଅନିଶ୍ଚିତତାକୁ ।

ସ୍ୱାର୍ଥପରତାର କଳଙ୍କକୁ
ଅହରହ ବିଦାରି ପକାଉଛି
ସମ୍ଭାବନାର ସମ୍ଭୋଗକୁ ।
ନର୍କ ଯନ୍ତ୍ରଣାରେ ଛଟପଟ
ଆତ୍ମୀୟତା ଅଜାଣତେ ବିଳପି ଉଠୁଛି
କିଏ ନିଜର କିଏ ପର
ତାହା ପରଖି ନେବାକୁ ।

ଚତୁରତାର ଚତୁର୍ଭୁଜ ଭିତରେ
ବନ୍ଦୀହୋଇ ସିଏ କଳି ନଉଛି
ତା'ର କରାମତି
ରକ୍ତର ସମ୍ପର୍କ ବି ବାଟ ଓଗାଳୁଛି ।
ସୁରକ୍ଷିତ ଜୀବନ ଟିକକ ପାଇଁ
ନିରାପଦ ଜାଗାଟିଏ ଖୋଜୁ ଖୋଜୁ
ପୁଣି ସେହି ନର୍କପୁରେ
ସହଜରେ ପହ ି ଯାଉଛି ।

କ କିତ ଫେରିବା ବାଟକୁ
ଉଖାରି ତିଆରି କରିଦେଉଛି
ସଳଖ ସୁନ୍ଦର ମନଲୋଭା ରାସ୍ତାଟିଏ
ରାସ୍ତା ସେପଟେ କୃତିମତାର କଳ୍ପତରୁ
ରାସ୍ତା ଏପଟେ ସଂକଳ୍ପର ସ୍ୱର୍ଗଦ୍ୱାର
ସବୁକିଛି ଲାଗୁଛି ବିସ୍ମୟ ।
ଅପରିଣାମଦର୍ଶୀତାର
ଅଖଣ୍ଡ ନୀରବତା କ୍ଷଣକେ
ହୋଇଯାଉଛି କୋଳାହଳମୟ ।


ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ
ଛାତ୍ର
ଫକୀରମୋହନ
ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
ମୋ-୯୯୩୭୮୨୦୮୩୧




ଶରତ କୁମାର ଦାସ

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ସୋନାଲୀ ଦେବୀ

ସୋନାଲୀ ଦେବୀ ଶିକ୍ଷିତା, ମେଳାପୀ ପୁଣି ଚତୁର । କଥା କହିବାରେ ଧୁରନ୍ଧର । ପାଟିରେ ବାଟୁଳି ବାଜେନି ଜମା । ଖୁବ୍ ମିଠା ମିଠା କଥା କହି ଅନ୍ୟର ମନ କିଣିବାର କଳାଟି ତାଙ୍କୁ ଖୁବ୍ ଭଲଭାବେ ଜଣା । ଦୁନିଆର ସବୁ ବିଦ୍ୟା ଜାଣନ୍ତି ବୋଲି ସବୁବେଳେ ସେ ଦାବିକରନ୍ତି । ଦାନୀ ପଣରେ ମଧ୍ୟ ଖୁବ୍ ଜଣାଶୁଣା । ପୁନେଇପରବ ଆସିଗଲେ କଥାଟି ନିଆରା । ନାନା ପ୍ରକାର ସୁସ୍ୱାଦୁ ପିଠାପଣା କରି ପଡୋଶୀମାନଙ୍କୁ ବାଣ୍ଟିବାରେ ସେ ଖୁବ୍ ଖୁସି ହୁଅନ୍ତି । ଏ ଦେବାନେବାରେ ସେ ଗୋଟିଏ କଥା ଆଖି ଆଗରେ ରଖିଥାନ୍ତି । ତାହା ହେଉଛି ତାଙ୍କ ପତିଆରା । ଶହେରେ ଜଣେ ହେବାକୁ ସର୍ବଦା ସେ ପସନ୍ଦ କରନ୍ତି । ସେଥିପାଇଁ ଯାହା ତାଙ୍କର ବାକ୍ ଚାତୁରୀ ର ପ୍ରୟୋଗ ।

ସକାଳୁ ସଂଜ ଯାଏ କାହିଁ କେତେ କେଜାଣି ଗପର ସୁଅ ଛୁଟୁଥାଏ । ଯିଏ ଦେଖା ହେଲା ତା' ସହିତ ଅନର୍ଗଳ ଗପ । ପୁଣି ଘ । ଘ । ଧରି । 'ଆଜି ରୋଷେଇ କ'ଣ ହୋଇଛି, ପୁଅ ଓ ସ୍ୱାମୀଙ୍କ କିଭଳି ମନ ଜାଣି ଖାଇବାକୁ ଦିଅନ୍ତି ସେ, ତାଙ୍କ ଘରେ କ'ଣ ହେଲା, ଆଙ୍କ ଘରେ କ'ଣ ହେଲା , ତାଙ୍କ ପୁଅ ଭଲ ପାଠ ନ ପଢି କିପରି ଚାକିରୀ ପାଇଗଲା, ଯାଙ୍କ ଝିଅ କୋଉ ଟୋକା ସାଙ୍ଗରେ ପଳାଇଗଲା ଇତ୍ୟାଦି ଇତ୍ୟାଦି ।' ସେ ଗପରେ ନା ଥାଏ ଆଗ ନା ଥାଏ ପଛ । କେବଳ ସମୟ ନଷ୍ଟ ଛଡା ଆଉ କିଛି ନୁହେଁ । ତାଙ୍କର ଏ ଗପୁଡି ଗୁଣ ପାଇଁ ଅନେକ ଥର ସେ ତାଙ୍କ ପୁଅ ଓ ସ୍ୱାମୀଙ୍କ ଠାରୁ ଅନେକ ଗାଳି ଖାଇଛନ୍ତି ବୋଲି ସୋନାଲୀ ଦେବୀ ସଗର୍ବେ ଦାବି କରିବାର ସମସ୍ତେ ଜାଣନ୍ତି ।

ଅନେକ ସମୟରେ ନିଜର ଦେଖେଇହେବା ଗୁଣକୁ ନେଇ ସୋନାଲୀ ଦେବୀ ଚର୍ଚ୍ଚାରେ ଥାଆନ୍ତି । ଅମୁକ ଲୋକ ସମୁକ ଦେଲା ....ସମୁକ ଲୋକ ଅମୁକ ନେଲା । ତାଙ୍କ ବାଡିର ଆମ୍ବ ଭାରି ଖଟା, ଆମ ବାଡିର ଆମ୍ବ ଭରି ମିଠା ଇତ୍ୟାଦି କହିବା ତାଙ୍କର ଗୋଟିଏ ନିତି ଦିନିଆ ଅଭ୍ୟାସ । କଥା କଥା କେ ମୋ ପୁଅ ଅମୁକ ଖାଏ, ତା ପୁଅ ସମୁକ ଖାଏ ଇତ୍ୟାଦି ଇତ୍ୟାଦି । କିଛି କାମ ନଥାଏ । ଖାଲି ଟହଲ ମାରୁଥାନ୍ତି ଏପଟ ସେପଟ ।

ସୋନାଲୀ ଦେବୀ ଖୋଦ୍ ରାଜଧାନୀର ଝିଅ । ବାପା ତାଙ୍କର ବଡ ଅଫିସର । ମୁଠା ମୁଠା ଟଙ୍କା ତାଙ୍କ ପକେଟରେ ପଶେ ମାସକୁ ମାସ । ଦୁଇ ଭାଇ ଇଂଜିନିୟର ।

ଜଣେ ଆମେରିକାରେ ଆଉ ଜଣେ ଇଟାଲୀରେ । ସୋନାଲୀ ଦେବୀ ବାପ ମା' ଙ୍କର ଗୋଟିଏ ଝିଅ । ସେଥିପାଇଁ ତାଙ୍କର ଗର୍ବ ମଧ୍ୟ କମ୍ ନୁହେଁ । କଥା କହିଲା ବେଳେ ସବୁବେଳେ ବିଦେଶୀ କମ୍ପାନୀମାନଙ୍କର ଉଚ୍ଚ ପ୍ରଶଂସା । ତାଙ୍କ ପୁଅ ଓ ସ୍ୱାମୀ କୁଆଡେ ଭାରତୀୟ କମ୍ପାନୀର କପଡା କି ଯୋତା ପିନ୍ଧନ୍ତି ନାହିଁ । ସେ ନିଜେ ମଧ୍ୟ ବର୍ଷରେ ଥରେ ଅଧେ ଭାଇମାନଙ୍କ ପାଖକୁ ବୁଲିଯିବା ବାହାନାରେ ଭଲରକମର ବଟି ଆଦାୟ କରିଦିଅନ୍ତି । ଭାଉଜଭାନଙ୍କର ପୁରୁଣା ଲୁଗାପଟା ଆଣି ପିନ୍ଧନ୍ତି । ସେଥିରେ ପୁଣି ଏତେ ଗର୍ବ ।କିନ୍ତୁ ଅନ୍ୟ ପାଖରେ ସେସବୁ ନିଜେ କିଣିଛନ୍ତି ବୋଲି ଫଂଟା ମିଛ କହନ୍ତି । ବେଳେ ବେଳେ ମା' କୁ ଫୁସୁଲେଇ କିଛି ଟଙ୍କା ପଇସା ବି ହାତାନ୍ତି । ସଂକ୍ଷେପର କହିବାକୁ ଗଲେ ସ୍ୱାର୍ଥ ଯୋଉଠି ସୋନାଲି ଦେବୀ ସେଇଠି ।

ସୋନାଲୀ ଦେବୀଙ୍କର ପ୍ରକୃତି ହେଉଛି ବର୍ଷା ଯୁଆଡେ ଛତା ସିଆଡେ । ମଉକା ଦେଖି କଥା କୁହନ୍ତି । ସବୁ କଥାରେ ହଁ ମାରିବା ତାଙ୍କର ଯେମିତି ଗୋଟିଏ ବଂଶ ପରମ୍ପରା ଗତ ଅଭ୍ୟାସ । ସେ କେବେ କାହା ସହିତ ଅପ୍ରିୟ ହେବାକୁ ଚାହାଁନ୍ତି ନାହିଁ । ସତ କଥା କହିବାକୁ କେବେ ପସନ୍ଦ କରନ୍ତି ନାହିଁ । କାରଣ ସତ କହିଲେ ଅନ୍ୟମାନଙ୍କର ଅପ୍ରିୟ ହୋଇଯିବେ ବୋଲି ସେ କୁଆଡେ କହନ୍ତି । କଥା ଉଖୁରେଇ କଥା ବାହାରକରିବା ତାଙ୍କର ଗୋଟିଏ ସବୁଠାରୁ ବଦଗୁଣ । କେତେବେଳେ କେମିତି ଏପଟ ସେପଟ କଥା କହି ଦୁଇ ପଡୋଶୀମାନଙ୍କ ମଧ୍ୟରେ କଳି ଲଗାଇବାରେ ମଧ୍ୟ ଓସ୍ତାଦ୍ ।

ତାଙ୍କର ଗୋଟିଏ ଭଲଗୁଣ ହେଉଛି ଅନେକ ସମୟରେ ଅତିଥିମାନଙ୍କୁ ଘରକୁ ଡାକି ଖାଇବା ପିଇବାର ସୁବନ୍ଦୋବସ୍ତ କରିଥାନ୍ତି । ଖାଇବାକୁ ଦେବା ଆଳରେ ଅତିଥିମାନଙ୍କୁ ପ୍ରଶଂସାରେ ପୋତି ପକାନ୍ତି ସୋନାଲୀ ଦେବୀ । ଆଉ ତା'ରି ଭିତରେ ନିଜର ବାହାଦୁରୀ ବି ଭଲଭାବେ ବଖାଣିବସନ୍ତି । ସେ ଯୋଉ ଅତିଥିମାନଙ୍କୁ ଘରକୁ ଡାକିଥାଆନ୍ତି ପରୋକ୍ଷରେ ସେମାନଙ୍କ ପାଖରୁ କିଛି ଉପହାର ମଧ୍ୟ ଚାହିଁଥାନ୍ତି । ଏମିତି କିଛି ବଡ ଉପହାର ନୁହେଁ ମ । ଭଲ ମିଠା ପ୍ୟାକେଟ କିମ୍ବା ଫଳ କିଛି ହୋଇଗଲେ କାମ ସରିଲା । ସେ ସେଇଥିରେ ଭାରି ଖୁସି । ଯଦିଓ ମୁହଁରେ ସେଗୁଡିକୁ ଗ୍ରହଣ କରନ୍ତି ନାହିଁ, କିନ୍ତୁ ମନ ଭିତରେ ସେସବୁ ଜିନିଷ ପ୍ରତି ବହୁତ ତାଙ୍କର ଆଗ୍ରହ ଥାଏ ।

ଥରେ ତାଙ୍କ ପଡୋଶୀ ତ୍ରିପାଠୀ ବାବୁଙ୍କ ପରିବାରକୁ ମଧ୍ୟାହ୍ନ ଭୋଜନ ପାଇଁ ଡାକିଥିଲେ । ସେମାନେ ମଧ୍ୟ ଠିକ୍ ସମୟରେ ଆସି ପହଞ୍ଚିଗଲେ । ସୋନାଲୀ ଦେବୀଙ୍କର କି ଖୁସି ! ମାତ୍ର ଆଖି ବୁଲୁଥାଏ ସେମାନେ କି ଗିଫ୍ଟ ଆଣିଛନ୍ତି ତାହା ଜାଣିବା ପାଇଁ । ବିଶେଷକରି ମିଠା ଆଣିଛନ୍ତି କି ନାହିଁ ତାହା ଦେଖିବା ପାଇଁ । ଏମିତି ରେ ସେ ଟିକିଏ ମିଠା ପ୍ରିୟ ବୋଲି ସମସ୍ତ ଜାଣିଛନ୍ତି । ଠିକ୍ ଏହି ସମୟରେ ତ୍ରିପାଠୀ ବାବୁଙ୍କ ପତ୍ନୀ ଧୀର ଗଳାରେ କିଛି କହୁଥିବାର ଶୁଣା ଗଲା, 'ଭାଉଜ, କିଛି ମନେକରିବେନି । ଆମେ କିଛି ଆଜି ଆଣିପାରିଲୁନି । ତରବର ହୋଇ ଘରୁ ଚାଲିଆସିଲୁ ତ ପୂରାପୂରି ଭୁଲିଗଲୁ । ମିଠାଟିଏ ବି କିଣିପାରିଲୁ ନାହିଁ । ଭାରି ଲାଜ ଲାଗୁଛି ଆମକୁ ।'

--'ଏଇ ଗୋଟିଏ କି କଥା କହୁଛନ୍ତି କହିଲେ । ମିଠା କ'ଣ ହେବ ? ମୋତେ ଏସବୁ ଜିନିଷ ପସନ୍ଦ ନୁହେଁ । କିଛି ନେଇକି ଆସିବା ମୁଁ ଆଦୌ ଚାହେଁ ନି ।' -ସୋନାଲୀ ଦେବୀ ଏକଥରକେ କହି ଛେପ ଢୋକିଲେ ।

କିନ୍ତୁ ମନେ ମନେ ରାଗି ଫଂଚମ । 'ଏମାନଙ୍କୁ ଟିକେ ସାଧାରଣ ଭଦ୍ରାମି ଜଣା ନାହିଁ । ଖାଲି ହାତରେ ଚାଲି ଆସିଛନ୍ତି । ଛି..ଛି..ଛି...।'

ଏହା ମଧ୍ୟରେ ତ୍ରିପାଠୀ ବାବୁ ଓ ତାଙ୍କ ପତ୍ନୀଙ୍କର ଖାଇବପିଇବା ସାରିଗଲା । ଅନେକ ଦୁଃଖସୁଖ କଥାବାର୍ତ୍ତା ଭିତରେ ନିଜ ବାପଘରକୁ ପ୍ରଶଂସା କରିଚାଲୁଥାଆନ୍ତି ସୋନାଲୀ ଦେବୀ । ଏହା ଭିତରେ ପର ଚର୍ଚ୍ଚା ଟିକେ ଅଧିକ । ପରଚର୍ଚ୍ଚା କରିବା ଭାରି ତାଙ୍କର ପସନ୍ଦ । ପରୋକ୍ଷରେ ଅନ୍ୟ ମାନଙ୍କ ବିରୋଧରେ କହିବା ତାଙ୍କର ଗୋଟିଏ ଖୁସି । ମାତ୍ର ତ୍ରିପାଠୀ ବାବୁଙ୍କର ପତ୍ନୀଙ୍କର ଏ ସବୁ ବିଷୟରେ କୌଣସି ଆଗ୍ରହ ନଥାଏ । କେବଳ ନିଜ ଇଚ୍ଛା ବିରୋଧରେ ତାଙ୍କ କଥାରେ ହଁ ମାରୁଥାନ୍ତି ଯାହା । କିଛି ସମୟ ପରେ ତ୍ରିପାଠୀ ବାବୁ ଓ ତାଙ୍କ ସ୍ତ୍ରୀ ଚାଲିଗଲେ ଓ ସେମାନେ ଚାଲିଗଲା ପରେ ସୋନାଲୀ ଦେବୀଙ୍କର ଆରମ୍ଭ ହୋଇଗଲା ଭାଷଣ । ଆଜି ଏତେ ଟଙ୍କା ମୋର ବେକାର ଖର୍ଚ୍ଚ ହେଲା । ସେମାନେ କେବେ କାହାକୁ ଡାକନ୍ତି ନାହିଁ । ସେମାନେ ଘରେ କେବେ ଭଲ ଜିନିଷ କରନ୍ତି ନାହିଁ କି କେବେ ଭଲ ଖାଆନ୍ତି ନାହିଁ । ପର ଘରେ ଗେଫା ମାରନ୍ତି ଯାହା ଇତ୍ୟାଦି ଇତ୍ୟାଦି ....। 'ଶୁଣିବାକୁ ଏଗୁଡିକ ଅତି ବିରକ୍ତିକର ହେଉଥିଲେ ବି ସେଥି ପ୍ରତି ତାଙ୍କର କୌଣସି ନଜର ନଥାଏ ।



ସମୟ ବଦଳିଯାଇଛି । ଆଜିକାଲି ଆଗଭଳି ଆଉ ତାଙ୍କ ଘରକୁ ଏତେ ଅତିଥିମାନେ ଆସୁନାହାନ୍ତି । ତାଙ୍କୁ ବି କେହି ଡାକୁନାହାନ୍ତି । ସୋନାଲୀ ଦେବୀଙ୍କର ଅସଲ ଗୁଣଗ୍ରାମ ଜାଣିଲା ପରେ କିଏ ବା କାହିଁକି ତାଙ୍କ ଘରକୁ ଆସିବ ଯେ . ! ପ୍ରତି କଥାରେ ଜୋର୍ ଜବରଦସ୍ତି ଓ ନିଜର ହାକିମାତି । ଏଗୁଡାକ କ'ଣ ସମସ୍ତେ ପସନ୍ଦ କରିବେ ? ଏବେ ଏକଦମ ଏକୁଟିଆ ।

ଜଣେ ଦି'ଜଣ ପଡୋଶୀଙ୍କୁ ଧରି ଯାହା ଥେଇଥେଇ ନାଚୁଥାନ୍ତି ଦିନ ରାତି । ସେ ପଡୋଶୀ ମାନେ ତାଙ୍କ ବିଷୟରେ ସବୁ ଜାଣନ୍ତି, ହେଲେ ନାଚାର ।

ସଭା ସମିତିରେ ଭାଷଣ ଦେବାକୁ କୁଆଡେ ସୋନାଲୀ ଦେବୀ ଭାରି ପସନ୍ଦ କରନ୍ତି । ମାତ୍ର ଏ ପର୍ଯ୍ୟନ୍ତ ସେ ସୁଯୋଗ ତାଙ୍କ ପାଖକୁ ଆସିନାହିଁ । କିଛି ନହେଲେ ବି ସରପଂଚଟି ହେବାକୁ ତାଙ୍କର ଭାରି ଇଚ୍ଛା । ସେ ପାଇଁ କଥା କଥା କେ କାହିଁ କେତେ ଯେ ଦମ୍ଭୋକ୍ତି ତା'ର ହିସାବ ନାହିଁ । ଏଥର କୁଆଡେ ଭୋଟ୍ ରେ ଛିଡାହେବେ ବୋଲି କହୁଛନ୍ତି । ସରପ ପଦ ପାଇଁ ପ୍ରତିଦ୍ୱନ୍ଦିତା କରିବେ । ଗାଆଁ ର ବିକାଶ କରିବେ । ଏଗୁଡାକ ଯେତକ ଅଛନ୍ତି ସବୁଗୁଡାକ କୁଆଡେ ଅନାର୍ଯ୍ୟ । ଶପଥ କରିଛନ୍ତି ସେ ସମସ୍ତଙ୍କୁ ସାଙ୍ଗରେ ଧରି ସମସ୍ତଙ୍କ ପାଇଁ ବିକାଶର ମନ୍ତ୍ର ଫୁଙ୍କିବେ । ମହିଳାମାନଙ୍କର ବିକାଶ ପାଇଁ ଅ । ଭିଡିବେ । ମହିଳାମାନଙ୍କର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି ଘରେ ଘରେ ବୁଝାଇବେ । ଗାଆଁ ଗହଳିରେ ଆଉ ନିଶାପାଣି ଚଳିବ ନାହିଁ । ବେରୋଜଗାର ରହିବ ନାହିଁ । ଇତ୍ୟାଦି ....ଇତ୍ୟାଦି ....।

ଏଥିପାଇଁ ନିଜକୁ କୁଆଡେ ପ୍ରସ୍ତୁତ କରୁଛନ୍ତି ସେ । ମଝିରେ ମଝିରେ ରାଜନୀତିଆ ଲୋକଙ୍କୁ ଘରେ ଡାକି ଖାଇବା ପିଇବାର ବ୍ୟବସ୍ଥା କରୁଛନ୍ତି ଆଜିକାଲି । ଗାଆଁ ର ବିଭିନ୍ନ କାମରେ ସେ ଭାଗ ନେଉଛନ୍ତି । ରାସ୍ତାଘାଟ ସଫେଇ , ସ୍କୁଲରେ ପାଠ ପଢା, ପୋଖରୀ ସଫା ଇତ୍ୟାଦି କଥା ପଚାରି ବୁଝୁଛନ୍ତି । ସମସ୍ତଙ୍କ ମୁହଁର ଗୋଟିଏ କଥା ସୋନାଲୀ ଦେବୀ ଜିନ୍ଦାବାଦ ....ସୋନାଲୀ ଦେବୀ ଜିନ୍ଦାବାଦ । ଯୁଆଡେ ଯାଉଛନ୍ତି ଲମ୍ବା ଫୁଲହାର ତାଙ୍କ ବେକରେ । ସେ ମଧ୍ୟ ଏଗୁଡିକ ଖୁବ୍ ପସନ୍ଦ କରନ୍ତି ଓ ଶ୍ରଦ୍ଧାରେ ଗ୍ରହଣ କରନ୍ତି ବୋଲି ଖୁସିରେ କୁହନ୍ତି । ଏବେ ଯାହା ବାକି ରହିଲା ଦେଖିବାକୁ ଯେ ସେ ଆଗାମୀ ଭୋଟ୍‌ରେ ଜିତୁଛନ୍ତି କି ନାହିଁ । ଲୋକମାନେ ତାଙ୍କୁ ପସନ୍ଦ କରୁଛନ୍ତି କି ନାହିଁ ।

## ଆଶୀର୍ବାଦ




ଭାଗୀରଥି ସାଗର




ଆଲୋ ବିଜୁଳି..! କେଉଁଠି ଗଲୁ ? ଅ । ଥାପି ଥାପି ବୁଢୀମା ରୋଷେଇ ଘର ପାଖ କୋଠରୀରେ ଦେଖନ୍ତି ତ ବିଜୁଳି ଏକାଗ୍ରତା ସହ ସଜେଇ ହେବାରେ ବ୍ୟସ୍ତ । ବୁଢ଼ୀମା କହି ଉଠିଲେ, ଆଲୋ ବିଜୁଳି ! କଲେଜ ନ ଯାଇ ପାଇଟି ଶିଖୁନୁ, ଅସନା ହେଇଛି ଘର, କଲେଜ ଯିବାକୁ ତରତର, ଆଜିକାଲି ମନ ଲଗାଇ ଫାଷ୍ଟ କ୍ଲାସ ପାଇଲେ ବି ସରକାରୀ ଚାକିରି ଟାଏ ପାଇବା ବଡ଼ ମୁସ୍କିଲ ହେଇ ପଡ଼ିଲାଣି । ଏଇ ଦେଖୁନୁ, ତୋ ବାପା ୧୯୯୬ ମସିହାର ଗ୍ରାଜୁଆଟ । ସେ କଣ ସରକାରୀ ଚାକିରି ପାଇ ପାରିଲା ? ଏ ତ ବୁଦୁ ସରକାର ! ଆଜି କାଲିର ପିଲା ଓଏମଆର ପଦ୍ଧତିରେ ଓ ସରଳ ଲିଖିତ ପରୀକ୍ଷାରେ ଶହେ ନମ୍ବରରୁ ଶହେ ନମ୍ବର ରଖି ଫାଷ୍ଟ କ୍ଲାସରେ ପାସ୍ କରୁଛନ୍ତି । କାଲି ଭଳି ପାସ୍ କରି ସିଟି, ବିଏଡ, କ୍ଲାର୍କ, ଫରେଷ୍ଟ ଗାର୍ଡ, ପୋଲିସରେ ମାର୍କ ଆଧାରରେ ଭର୍ତ୍ତି ହେଉଛନ୍ତି । କିନ୍ତୁ ସରକାର ଅନ୍ଧ ପୁଟୁଳି ବାନ୍ଧି କୁମ୍ଭକର୍ଣ୍ଣ ହୋଇ ଶୋଇଛି, ଯେଉଁ ମାନେ ୧୯୯୧,୯୨,୯୩ ମସିହାରେ ମାଟ୍ରିକ ପରୀକ୍ଷାରେ ଉ ର୍ଣ୍ଣ ହେଲେ ସେତେ ବେଳେ ତ ଚାକିରି ବାହାର କଲା ନାହିଁ । ଏପରିକି ସିଟି ସ୍କୁଲ ଗୁଡିକରେ ବି ପିଲା ନାମ ଲେଖାଇ ପାରିଲେ ନାହିଁ । କେତେ ବର୍ଷ ପରେ ମାଟ୍ରିକ ପରୀକ୍ଷାରେ ସୁଧାର ଓ ସରଳୀକରଣ କରାଯାଇ ଛତୁ ଫୁଟିଲା ଭଳି ଶହ ଶହ ପିଲା ଫାଷ୍ଟ କ୍ଲାସ ପାଇଲେ । ପରେ ପରେ ଚାକିରି ବହୁ ସଂଖ୍ୟାରେ ଏ ପିଲାଗୁଡିକ ହି ପାଇଲେ, ଆଉ ବହୁ କଷ୍ଟ କରି ଅଭାବ ଅସୁବିଧାରେ, ଡିବିରି ଆଲୁଅରେ, ଦିନ ରାତି ପାଠ ପଢ଼ି ଥିବା ପିଲାଏ ଚାକିରି ଟିଏ ବି ପାଇ ପାରିଲେ ନାହିଁ । ସେତେ ବେଳେ ପୁରା ଗାଆଁରେ ଗୋଟିଏ ଯୋଡେ, କିମ୍ବା ଚାରି ପା ଜଣ ମାଟ୍ରିକ ପାସ୍ କରିଥିବା ପିଲା ରହୁଥିଲେ । ଯଦି ଯେଉଁ ପିଲା ପାସ୍ କଲା ଚାରି ଆଡେ ଚର୍ଚ୍ଚା ହେଉଥିଲା, ଅମୂକ ପିଲା ମାଟ୍ରିକ ପାସ୍ କଲା ବୋଲି, ଏବେ ତ ଆର୍ଟ ଓ ସାଇନ୍ସ କଲେଜ ପ୍ରତି ବ୍ଲକରେ, ସେତେବେଳେ ପିଲା ସାଇନ୍ସ ନେଇ କଲେଜର ଅଭାବ ହେତୁ ପଢ଼ି ପାରୁ ନ ଥିଲେ । ଆଗ ସପ୍ତମ ଶ୍ରେଣୀର ପରୀକ୍ଷା ମଧ୍ୟ ବଡ଼ ଷ୍ଟ୍ରିକ୍ଟ ଥିଲା । ଦୂରକୁ ଯାଇ ପିଲାଏ ପରୀକ୍ଷା ଦେଉଥିଲେ । କପି ଲେଖିବା ସମ୍ପୂର୍ଣ୍ଣ ବାରଣ ଥିଲା । ଏବେ ତ ମାଟ୍ରିକ ପରୀକ୍ଷା କିଭଳି ହେଉଛି, ଦେଖିଲେ ମନରେ ଅଲଗା ଭାବନା ଆସେ । ହାୟ ପରୀକ୍ଷା ! ହାୟ ସରକାରୀ ଚାକିରି !

ଜେଜେମାଙ୍କ ତୁଳନାତ୍ମକ କଥାଗୁଡିକ ଶୁଣି ଜକ ଜକ ଅନାଉଥାଏ ବିଜୁଳି । ସତେତ ସରକାରର କିଛି ଦରଦ ନାହିଁ । ପାଠ ପଢିଥିବା ହଜାର ହଜାର ମେଧାବୀ ଯୁବକ ଯୁବତୀ ଆଜି ଶିକ୍ଷା କର୍ମୀ ହେବାରୁ ମଧ୍ୟ ବଞ୍ଚିତ । ସମୟ ଗଡିଛି । ଚାକିରିର ବୟସ ଅତିବାହିତ ହେଉଛି, ଏକୋଇଶ ବୟସର ଜଣେ ପ୍ରାର୍ଥୀ ଚାକିରି ପାଇ ଯାଉଥିବା ବେଳେ ପଇଚାଳିଶି ବର୍ଷ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଇବାରୁ ବଞ୍ଚିତ ହେଉଛି । ତା ପାଇଁ ବାଧା ସାଜୁଛି ଶିକ୍ଷା ନୀତି । ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଓ କେଇ ବର୍ଷର ଶିକ୍ଷାରେ ବେଶ୍ ତାରତମ୍ୟ ରହିଛି ।

ବିଜୁଳି ! ତୋ ବାପା ଆଜି ନେଟ୍‌ୱର୍କ ମାର୍କେଟିଙ୍ଗ କରୁଛି । ମାସକୁ କୋଡ଼ିଏ ହଜାର ପାଇଲେ ବି ବୁଲି ବୁଲି ଖର୍ଚ୍ଚ ହେଉଛି । ଘର ଖର୍ଚ୍ଚ ପାଇଁ କୋଡ଼ିଏ ଟଙ୍କା ମଧ୍ୟ ବଳୁନି । ବୋହୂ ତମସାର ଉପାର୍ଜନରେ ଘର ଚଳୁଛି । ପିଲାଟି ମୋ ଫାଷ୍ଟ କ୍ଲାସ ପାଇଥିଲା । ଭାବିଥିଲି ଭଲ ପଢୁଛି ତ ସରକାରୀ ଚାକିରିଟିଏ କରିବ, କିନ୍ତୁ ସ୍ୱପ୍ନ ମୋ ଦିବା ସ୍ୱପ୍ନ ହେଇ ରହିଗଲା । ସରକାରୀ ଚାକିରିଆକୁ ଲୋକେ ଖାତିର କରନ୍ତି, ସମ୍ମାନ ଦିଅନ୍ତି ।

ବିଜୁଳି ସାହସ ଜୁଟାଇ ଜେଜେଙ୍କୁ କିଛି କହିଲା, ଜେଜେ ! ପ୍ରଥମେ ଯେଉଁ ସଂଳାପ କହିଲ, ମୁଁ ଫକୀର ମୋହନଙ୍କ ରେବତୀ ଗଳ୍ପରୁ ଶୁଣିଥିଲି । ବାପା ଚାକିରି ପାଇଲେନି ବୋଲି ମୁଁ କଣ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବି ? ଜେଜେ, କହିଲ, ଲୋକେ କ'ଣ କେବଳ ସରକାରୀ ଚାକିରି ପାଇଁ ପାଠ ପଢନ୍ତି ?

ଜେଜେ ଆଖିରୁ ଲୁହ ଗଡ଼ାଇ ଏ ଥର ବିଜୁଳିକୁ କହିବାକୁ ଲାଗିଲେ, ବିଜୁଳି ! ମୋ ପୁଅ ପାଖରେ ଇଶ୍ୱର ଦତ୍ତ କଳାଗୁଡ଼ିକ ବି ରହିଛି । ସେ ଜଣେ ସୁବକ୍ତା, ଆଙ୍କର, ସୁଲେଖକ ଆଉ ସୁଅଭିନେତା । ଏତେ ଗୁଡ଼ିଏ କଳାର ଅଧିକାରୀ ହେଇ ବଣମଲ୍ଲି ହୋଇ କଣ ବଣରେ ଫୁଟି ମଉଳି ଯିବ ?

ଏତିକି ବେଳେ ଧଡ ଧଡ଼ ହେଇ ପଶି ଆସି ବିଜୁଳି ବାପା, କହି ଉଠିଲେ ବୋଉ .... ଏ ବୋଉ, ମୁଁ ଆଉ ବଣମଲ୍ଲି ନୁହଁ ଲୋ । ତୋ ନିତି ଠାକୁରଙ୍କୁ ମୁଣ୍ଡିଆ ମାରିବା ଫଳ ପୂରଣ ହେଇଛି, ଏଇ ଦେଖୁନୁ, ମୋ ଆପଏଣ୍ଟମେଣ୍ଟ ଲେଟର ଓ ଟିଭିର ସାହିତ୍ୟ ବିଭାଗର ଆଙ୍କରର ଭାବରେ ନିଯୁକ୍ତି ପାଇଛି, ମାସକୁ ଦରମା ଚାଳିଶି ହଜାର ଟଙ୍କା । ବୋଉ ! ସରକାରୀ ଚାକିରୀ ନ ପାଇଲେ ମଧ୍ୟ ଅନେକ ଗୁଡ଼ିଏ ଭଲ କାମ ଅଛି ଯେଉଁଠି ଆତ୍ମ ସନ୍ତୋଷ ମିଳେ । ମୋ ସ୍ୱପ୍ନର ଚାକିରି ଏଇଟା ଥିଲା, ବୋଉ ! କାଲିଠାରୁ ଆମେ ସହର ଚାଲିଯିବା, ମୋ ବିଜୁଳି ସେଠାକାର ବଡ଼ କଲେଜରେ ପଢ଼ିବ । ଆକାଶ ଠାରୁ ଖୁସି ଖବର ଶୁଣି ବୋଉ ବସୁନ୍ଧରା ଓ ଝିଅ ବିଜୁଳି ଆବାକ ହୋଇ ଆକାଶକୁ ହିଁ ଅନାଇ ଥାନ୍ତି । ଏ ପଟେ ତମସା ଆକାଶର ଖୁସି ଖବର ଶୁଣି କାରରୁ ଓହ୍ଲେଇ ପଡ଼ି ଫୁଲତୋଡା ଦେଇ ଅଭିବାଦନ ଜଣାଇ ବୋଉର ପାଦ ଛୁଇଁ ଛୁଇଁ କହୁଥାନ୍ତି, ବୋଉ ! ଏଇତ ତମ ଆଶୀର୍ବାଦ ।


ଡାଲଗୁମା, କୋକସରା, କଳାହାଣ୍ଡି
ମୋ -୯୩୩୭୬୨୪୮୯୯


## ଜନ୍ମଦିନର ଭେଟି


ଲତିକା ବିଳାସ




ଉଦାସୀ ନୟନରେ କେଜାଣି କାହାକୁ ଅପେକ୍ଷା କରିଛନ୍ତି ଶୈଳଜା ଦେବୀ ? ଜରୁଆ ଦେହରେ ବାଡିଟିକୁ ଠକ୍ ଠକ୍ କରି ଘର ବାହାର ହେଉଛନ୍ତି ହଜାରେ ଥର। ବାଡି ଉପରେ ଭରା ଦେଇ ମୁଣ୍ଡ ଟେକି ଅନାଉଛନ୍ତି ସାମ୍ନା ଷ୍ଟେନଲେସ୍ ଷ୍ଟିଲ୍ ଦରଜାକୁ । ପୁନଶ୍ଚ ଦୀର୍ଘଶ୍ୱାସଟିଏ ଛାଡି ଫେରି ଆସୁଛନ୍ତି । ବେଳେବେଳେ ନିଷ୍ପ୍ରଭ ଚକ୍ଷୁ ଯୁଗଳରୁ ଝରି ପଡୁଛି ଦୁଇ ବିନ୍ଦୁ ଉଷୁମ ଅଶ୍ରୁ । ଏ ପ୍ରକ୍ରିୟା ଚାଲିଛି ଅନବରତ । ସକାଳ ଯାଇ ସଞ୍ଜ ହେଲାଣି ।ଘରେ ରୋଷେଇ କରୁଥିବା ବାସନ୍ତୀ କେତେଥର ଡାକିଡାକି ନିରାଶ ହୋଇ ଫେରିଗଲାଣି । ହେଲେ ମୁହଁରେ ପାଣି କି ପଣା ଟୋପିଏ ଦେଇନାହାଁନ୍ତି ଶୈଳଜା ଦେବୀ ।

ବର୍ଷକ ଏଇ କେତେ ଦିନ ସେ ଖୁବ୍ ଚଳଚ ଳ ଲାଗନ୍ତି । ଉଚ୍ଚାଟ ମନ ପାଦ ଦୁଇଟିରେ ଶକ୍ତି ଭରିଦିଏ । ଶାରୀରିକ କ୍ଳାନ୍ତି ଓ ମାନସିକ ଅବସାଦ ଉଭାନ୍ ହୋଇଯାଏ । ସେଇ ବିରକ୍ତି କର ବିଛଣାକୁ ଛାଡ଼ି ସେ ଉଠିଆସନ୍ତି । ପ୍ରତୀକ୍ଷା କରନ୍ତି କେଉଁ ଅନାଗତ ଖୁସିର ଆଗମନକୁ ।

ହଠାତ୍ କଲିଂବେଲ୍ ଶବ୍ଦ ଶୁଣି ବାଡିକୁ ଲମ୍ବା ଲମ୍ବା ପକାଇ ଏକ ପ୍ରକାର ଡେଇଁ ଡେଇଁ ଆସି କବାଟ ଖୋଲିଲେ ଶୈଳଜା ଦେବୀ । ବାହାରେ ଥିଲା ଏକ ବଡ଼ ପ୍ୟାକେଟ । ଉପରେ ପ୍ରାପକ ଜାଗାରେ ତାଙ୍କ ନାଁ । ଆଉ ପ୍ରେରକ ଜାଗାରେ .......ସେଇ ବହୁ ପ୍ରତୀକ୍ଷିତ ପ୍ରିୟ ଅକ୍ଷର ତିନୋଟି । 'ଶୁଭମ୍' ।

ପ୍ୟାକେଟଟି ପାଉ ପାଉ ଚୁମାରେ ପୋତି ପକାଇଲେ ଶୈଳଜା ଦେବୀ । ଆଖି ଲୁହରେ ପଖାଳି ପକାଇଲେ ସବୁଥର ପରି । ତା'ପରେ ଛାତିରେ ଜାକି ଧରିଲେ କିଛି କ୍ଷଣ । ଆଘ୍ରାଣ କରିନେଲେ ପ୍ୟାକେଟ ଦେହର ସବୁତକ ବାସ୍ନା ।

ଆଃ...କି ଶାନ୍ତି !!!

ଏ ସବୁ ଲକ୍ଷ୍ୟ କରୁଥିଲା ବଗିଚାରେ ପାଣି ଦେଉଥିବା ଚାକର ସନା ।

ଧାଇଁ ଆସି କହିଲା କ'ଣ ହେଲା ମା ?

ଆସିଗଲା ଜନ୍ମଦିନର ଭେଟି ?

ତାହେଲେ ଆଉ ଡେରି କାହିଁକି ? ଚାଲନ୍ତୁ ନା ....କେକ୍ କାଟିବା ।

ଶୈଳଜା ଦେବୀ କେକ୍ କାଟିବେ ସନା ଆଉ ବାସନ୍ତୀ ଉପସ୍ଥିତିରେ ।

ଦିନେ ଏହି ତାରିଖରେ ଆନନ୍ଦ ଉତ୍ସବରେ ଫାଟି ପଡୁଥିଲା ତାଙ୍କ ବଙ୍ଗଳା । ହେଲେ ଆଜି ସବୁ ଖାଁ ଖାଁ । ସୌରଭ ବାବୁ ଚାଲିଗଲା ପରେ ସବୁ ସୁଖ ଶିରୀ ଉଭେଇ ଯାଇଛି ତାଙ୍କର । ସମସ୍ତେ ଦୂରେଇ ଯାଇଛନ୍ତି ଆସ୍ତେ ଆସ୍ତେ । କେବଳ ରହିଯାଇଛି ସନା । ଆଉ ତା ସହିତ ତା ସ୍ତ୍ରୀ ବାସନ୍ତୀ ।

ପୁଅ ତ ବିଦେଶରେ । ଏତେ ଦୂରରେ ଥାଇ ବି ଥାଇ ବି ତାଙ୍କ ଜନ୍ମଦିନଟିକୁ ମନେ ରଖିଛି ସେମିତି ।

ପ୍ରତିବର୍ଷ ଛୋଟ କାଟିଆ ଗିଫ୍ଟଟିଏ ପଠାଇବା ସହିତ ଫୋନରେ ତାଙ୍କ ମନ ପସନ୍ଦର ଫ୍ରୁଟ୍ କେକ୍ ଅର୍ଡର କରିଦେଉଛି ପାଖ ରେଷ୍ଟୁରା ରୁ ।

ତା' ସହିତ ନିଜ ଅସହାୟତାକୁ ପ୍ରକାଶ କରି ଚିଠିଟିଏ । ଲେଖିଥିବ 'କ୍ଷମା କରିବ ମମ୍ମି ! କାର୍ଯ୍ୟ ବ୍ୟସ୍ତତା ଭିତରେ ଫୋନ୍ ଉଠେଇ ପାରୁନି । ବ୍ୟସ୍ତ ହୁଅନି,ଏଇ କେତେ ଦିନ ଭିତରେ ନିଶ୍ଚୟ ପହଞ୍ଚୁଛି ତୁମ ପାଖରେ । ତୁମ ବୋହୂ ଆଉ ନାତିକୁ ନେଇ ।

ପୁଅ ଫେରିବାର ନିଶ୍ଚିତ ପ୍ରତିଶ୍ରୁତି ପୂର୍ଣ୍ଣ ଚିଠିଟିକୁ କୋଟିନିଧି ସାଇତିଲା ପରି ଆଲମୀରାରେ ସାଇତି ରଖିବେ ଶୈଳଜା ଦେବୀ । ବର୍ଷସାରା ବାରମ୍ବାର ପଢୁଥିବେ । ମନକୁ ମନ କହୁଥିବେ ଶୀଘ୍ର ଆ' ଧନ । ନହେଲେ ସକଳ ସମ୍ପତ୍ତି ଭୂତ ଖାଇଯିବେ ।କି ଭରସା ଏ ବାହାର ଲୋକଙ୍କୁ ?ଉ ର ଦାୟାଦ ତୁ । ହେଲେ ବାହାରେ ବାହାରେ କଟିଲା ତୋର । ଜମିବାଡି, କୂଅ ପୋଖରୀ କଥା କ'ଣ ଜାଣିଲୁ ।

ତୋ ଦାୟିତ୍ୱ ତୋତେ ବୁଝେଇ ଦେଲେ ଯାଇ ମୋର ଛୁଟି ।

ଏମିତି ଭାବି ଭାବି ନିତି ପୁଅ ପସନ୍ଦ କରୁଥିବା ଜିନିଷ ମଗାଇ ତିଆରୁଥିବେ କେତେ କଅଣ । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କଥା ଆଉ ମନେ ନଥିବ ତାଙ୍କର ।ଶିରା ପ୍ରଶିରାରେ ଦୌଡୁଥିବ ଆଦ୍ୟ ମାତୃତ୍ୱଲାଭ ବେଳର ଅପୂର୍ବ ଆନନ୍ଦ । ଭଗବାନଙ୍କ ପାଖରେ ଦୀପ ଜାଳି ଗୁହାରି କରୁଥିବେ ।ପରଦେଶରେ କେତେ ଗଧ ଖଟଣି ଖଟୁଛି ମୋ ବାଇଆଟା । ତାକୁ ସହାୟ ହୋଇଥାଅ ପ୍ରଭୁ ।

ଏପଟେ ସବୁ ଶୁଣି ଲୁହ ପୋଛୁଥିବେ ସନା ଓ ବାସନ୍ତୀ । ସେମାନେ ବି ଠାକୁରଙ୍କୁ ମୁଣ୍ଡିଆ ମାରି କହୁଥିବେ ତୁମେ ତ ଜାଣ ଠାକୁରେ । ଶୁଭମ୍ ବାବୁ ଉଡିଗଲା ଚଢ଼େଇ । ମା' ଙ୍କ ଦସ୍ତଖତ ନେଇ ସମସ୍ତ ସମ୍ପତ୍ତି ବିକି ବିଦେଶରେ ଘର କିଣି ବସି ସାରିଲେଣି । ମା' ଏ ଘରେ କେବଳ ଜଣେ ଭଡାଟିଆ । ବଞ୍ଚିଥିବା ପର୍ଯ୍ୟନ୍ତ । ଶୁଭମ୍ ବାବୁଙ୍କ ପାଖରେ ସମୟ କାହିଁ ମା'ଙ୍କ କଥା ବୁଝିବାକୁ ? ହେଲେ ଏ ଗୁମର ଖୋଲି ତାଙ୍କ ମନରେ କାହିଁକି ଆଉ ପୀଡ଼ା ଦେବୁ । କେତେ ଦିନ ଆଉ ବଞ୍ଚିବେ ବିଚାରି । ସେଥିପାଇଁ ଆମ ସବୁ ସମ୍ବଳ ବିନିମୟରେ ତାଙ୍କ ବ୍ୟାକୁଳ ମନକୁ ଟିକେ ଶାନ୍ତି ଦେବାକୁ ଆମର ଏ ଯୋଜନା । ଏ ମିଛ ନାଟକ ପାଇଁ କ୍ଷମା କରିଦେବ ଠାକୁରେ । କ୍ଷମା କରିଦେବ ଆମକୁ ।


+ ଭଟଲି ଛକ, ବରଗଡ଼

# ମହାନଦୀରେ ଜଳ ପ୍ରବାହକୁ ଅବ୍ୟାହତ ରଖିବା ପାଇଁ ରାଜ୍ୟ ସରକାର ଚେଷ୍ଟା କରନ୍ତୁ : ବିଜେପି

ବ୍ରଜରାଜନଗର/ଭୁବନେଶ୍ୱର, ୨୧ ମଇ - ଖରା ଦିନରେ ଓଡିଶା ପଟରେ ମହାନଦୀ ଶୁଖିଲା ପଡିଛି । ଅଣ ମୌସୁମୀ ସମୟରେ ମହାନଦୀରେ ଯେଉଁ ଜଳ ପ୍ରବାହ ରହିବା କଥା, ତାହା ନ ରହିବା ଚିନ୍ତାଜନକ ବିଷୟ । ଏହି ମାମଲା ସୁପ୍ରିମକୋର୍ଟରେ ବିଚାରଧୀନ ଥିବା କାରଣରୁ ରାଜ୍ୟ ସରକାର କେବଳ ଚୁପ ବସିଲେ ହେବନାହିଁ । ରାଜ୍ୟ ସରକାର ଷ୍ଟେକ୍ ହୋଲଡରଙ୍କ ସହ କଥାବାର୍ତା କରି ଓଡିଶାରେ ମହାନଦୀରେ ଜଳ ପ୍ରବାହକୁ ଅବ୍ୟାହତ ରଖିବା ପାଇଁ ବ୍ୟବସ୍ଥା କରିବା ଜରୁରୀ ବୋଲି ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ପ୍ରଦୀପ ପୁରୋହିତ । ଶ୍ରୀ ପୁରୋହିତ କହିଛନ୍ତି ଯେ ବିଜେଡି ୨୦୧୬ ମସିହା ଠାରୁ ୨୦୧୭ ତ୍ରିସ୍ତରୀୟ ପଂଚାୟତ ଓ ୨୦୧୯ ସାଧାରଣ ନିର୍ବାଚନରେ ମହାନଦୀ ଜଳ ବିବାଦକୁ ନିର୍ବାଚନୀ ପ୍ରସଙ୍ଗ କରିଥିଲା । ମାତ୍ର ନିର୍ବାଚନୀ ବୈତରଣୀ ପାର୍ କରିବା ପରେ ଏହାକୁ ଭୁଲି ଗଲେ । କେବଳ ଟ୍ରିବ୍ୟୁନାଲ ଉପରେ ଭରସା କଲେ ଖରା ଦିନେ ଜଳ ପାଇଁ ଓଡିଶାର ସ୍ୱାର୍ଥ ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ବେଦାନ୍ତ ମାମଲା ହେଉ କିମ୍ବା କେନ୍ଦୁଝର ଜିଲ୍ଲାପାଳ ଏସଟି କମିଶନରେ ହାଜର ନ ହେବା ନେଇ ବଡ ଓକିଲ ରାଜ୍ୟ ସରକାର ନିଯୁକ୍ତ କରୁଛନ୍ତି । କିନ୍ତୁ ଟ୍ରିବ୍ୟୁନାଲରେ ଲଢିବା ପାଇଁ ସରକାର ବଡ ଓକିଲ କାହିଁକି ନିଯୁକ୍ତ କରୁନାହାନ୍ତି ? ମହାନଦୀ ପ୍ରସଙ୍ଗକୁ ନେଇ ବିଜେଡି ଭୋଟ୍ ବ୍ୟାଙ୍କ୍ ରାଜନୀତି କରୁଛି । ଅପରପକ୍ଷରେ ଟ୍ରିବ୍ୟୁନାଲ ରାୟ ସାଧାରଣତଃ ଲମ୍ବା ସମୟ ପର୍ଯ୍ୟନ୍ତ ବିଳମ୍ବିତ ହେଉଥିବା କାରଣରୁ ଅଣ ମୌସୁମୀ ସମୟରେ ଓଡିଶାକୁ ପୂର୍ବ ଦଶନ୍ଧି ମାନଙ୍କ ପରି ଜଳ ପ୍ରବାହ ଆଗାମୀ ବର୍ଷ ମାନଙ୍କରେ କିପରି ଚାଲୁ ରହିବ ରାଜ୍ୟ ସରକାର ସେଥିପାଇଁ ଆପୋଷ ଆଲୋଚନାର ରାସ୍ତାକୁ ଆପଣାଇବା ଭଳି ଦେଖାଯାଉ ନାହିଁ । ଛତିଶଗଡ ପଟୁ ଆସୁଥିବା ମହାନଦୀର ପାଣି ସହ ଓଡିଶାର କେତୋଟି ଅଂଚଳର ଜଳ ସେଚନ ଓ ପାନୀୟ ଜଳର ସମ୍ବନ୍ଧ ଅଛି ରାଜ୍ୟ ସରକାର ତାହାର ସ୍ପଷ୍ଟୀକରଣ ରଖନ୍ତୁ । ହୀରାକୁଦର ତଳ ମୁଣ୍ଡରେ ୫ଟି ରିଜରଭର ନିର୍ମାଣର ପ୍ରତିଶ୍ରୁତିର ଅଗ୍ରଗତି ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ରଖିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ହୀରାକୁଦର ତଳ ମୁଣ୍ଡରେ ତେଲ, ଇବ ଓ ହାତୀ ଆଦି ନଦୀରୁ ଆରମ୍ଭ କରି ତଳମୁଣ୍ଡରେ କାଠଯୋଡି, ଦେବୀ ଓ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ଲମ୍ବିଥିବା ବିଭିନ୍ନ ଶାଖା ନଦୀ ଗୁଡିକରେ ବର୍ଷା ଦିନେ ସମୁଦ୍ରକୁ ବହିଯାଉଥିବା ପାଣିକୁ ସୁବିନିଯୋଗ କରି ଅଣ ମୌସୁମୀ ସମୟରେ ଚାଷୀଙ୍କ କାମରେ ଲଗାଇବା ପାଇଁ କଣ ବ୍ୟବସ୍ଥା ହୋଇଛି ? ରାଜ୍ୟ ସରକାର, ଏହାର ଉତର ରଖନ୍ତୁ ବୋଲି ସେ କହିଛନ୍ତି ।

# ଲଳିତଗିରିର ଶୁଖୁଆପଡ଼ା ପାହାଡ଼ର ବୌଦ୍ଧକିର୍ତୀକୁ ଧ୍ୱଂସ କରିବାକୁ ସରକାରୀ ଚକ୍ରାନ୍ତ : ଡଃ ଜ୍ଞାନେନ୍ଦ୍ର

ଭୁବନେଶ୍ୱର, ୨୧ ମଇ – ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧକିର୍ତୀସ୍ଥଳ ଲଳିତଗିରିର ଶୁଖୁଆପଡ଼ା ପାହାଡ଼ରେ ସପ୍ତମ ଶତାବ୍ଦୀର ଅନେକ ବୌଦ୍ଧକିର୍ତୀ ରହିଛି । କିନ୍ତୁ ରାଜ୍ୟ ସରକାର ଏହି ପାହାଡ଼ରୁ ଖଣ୍ଡେଲାଇଟ ପଥର ଉତୋଳନ ପାଇଁ ଓଡ଼ିଶା ରାଜ୍ୟ ଖଣି ନିଗମକୁ ଲିଜ୍ ସୂତ୍ରରେ ଦେଇ ଓଡ଼ିଶାର ବୌଦ୍ଧକିର୍ତୀ ଓ ଐତିହ୍ୟକୁ ନଷ୍ଟ କରିବାର ଏକ ବିଦ୍ଧିବଦ୍ଧ ଚକ୍ରାନ୍ତ କରିଛନ୍ତି ବୋଲି ଭାରତୀୟ ମହାବୋଧି ସମିତିର ରାଷ୍ଟ୍ରୀୟ ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଗୁରୁତର ଅଭିଯୋଗ କରିଛନ୍ତି । ଭୁବନେଶ୍ୱର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡଃ ଜ୍ଞାନେନ୍ଦ୍ର କହିଛନ୍ତି ଯେ, ୨୦୦୫ ମସିହାରେ ଯାଜପୁର ଜିଲ୍ଲାପାଳ ଏହି ଶୁଖୁଆପଡ଼ା ପାହାଡ଼ରୁ ମୋରମ ଖନନ ପାଇଁ ଲିଜ୍ ଦେଇଥିଲେ । କିନ୍ତୁ ସେତେବେଳେ ବୌଦ୍ଧଧର୍ମ ପ୍ରତି ପ୍ରତିବଦ୍ଧ ଥିବା ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ବୁଦ୍ଧାୟନ ତରଫରୁ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ଏକ ଜନହିତ ମାମଲା କରାଯିବା ପରେ କୋର୍ଟ ଏକ ଯୁଗ୍ମ କମିଟି ଗଠନ କରିଥିଲେ ଓ ଯୁଗ୍ମ କମିଟି ତାଙ୍କ ରିପୋର୍ଟରେ ଲିଜ୍ ନ ଦେବା ପାଇଁ ମତପୋଷଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଲଳିତଗିରିର ଲଣ୍ଡା ପାହାଡ଼କୁ ଏ.ଏସ୍.ଆଇ କର୍ତୃପକ୍ଷ ଠିକଣା ଭାବେ ତଦାରଖ କରୁଥିବା ବେଳେ ଶୁଖୁଆପଡ଼ା ପାହାଡ଼ରୁ ବୌଦ୍ଧକିର୍ତୀ, ହାତୀଖାଲରୁ ବାହାରିଥିବା ଛଅଗୋଟି ବିରାଟ ବୌଦ୍ଧମୂର୍ତି ଏ.ଏସ୍.ଆଇ. କର୍ତୃପକ୍ଷ ନେଇ ଲଳିତଗିରି ସଂଗ୍ରହାଳୟରେ ରଖିଛନ୍ତି । କିନ୍ତୁ ଏହି ପାହାଡ଼ର ଶୀର୍ଷଦେଶରେ ପାରାଭାଡ଼ି ଅବସ୍ଥିତ ଏହା ଏକ ବିରାଟ ବୌଦ୍ଧସ୍ତୁପ । ଭବିଷ୍ୟତରେ ଏହାର ଖନନ ହେଲେ ଭଗବାନ ବୁଦ୍ଧ ଓ ସାରିପୁତଙ୍କର ରିଲିକ୍ସ ବାହାରିବାର ସମ୍ଭାବନା ଅଛି । ଏଥିସହିତ ଏହି ପାହାଡ଼ରେ ଥିବା ଘଂଟିଆଶୁଣି ଓ ସାଧୁଗୁମ୍ଫା ଭଳି ସ୍ଥାନଗୁଡ଼ିକରେ ବହୁ ବୌଦ୍ଧକିର୍ତୀ ରହିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ରାଜ୍ୟ ସରକାର ଓଡ଼ିଶାର ବିଭିନ୍ନ ମନ୍ଦିରର ସୌନ୍ଦର୍ଯ୍ୟକରଣ କରିବା ନାମରେ ଶୁଖୁଆପଡ଼ା ପାହାଡ଼ରୁ ଖଣ୍ଡେଲାଇଟ ପଥର ଉତୋଳନ କରିବା ପାଇଁ ରାଜ୍ୟ ଖଣି ନିଗମ ଦ୍ୱାରା ଉନ୍ନତମାନର ମେସିନ୍ ଲଗାଇ ବୌଦ୍ଧ କିର୍ତୀରାଜିକୁ ଧ୍ୱଂସ କରିବାକୁ ଯେଉଁ ଚେଷ୍ଟା କରିଛନ୍ତି, ତାହାକୁ କରିବାକୁ ଦିଆଯିବ ନାହିଁ ବୋଲି ଡଃ ଜ୍ଞାନେନ୍ଦ୍ର କହିବା ସହ, ସରକାର ତୁରନ୍ତ ରାଜ୍ୟ ଖଣି ନିଗମକୁ ଦେଇଥିବା ଲିଜ୍‌କୁ ବାତିଲ୍ କରିବା ସହ ପାହାଡ଼ରୁ ପଥର ଖନନ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦୃଢ ଦାବି କରିଛନ୍ତି ଓ ରାଜ୍ୟର ସମସ୍ତ ବୌଦ୍ଧଧର୍ମର ଶ୍ରଦ୍ଧାଳୁମାନେ ଏହାର ବିରୋଧ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

# ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ସ୍ଥଗିତ ରହିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ : ଏବିଭିପି

ଭୁବନେଶ୍ୱର, ୨୧ ମଇ - ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦କୁ ସୁପ୍ରିମକୋର୍ଟଙ୍କ ସ୍ଥଗିତ ରଖିବା ନିଷ୍ପତିକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସ୍ୱାଗତ କରିଛି । ଏହି ଅଧିନିୟମକୁ ବିରୋଧ କରି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦୃଢ ପ୍ରତିବାଦ ହୋଇଥିଲା । ଏହା ସହ ବିଧାନସଭା ଆଗରେ ବି ଏହି ଅଧିନିୟମକୁ ବିରୋଧ କରାଯାଇଥିଲା । ଏହି ଅଧିନିୟମକୁ ଶିକ୍ଷାବିତମାନେ ବି ବିରୋଧ କରିଥିଲେ । କୁଳପତି, ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ଆଦି ବିଶ୍ୱବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡିକର ଚୟନରେ ୟୁଜିସିର ନିୟମକାନୁନ ଉଲଂଘନ କରି ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟର ଅଧିକାର ଉପରେ ହସ୍ତକ୍ଷେପ କରିଥିବା ଅଭିଯୋଗ ହୋଇଥିଲା । ବିଶ୍ୱବିଦ୍ୟାଳୟ ବଦଳରେ ରାଜ୍ୟ ପବ୍ଲିକ ସର୍ଭିସ କମିସନ ଏହି ପଦବୀ ପୂରଣ ପାଇଁ ପରୀକ୍ଷା ଓ ସାକ୍ଷାତକାର କରିବା ପାଇଁ ଏହି ଆଇନରେ ବ୍ୟବସ୍ଥା କରାଯାଇଥିଲା । ରାଜ୍ୟ ସରକାରଙ୍କ ଏହି ଆଇନକୁ ବୈଧ ଘୋଷଣା କଲାବେଳେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୧୯୭୯ର ୨୦୨୦ ସଂଶୋଧନକୁ କାଏମ ରଖିବା ସହ, ୟୁଜିସି ନୁହେଁ ରାଜ୍ୟ ସରକାରଙ୍କର ନିୟମ ରାଜ୍ୟର ବିଶ୍ୱବିଦ୍ୟାଳୟ ଉପରେ ଲାଗୁ ହେଲାବେଳେ ୟୁଜିସିର ନିୟମକାନୁନ ଲାଗୁ ହେବାର ବାଧ୍ୟବାଧକତା ନାହିଁ ବୋଲି କହିଥିଲେ । ମାତ୍ର ସୁପ୍ରିମକୋର୍ଟ ତାଙ୍କ ରାୟରେ ରାଜ୍ୟ ବିଶ୍ୱବିଦ୍ୟାଳୟ ମାନଙ୍କ ଉପରେ ୟୁଜିସି ଅଧିନିୟମ ୨୦୧୮ ଲାଗୁ ହେବ ବୋଲି ରାୟ ଦେଇଛନ୍ତି । ସମ୍ପୂର୍ଣ୍ଣ ଶିକ୍ଷା ବିରୋଧୀ ଓ ଅସାମ୍ବିଧାନିକ ରାଜ୍ୟସରକାରଙ୍କ ଏହି ଅଧିନିୟମ ଲାଗୁ ହେବ ନାହିଁ ବୋଲି ଏବିଭିପିର ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି । ଏହି ଆଇନ୍ ବିଶ୍ୱବିଦ୍ୟାଳୟର ସ୍ୱାୟତତାକୁ ନଷ୍ଟ କରୁଛି । ତେବେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତି ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ଆତଙ୍କବାଦ ବିରୋଧୀ ଶପଥପାଠ

ଭୁବନେଶ୍ୱର, ୨୧ ମଇ - ସମଗ୍ର ଦେଶରେ ଆତଙ୍କବାଦ ବିରୋଧୀ ଦିବସ ପାଳନ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶାଳୟରେ ଆଜି ପୂର୍ବାହ୍ନରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିର୍ଦ୍ଦେଶିତ ସମୟ ଅନୁସାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଆତଙ୍କବାଦ ବିରୋଧୀ ଶପଥପାଠ କରାଇଥିଲେ । ଅହିଂସା ଓ ସହନଶୀଳତା ପରମ୍ପରାରେ ବିଶ୍ୱାସ ରଖୁଥିବା ଆମେ ଭାରତବାସୀ, ସବୁ ପ୍ରକାର ଆତଙ୍କବାଦ ଓ ହିଂସାକୁ ଦୃଢ ଭାବରେ ବିରୋଧ କରିବା ସହ, ଶାନ୍ତି ବଜାୟ ରଖି ପାରସ୍ପରିକ ଭାବଗତ ଐକ୍ୟ ଓ ବୁଝାମଣା ସହକାରେ ମାନବ ଜୀବନ ଓ ମାନବୀୟ ମୂଲ୍ୟବୋଧରେ ବାଧକ ସାଜୁଥିବା ସମସ୍ତ ବିଚ୍ଛିନ୍ନତାବାଦୀ ଶକ୍ତି ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ଜାରି ରଖିବାକୁ ସମସ୍ତେ ଶପଥ ନେଇଥିଲେ । ପ୍ରକାଶ ଥାଉକି, ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବ ଗାନ୍ଧିଙ୍କ ତିରୋଧାନ ଦିବସ ଅବସରରେ ସମସ୍ତଙ୍କୁ ଆତଙ୍କବାଦ ଓ ହିଂସାତ୍ମକ କାର୍ଯ୍ୟକଳାପରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମଇ ମାସ ୨୧ ତାରିଖରେ ଆତଙ୍କବାଦୀ ବିରୋଧ ଦିବସ ପାଳନ ହୋଇଆସୁଛି । ଏହି ଶପଥପାଠ କାର୍ଯ୍ୟକ୍ରମରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ, ଉପ-ନିର୍ଦ୍ଦେଶକ ଡଃ. ଜ୍ୟୋତିର୍ମୟୀ ସାମନ୍ତରାୟ, ଶ୍ରୀମତୀ ସ୍ମିତା କର, ବିଶ୍ୱଜିତ ଦାଶ, ବସନ୍ତ କୁମାର ମହାନ୍ତି ଏବଂ ଉପ ଶାସନ ସଚିବ ମନ୍ମୁ ପ୍ରକାଶ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ଶାଖାର ପଦାଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ସହକାରୀ ନିର୍ଦ୍ଦେଶିକା (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

# ବିଚ୍ଛିନ୍ନାଂଚଳ ଫେରାଇ ଆଣିବା ପାଇଁ ଦୁର୍ବାର ଆନ୍ଦୋଳନ କରାଯିବ : ନାଗରିକ ମହାମଂଚ

ଭୁବନେଶ୍ୱର, ୨୧ ମଇ - ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଫେରାଇ ଆଣିବା ପାଇଁ ଜୋରଦାର୍ ଆନ୍ଦୋଳନ କରାଯିବା ସହିତ ଏ ଦିଗରେ ବିହିତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରିବା ଉଚିତ ବୋଲି ମହାମଂଚ ପକ୍ଷରୁ ଅଧକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ମତବ୍ୟକ୍ତ କରିଛନ୍ତି । ୧୯୬୮ ମସିହାରେ ଆନ୍ଧ୍ର ପ୍ରଦେଶର ଏକ ପୋଲିସ୍ ଦଳ କୋଟିଆ ଅଂଚଳକୁ ସର୍ବପ୍ରଥମେ ଅନଧିକାର ପ୍ରବେଶ କରିଥିଲେ । ଓଡ଼ିଶା ସରକାର ଏହାର ଦୃଢ଼ ପ୍ରତିବାଦ କରି ବିଫଳ ହେବାରୁ ତା ୧୨.୦୯.୧୯୬୮ ମସିହାରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ଦୁଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଉପସ୍ଥିତିରେ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ବର୍ତ୍ତମାନ ବାରମ୍ବାର ଆନ୍ଧ୍ର କୋଟିଆ ଏବଂ ଆଖପାଖର ବିଚ୍ଛିନ୍ନାଞ୍ଚଳ ଉପରେ ନଜର ରଖିବା ସହିତ କଳେବଳେକୌଶଳେ ଆମ ଅଞ୍ଚଳ ହାତେଇବାକୁ ଚେଷ୍ଟା କରିଛି । ଏ ଦିଗରେ ଗତ ବର୍ଷ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଆଶୁ ସମାଧାନ ବାହାରି ପାରିଲା ନାହିଁ । କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବା ବେଳେ ଓଡ଼ିଶା ସରକାର ନିଦାବିଷ୍ଟ ସାଜିଛନ୍ତି । ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ବ୍ୟାପକ ଭାବରେ ଏକ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ମହାମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ମହାମଞ୍ଚର ଅନ୍ୟ ସଦସ୍ୟ ଓଡ଼ିଶା ପୂର୍ଣ୍ଣାଙ୍ଗ ନ୍ୟାସ ମଣ୍ଡଳୀର ସୀତାବଲ୍ଲଭ ମହାପାତ୍ର, ପୂର୍ବନ ଜିଲ୍ଲାପାଳ ଗଦାଧର ପରିଡ଼ା, ସୀମାନ୍ତ ପ୍ରହରୀ ଜଗଦୀଶ ବର୍ଦ୍ଧିପାତ୍ର, ବି ମୁରଲୀଧର, ନାରାୟଣ ଓଝା, ସୁନୀଲ ମିଶ୍ର ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦର ବୈଠକ

ଭୁବନେଶ୍ୱର, ୨୧ ମଇ - ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)କୁ ଅଧିକ କ୍ରିୟାଶୀଳ କରାଯିବ । ରାଜ୍ୟର ୧ ଲକ୍ଷ ୧୫ ହଜାର ୫୦୦ ସ୍ୱେଚ୍ଛାସେବୀଙ୍କୁ ଚଳିତ ଶିକ୍ଷା ବର୍ଷରେ ମହାବିଦ୍ୟାଳୟଗୁଡ଼ିକୁ ତମାଖୁମୁକ୍ତ, ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍‌ରେ ପରିଣତ କରିବା ସହିତ ବ୍ୟାପକ ରକ୍ତଦାନ କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ । ଏଥି ସହ ବୃକ୍ଷରୋପଣ ଓ ବିଭିନ୍ନ ଜନସେଚତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି । ଆଜି ପୁସ୍ତକ ଭବନଠାରେ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟ ଏନ୍‌ଏସ୍‌ଏସ୍ ଉପଦେଷ୍ଟା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତି ଅନୁଯାୟୀ ଏଣିକି ପ୍ରତି ଏନ୍‌ଏସ୍‌ଏସ୍ ୟୁନିଟ୍ ର ସ୍ୱେଚ୍ଛାସେବୀ ସଂଖ୍ୟା ୫୦ରୁ ୧୦୦କୁ ବୃଦ୍ଧି କରାଯିବ । ସ୍ୱୟଂ ଶାସିତ ମହାବିଦ୍ୟାଳୟଗୁଡ଼ିକରେ ଏନ୍‌ଏସ୍‌ଏସ୍ କୁ ସକ୍ରିୟ କରାଯିବ । ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ ସ୍ୱେଚ୍ଛାସେବୀମାନଙ୍କୁ ଆନ୍ତଃରାଜ୍ୟ ଭ୍ରମଣ ପାଇଁ ସୁଯୋଗ ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ମିତଲ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବାସା, ଏନ୍‌ଏସ୍‌ଏସ୍ ର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ସତ୍ୟରଞ୍ଜନ ସାହୁ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ସଂଯୋଜକ ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଓ ନିରଦ ବରଣ ଖୁଂଟିଆ, ସମାଜସେବୀ ମଧୁସୂଦନ ଦାସଙ୍କ ସମେତ ୨୪ଟି ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଯୋଗଦେଇ ଏନ୍‌ଏସ୍‌ଏସ୍ ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ପୂର୍ବବର୍ଷର ବିବରଣୀ ସହ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ ।

# ସେଲ୍‌ଫ ଫାଇନାନ୍ସ କୋର୍ସ ଉପରେ ଅଙ୍କୁଶକୁ ବରଦାସ୍ତ କରାଯିବ ନାହିଁ : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୧ ମଇ – ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସର ମୁଖ୍ୟ ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ସେଲ୍‌ଫ ଫାଇନାନ୍ସ କୋର୍ସ ଉପରେ ଅଙ୍କୁଶ ନିଷ୍ପତିର ତୀବ୍ର ନିନ୍ଦା କରି କହିଛନ୍ତି ଯେ, ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର କିଛିଦିନ ତଳେ ସେଲ୍‌ଫ ଫାଇନାନ୍ସ କୋର୍ସ ଉପରେ ଅଙ୍କୁଶ ଲଗାଇ ସର୍କୁଲାର ଜାରି କଲେ । ଏହା ବିରୁଦ୍ଧରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା ଏବଂ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁଙ୍କ ବାସଭବନକୁ ତିନିଘ । ଧରି ଘେରାଉ କରି ରଖାଯାଇଥିଲା । ରାଜ୍ୟ ସରକାରଙ୍କ ଏହି ଛାତ୍ରବିରୋଧୀ ନିତି ବିରୋଧରେ ସାରା ରାଜ୍ୟରେ ଛାତ୍ରକଂଗ୍ରେସ ଆନ୍ଦୋଳନ କରିଥିଲା । ଛାତ୍ର କଂଗ୍ରେସର ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ସରକାର ଏହି ନିଷ୍ପତିକୁ ପ୍ରତ୍ୟାହାର କରି ନେଇଥିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଏହିକି ଯେ, ପୁଣି ସରାକରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ସେଲ୍‌ଫ ଫାଇନାନ୍ସ କୋର୍ସ ଉପରେ ଅଙ୍କୁଶ ଲଗାଯାଇ ସର୍କୁଲାର ଜାରି କରାଯାଇଛି । ଏହାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦୃଢ ନିନ୍ଦା କରୁଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ଉଚ୍ଚଶିକ୍ଷାମନ୍ତ୍ରୀ ଶ୍ରୀ ଅରୁଣ ସାହୁ, ଉଚ୍ଚଶିକ୍ଷା ସଚିବ / ରାଜ୍ୟପାଳଙ୍କ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ଓ ଘରୋଇ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି । ଶିକ୍ଷାମନ୍ତ୍ରୀ ଓ ଶିକ୍ଷା ସଚିବ ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କ ହାତରେ ସଖି କଣ୍ଢେଇ ହୋଇ ଓଡ଼ିଶାର ଗରୀବ ମେଧାବୀ ଛାତ୍ରଛତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି । ଅଧିକ ଅର୍ଥ ଦେଇ ଗରିବ ଛାତ୍ରଛାତ୍ରୀମାନେ ପ୍ରଫେସନାଲ କୋର୍ସ କରିପାରିବେ ନାହିଁ । ସେଥିପାଇଁ ଅଳ୍ପ ଅର୍ଥରେ ସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ଗରୀବ ଛାତ୍ରଛାତ୍ରୀମାନେ ଏହି କୋର୍ସ କରିବା ପାଇଁ ସୁବିଧା ଥିଲା । ମାତ୍ର ନବୀନ ସରକାର ଛାତ୍ରଛାତ୍ରୀମାନଙ୍କୁ ସେ ସୁବିଧାରୁ ବଂଚିତ କରିଛନ୍ତି । ଯେଉଁ ସେଲ୍‌ଫ ଫାଇନାନ୍ସ କୋର୍ସ ସରକାରୀ ବିଶ୍ୱବିଦ୍ୟାଳୟ ମାନଙ୍କରେ ୫୦ ହଜାରୁ ୧ଲକ୍ଷ ଟଙ୍କା ମଧ୍ୟରେ ହୋଇଯାଉଛି, ତାହା ଘରୋଇ ବିଶ୍ୱବିଦ୍ୟାଳୟ ମାନଙ୍କରେ ପାଖାପାଖି ୧୦ରୁ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଏହାଦ୍ୱାରା ଗରୀବ ମେଧାବୀ ଛାତ୍ରଛାତ୍ରୀମାନେ ପାଠପଠାରୁ ନିବୃତ ରହି ଦାଦନ ଖଟିବାକୁ ବାଧ ହେବ । ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ପ୍ରତି ବା ଶିକ୍ଷା ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ । ଶିକ୍ଷା ମାଫିଆଙ୍କ ଦ୍ୱାରା ସରକାରଙ୍କ ନିତି ନିଷ୍ପତି ତିଆରି କରାଯାଏ । ଶିକ୍ଷା ମାଫିଆଙ୍କ କଥାରେ ମନ୍ତ୍ରୀ ଓ ଶିକ୍ଷା ସଚିବ ରାଜ୍ୟର ଛାତ୍ରମାନଙ୍କ ସ୍ୱାର୍ଥକୁ ନେଇ ଖେଳ ଖେଳୁଛନ୍ତି । ମାତ୍ର ଛାତ୍ର କଂଗ୍ରେସ ଚୁପ୍ ବସିବ ନାହିଁ । ରାଜ୍ୟସାରା ଆନ୍ଦୋଳନ କରିବ ଏବଂ ସେଲ୍‌ଫ ଫାଇନାନ୍ସ କୋର୍ସ ଉପରେ ଲାଗୁ ହୋଇଥିବା ଅଙ୍କୁଶ ନ ଉଠିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ । ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ରାଜରାସ୍ତାରେ ବିରୋଧ କରାଯିବ ।

## ‘ନର୍ଥ-ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍‌ସିଟି’ର ସମାବର୍ତନ ସମାରୋହ

# ଆମ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଆଇଡ଼ିଆ, ଇନୋଭେସନ ଏବଂ ଆକାଂକ୍ଷାର ଅପୂର୍ବ ସମାହାର-ଧର୍ମେନ୍ଦ୍ର ପ୍ରଧାନ

ସିଲଙ୍ଗ୍/ଭୁବନେଶ୍ୱର, ୨୧ ମଇ - ଆମ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଆଇଡ଼ିଆ, ଇନୋଭେସନ ଏବଂ ଆକାଂକ୍ଷାର ଅପୂର୍ବ ସମାହାର ବୋଲି ଶନିବାର ମେଘାଳୟର ସିଲଙ୍ଗ୍ ସ୍ଥିତ ନର୍ଥ-ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍‌ସିଟିର ୨୭ତମ ସମାବର୍ତନ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦୁଇଦିନିଆ ଆସାମ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ମେଘାଳୟର ମୁଖ୍ୟମନ୍ତ୍ରୀ କରନାଡ୍ ସାଙ୍ଗମା, ଶିକ୍ଷା ମନ୍ତ୍ରୀ ଲାକ୍ଷମେନ୍ ରିମ୍ବୁଇଙ୍କ ସହ ନର୍ଥ-ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟିର ସମାବର୍ତନ ସମାରୋହରେ ଯୋଗ ଦେଇଛନ୍ତି । ସମାରୋହରେ ବିଦ୍ୟାର୍ଥୀଙ୍କୁ ଡ଼ିଗ୍ରୀ ଓ ପଦକ ପ୍ରଦାନ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମ ବିଶ୍ୱବିଦ୍ୟାଳୟ ଗୁଡିକ ସମାଜ ଓ ମାନବ ଜାତିର କଲ୍ୟାଣ ପାଇଁ ଗବେଷଣା କରିବାର ଏକ ଉପଯୁକ୍ତ ସ୍ଥାନ । ଲୋକଙ୍କ ଜୀବନଯାପନକୁ ସୁଗମ କରିବା ଦିଗରେ ଗବେଷଣା କରିବା ପାଇଁ ମଧ୍ୟ ବିଶ୍ୱବିଦ୍ୟାଳୟ ପ୍ରୋତ୍ସାହନ ପ୍ରଦାନ କରିଥାଏ । ଏ ମର୍ମରେ ପୂର୍ବତୋର ପର୍ବତୀୟ ବିଶ୍ୱବିଦ୍ୟାଳୟ ଉତର ପୂର୍ବାଂଚଳରେ ଗୁଣାତ୍ମକ ଶିକ୍ଷା କେନ୍ଦ୍ର ସ୍ଥାପନ କରିଅଛି । ସ୍ଥାନୀୟ ଅଂଚଳର ନାଗରିକଙ୍କ କଲ୍ୟାଣ ପାଇଁ ଉଚ୍ଚସ୍ତରୀୟ ଗବେଷଣା ଏବଂ ଜ୍ଞାନର ପ୍ରଚାରପ୍ରସାର ପାଇଁ ଏହି ଶିକ୍ଷାନୁଷ୍ଠାନର କାର୍ଯ୍ୟ ବାସ୍ତବପକ୍ଷେ ପ୍ରଶଂସନୀୟ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ପ୍ରଣୟନ ହୋଇଥିବା ନୂଆ ରଷ୍ଟ୍ରୀୟ ଶିକ୍ଷା ନୀତି ଆମ ସମସ୍ତଙ୍କୁ ବୈଶ୍ୱିକ ନାଗରିକ ପ୍ରସ୍ତୁତ କରିବା ଦିଗରେ ପଥ ପ୍ରଦର୍ଶକ ସାଜିବ । ଶିକ୍ଷା ନୀତିରେ ଶିଶୁଙ୍କ ସାମଗ୍ରିକ ବିକାଶ ସହ ଆଂଚଳିକ ଭାଷାରେ ଶିକ୍ଷାଦାନକୁ ଯଥେଷ୍ଟ ମହତ୍ୱ ଦିଆଯାଇଛି । ଅନୁରୂପ ଭାବରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦାତା ହେବା ପାଇଁ ପ୍ରୋତ୍ସାହନ କରିବା ସହ କହିଛନ୍ତି ଆମେ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଯୁବପିଢି ନିଜ ନିଜ ଦାୟିତ୍ୱକୁ ଗୁରୁତ୍ୱ ଦେବା ଉଚିତ୍ । ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟିର ଛାତ୍ରଛାତ୍ରୀମାନେ ଦୃଢ଼ ଆଲୁମିନି ନେଟଓ୍ୱାର୍କ ଗଠନ କରିବା ଦିଗରେ କାର୍ଯ୍ୟ କରନ୍ତୁ । ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ରାଜ୍ୟ, ଦେଶ ଏବଂ ମାନବ ସମାଜର ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଛନ୍ତି । ସେହିପରି ଶ୍ରୀ ପ୍ରଧାନ ସିଲଙ୍ଗ ଠାରୁ ଭିଡ଼ିଓ କନଫରେନ୍ସିଂ ଜରିଆରେ ନୂଆଦିଲ୍ଲୀ ଠାରେ ଆୟୋଜିତ ୪୯ତମ ଇଂଟରନ୍ୟାସନାଲ ଫେଡେରେସନ ଅଫ୍ ଟ୍ରେନିଂ ଏଣ୍ଡ୍ ଡେଭଲପମେଂଟ ଅର୍ଗାନାଇଜେନ (ଆଇଏଫଟିଡ଼ିଓ) ବିଶ୍ୱ ସମ୍ମିଳନୀ ଓ ପ୍ରଦର୍ଶନୀରେ ସାମିଲ ହୋଇଛନ୍ତି । ‘ଷ୍ଟ୍ରାଟେଜିକ୍ସ ଫର୍ ଆନ୍ ଏଜାଇଲ ଓ୍ୱାର୍କ କଲଚର ; ପାଥଓ୍ୱେ ଟୁ ଦ ନ୍ୟୁ ଏଜ୍’ ବିଷୟ ଉପରେ ଆୟୋଜିତ ଏହି ଆଲୋଚନାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତମାନ ସମୟନୁସାରେ କାର୍ଯ୍ୟ କରିବାର ଶୈଳି ବଦଳିଛି । ଏହି ପରିବର୍ତିତ ଦୃଶ୍ୟପଟ୍ଟରେ ଏକ କୌଶଳ ରଣନୀତି ମାଧ୍ୟମରେ ଏକବିଂଶ ଶତାବ୍ଦୀର ଆହ୍ୱାନକୁ ସାମ୍ନା କରିବା ପାଇଁ ମାନବ ସମ୍ବଳ ପ୍ରସ୍ତୁତ କରାଯିବ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ପ୍ରତ୍ୟେକ କ୍ଷେତ୍ରରେ କ୍ଷମତା ଗଠନକୁ ଗୁରୁତ୍ୱ ଦିଆଯାଉଛି । କାପାସିଟି ବିଲଡିଂ କମିଶନ ଅଫ୍ ଇଣ୍ଡିଆ ବିଭିନ୍ନ ସଂସ୍ଥା ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା



ଗ୍ରହଣ କରୁଛି । ଉଲ୍ଲେଖନୀୟ ଯେ, ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ମେଘାଳୟ ମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଗମା, ରାଜ୍ୟ ଶିକ୍ଷା ମନ୍ତ୍ରୀ ଶ୍ରୀ ରିମ୍ବୁଇ ଓ ସରକାରୀ ଅଧିକାରୀଙ୍କ ସହ ମେଘାଳୟରେ ପ୍ରାଥମିକ ଶିକ୍ଷା, ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ପରିସଂସ୍ଥାନ ଉପରେ ପ୍ରସ୍ତୁତ ଏକ ପ୍ରଜେଂଟେସନର ସମୀକ୍ଷା କରିଥିଲେ । ମେଘାଳୟ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରୁଥିବା ନେଇ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଥିଲେ ।

# ଭି ଏସ୍ ଏସ୍ ନଗର ଦୁର୍ଗା ପୂଜା କମିଟିର କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର, ୨୨ ମଇ– ବୀର ସୁରେନ୍ଦ୍ର ସାଏ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତିର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇ ଦୁଇ ବର୍ଷ ପାଇଁ କର୍ମକର୍ତା ନିର୍ବାଚନ ହୋଇଯାଇଛି । ଏହି ବୈଠକରେ ସମ୍ପାଦକୀୟ ବିବରଣୀ ଓ ଆର୍ଥିକ ବିବରଣୀ ପାଠ ପରେ ଡ ଜୟନ୍ତ କୁମାର ପରିଡାଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା । ଏହି ନିର୍ବାଚନରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଆର୍ତତ୍ରାଣ ଦଳାଇ, ଉପ-ସଭାପତି ଭାବେ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ନିମାଇଁ ଚରଣ ଦାସ, ଶିତଳ ଚନ୍ଦ୍ର ମହାନ୍ତି ସାଧାରଣ ସମ୍ପାଦକ, ମହେଶ୍ୱର ବିଶ୍ୱାଳ କୋଷାଧକ୍ଷ ଓ ନବୀନ କିଶୋର ଭୁକ୍ତା, ଭ୍ରମରବର ସାହୁ, ଗୌରାଙ୍ଗ ଚରଣ ପଲାଇ, ରାମ ଚନ୍ଦ୍ର ସାମଲ ଓ ସଂଜୟ କୁମାର ସ୍ୱାଇଁ ଆଦି ପାଂଚ ଜଣ ଯୁଗ୍ମ-ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ ।

# ରନ୍ଧନ ଗ୍ୟାସ୍ ଦରବୃଦ୍ଧି ବିରୋଧରେ ସିପିଆଇ ଓ ବିକେଏମ୍‌ୟୁର ବିକ୍ଷୋଭ

ଭୁବନେଶ୍ୱର, ୨୧ ମଇ - ରନ୍ଧନ ଗ୍ୟାସ୍‌ର କ୍ରମାଗତ ଦରବୃଦ୍ଧି ଘଟି ସିଲିଣ୍ଡର ଦାମ୍ ହଜାରେ ଟଙ୍କା ଟପିଲାଣି । ଏହା ବିରୋଧରେ ପ୍ରତିବାଦ ଜଣାଇବା ପାଇଁ ରାଜଧାନୀ ଭୁବନେଶ୍ୱରଠାରେ ଶନିବାର ସିପିଆଇ ଓ ବିକେଏମ୍‌ୟୁ ପକ୍ଷରୁ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଉଭୟ ସଂଗଠନ ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା । ଶୋଭାଯାତ୍ରାକାରୀମାନେ ସମଗ୍ର ଅଶୋକନଗର ଓ ମାଷ୍ଟରକ୍ୟାଂଟିନ ଅଞ୍ଚଳ ପରିକ୍ରମା କରିବା ପରେ ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ର୍ବିକ୍ଷୋଭକାରୀମାନଙ୍କୁ ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ େ କହିଥିଲେ ମାଦି ସରକାର ତୈଳ ଓ ଗ୍ୟାସ୍ ଦରକୁ ପ୍ରାୟ ପ୍ରତିଦିନ ବଢ଼ାଇ ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଚାଲିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଜୋନ ସହସମ୍ପାଦକ କୈଳାସ ପୁହାଣ, ନାନିକା ମୁଣ୍ଡା, ଲୋକନାଥ ଭୋଇ, ପାର୍ବତୀ ଲାଗୁରି, ଅଶୋକ ବାରିକ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଶଙ୍କର ବାରିକ, ଶିବ ବେହେରା, କୁନା ଜାଲି ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ବିଶିଷ୍ଟ ପରିବେଶବିତଙ୍କ ପରଲୋକ



ଖଇରା, ୨୨/୦୫ (ନି.ପ୍ର): ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ପାରିଖମା ଗ୍ରାମର ରାମନାଥ ନନ୍ଦୀ(୮୫)ରବିବାର ଦିନ ଆଖି ବୁଜିଛନ୍ତି । ଜଣେ ପରିବେଶବିତ ଅନୁଷ୍ଠାନ ପ୍ରେମୀ ଭାବେ ବିଭିନ୍ନ ସମୟରେ ଗଛଲଗାଇବା, ସ୍କୁଲ ତଥା ଅନୁଷ୍ଠାନ ପ୍ରତିଷ୍ଠାରେ ତାଙ୍କର ଯଥେଷ୍ଟ ଉଦ୍ୟମ ରହୁଥିଲା । ତାଙ୍କର ମୃତ୍ୟୁ ଖବର ପାଇଁ ଯୁବନେତା ବିଜୟ କୁମାର ବାରିକ ଉପାଧକ୍ଷ ଗଜେନ୍ଦ୍ର ପରିଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ବହୁ ଶୁଭେଚ୍ଛୁ, ପରିବେଶବିତ ଓ ଶିକ୍ଷାବିତ ତାଙ୍କ ବାସଭାବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।

## ବିଦ୍ୟାଳୟ ରୂପାନ୍ତରୀକରଣର କାର୍ଯ୍ୟ ତଦାରଖ କଲେ ବିଜେଡି ସାଂଗଠନିକ ସମ୍ପାଦକ

ଧର୍ମଶାଳା,୨୨/୦୫ (ନି.ପ୍ର): ରାଜ୍ୟ ସରକାର ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି । ବିଭିନ୍ନ ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଚାଲୁ ରହିଛି । ଏହି ଅବସରରେ ଆଜି ବିଜେଡି ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯାଜପୁର ଜିଲଶ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଂହଚି କାର୍ଯ୍ୟ ତଦାରଖ କରିଛନ୍ତି । ୫ଟି ମାଧ୍ୟମରେ ଏହି ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳନ୍ତରାୟ, ରସୁଲପୁର ବିଡିଓ ଉମାକାନ୍ତ ପରିଡା ଓ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ସମେତ ଦଳୀୟ କର୍ମକର୍ତା ଉପସ୍ଥିତ ରହିଥିଲେ ।

## ପୂର୍ବାଂଚଳ କରାଟେରେ ବଲାଙ୍ଗିର ଜିଲ୍ଲାର ସଫଳତା

ବଲାଙ୍ଗିର, ୨୨/୦୫ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଚାଲିଥିବା ଦ୍ୱିତୀୟ ପୂର୍ବାଂଚଳ କରାଟେ ପ୍ରତିଯୋଗିତା ୨୦୨୨ରେ ବଲାଙ୍ଗିର କରାଟେ ସ୍କୁଲ ଛାତ୍ରୀ ତମନ୍ନା ମେହେର ୧୧ବର୍ଷ(-୩୦କେଜି) କୁମିତିରେ ସ୍ୱର୍ଣ୍ଣ ଏବଂ ମୋନାଲିସା ବାରିକ ୧୩ବର୍ଷ(-୪୫କେଜି) ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ପୂର୍ବ ଭାରତ କରାଟେ ସଂଘ ସଭାପତି ହାନସି ପ୍ରେମଜିତ ସେନ୍, ପୂର୍ବ ଭାରତ କରାଟେ ସଂଘ ସାଧାରଣ ସମ୍ପାଦକ ସିହାନ ପଙ୍କଜ କାମ୍ବଲି, ପୂର୍ବ ଭାରତ କରାଟେ ସଂଘ ବୈଷୟକ ନିର୍ଦ୍ଦେଶକ ହାନସି ଡ. ହରିପ୍ରଶାଦ ପଟ୍ଟନାୟକ, ଓଡିଶା ରାଜ୍ୟ କରାଟେ ସଂଘର ଉପସଭାପତି ସନତ ନାୟକ ଏବଂ ସାଧାରଣ ସମ୍ପାଦକ ଗୌରି ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି କୃତିତ୍ୱରେ ବଲାଙ୍ଗିର ଜିଲ୍ଲା କରାଟେ ସଂଘର ସଭାପତି ବଳରାମ ସିଂ ଯାଦବ, ବରିଷ୍ଠ ପ୍ରଶିକ୍ଷକ ମାନୁଏଲ ନାଗ, ଉପସଭାପତି ସୁରେଶ ଚନ୍ଦ୍ର ଜାଲ, କୋଷାଧକ୍ଷ ସରୋଜକାନ୍ତ ବେହେରା ଅଭିନନ୍ଦନ ଜଣାଇଛନ୍ତି । ବଲାଙ୍ଗିର ଜିଲ୍ଲାରୁ ସମ୍ପାଦକ ହୃଦୟ ଶବର ଓ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠଙ୍କ ତତ୍ତ୍ୱାବଧାନରେ ଖେଳାଳୀମାନେ ଭୁବନେଶ୍ୱରକୁ ଗସ୍ତ କରିଥିଲେ ।

# ପଚାଂୟତକୁ ଶ୍ରେଷ୍ଠ ଓ ଆଦର୍ଶ ଭାବେ ଗଢି ତୋଳିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

ପୁରୀ,୨୨/୦୫ (ନି.ପ୍ର): ନିଜ ପଚାଂୟତ କୁ ଏକ ଆଦର୍ଶ ଓ ଶ୍ରେଷ୍ଠ ପଚାଂୟତ ଭାବେ ଗଢି ତୋଳିବାକୁ ଜିଲ୍ଲାପାଳ ସମର୍ଥ ବର୍ମା ଆହ୍ୱାନ ଦେଇଛନ୍ତି। ରବିବାର ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଟାଉନ ହଲ ଠାରେ ନବ ନିର୍ବାଚିତ ସରପଂଚ ମାନଙ୍କର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ ଙ୍କ ଆମନ୍ତ୍ରଣ କ୍ରମେ ମହିଳା ସରପଂଚ ମାନେ ଜଗନ୍ନାଥଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନିଜ ଅଭିଭାଷଣ ରେ ଜିଲ୍ଲାପାଳ ଶ୍ରୀ ବର୍ମା ନବ ନିର୍ବାଚିତ ସରପଂଚ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭଲ କାର୍ଯ୍ୟକୁ ପ୍ରାଥମିକତା ଦେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଗଠନ ମୂଳକ ଓ ସମାଜ କଲ୍ୟାଣ କାର୍ଯ୍ୟ ଗୁଡିକୁ ଅଗ୍ରାଧିକାର ଦେବା, ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରଣ କରିବା, ଗ୍ରାମ୍ୟ ଉଦ୍ୟାନ ସୃଷ୍ଟି କରିବା, ପାଠାଗାର, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ , ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଓ ସୌନ୍ଦର୍ଯ୍ୟ କରଣ,ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି କରଣ ଇତ୍ୟାଦି ଅତି ଆବଶ୍ୟକ ଓ ଜନ କଲ୍ୟାଣ କାର୍ଯ୍ୟ କୁ ପ୍ରାଥମିକତା ଦେବାକୁ ପଡିବ। ବର୍ତମାନ ପ୍ରତି ପଚାଂୟତ କୁ ୬୦ ଲକ୍ଷ ରୁ ଅଧିକ ଅର୍ଥ ମିଳୁଛି। ଏହାକୁ ଉପଯୁକ୍ତ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କଲେ ଏହା ଅଧିକ ଫଳପ୍ରଦ ହୋଇ ପାରିବ ବୋଲି ଜିଲ୍ଲାପାଳ ଶ୍ରୀ ବର୍ମା କହିବା ସହ ସହଭାଗିତାରେ ଜିଲ୍ଲା ର ଉନ୍ନୟନ କାର୍ଯ୍ୟକୁ ଶୀର୍ଷ କୁ ନେଇ ପାରିବା ବୋଲି ଆହ୍ୱାନ ଦେଇଥିଲେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର ଏଥିରେ ଅଧକ୍ଷତା କରିବା ସହ ପଚାଂୟତରାଜ ବିଭାଗର ଆଭିମୁଖ୍ୟ, ସ୍ଥାନୀୟ ସମ୍ବଳର ପରିଚାଳନା, ନେତୃତ୍ୱ ସୃଷ୍ଟି, କ୍ଷମତା ର ବିକେନ୍ଦ୍ରୀକରଣ କରି ବିକାଶକୁ ତ୍ୱରାନ୍ୱିତ, ପାରମ୍ପରିକ ଜ୍ଞାନ ଓ ସମ୍ବଳର ସଦୁପଯୋଗ, ଲୋକଙ୍କୁ ସଚେତନ ଓ ସହଯୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ସରପଂଚ ମାନଙ୍କର କାର୍ଯ୍ୟ, ଦାୟିତ୍ୱ ଓ କ୍ଷମତା, ନିଜ ପଚାଂୟତକୁ ବିକାଶ ପାଇଁ ବିବିଧ ଯୋଜନା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଦିଲ୍ଲୀପ କୁମାର ମହାପାତ୍ର ପଚାଂୟତ ର ବିକାଶ ଓ ଉନ୍ନତି ଦିଗରେ ରାଜସ୍ୱ ବିଭାଗର ଦାୟିତ୍ୱ ଓ ସହଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲା ର ସରପଂଚ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଏ ପି ଡି ବାଣିଭୂଷଣ ଦାସ, ନିଶିତ କୁମାର ଦାସ,ତୃପ୍ତି ବଡଜେନା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମୁଖ୍ୟ କିରାଣୀ ଶୈଳମାଳିନୀ ମିଶ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ କାର ?ଧ୍ୟ ସମ୍ପାଦନ ରେ ସହଯୋଗ କରିଥିଲେ। ପାୱାର ପ୍ରେଜେଣ୍ଟେସନ ମାଧ୍ୟମରେ ସରପଂଚ ମାନଙ୍କ ର ଦାୟିତ୍ୱ ସମ୍ପର୍କରେ ବିବିଧ ତଥ୍ୟ ପ୍ରଦର୍ଶନ କରାଯାଇଥିଲା ।

# ସ୍ୱତନ୍ତ୍ର ହଜ ଯାତ୍ରା ପ୍ରଶିକ୍ଷଣ ଶିବିର




ବାଲେଶ୍ୱର,୨୨/୦୫ (ନି.ପ୍ର): ହଜ ପାଇଁ ସାଉଦି ଆରବର ମକ୍କାକୁ ଉତ୍ତର ଓଡ଼ିଶାରୁ ଯାଉଥିବା ଇସଲାମ ଧର୍ମାବଲମ୍ବୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। 'ଖୁଦାମୁଲ ହୁଜାଜ କମିଟି' ପକ୍ଷରୁ ସହରର ଟପ୍ ଏଣ୍ଡ ଟେଷ୍ଟି ହୋଟେଲ ପରିସରରେ ଆୟୋଜିତ ଏହି ଶିବିରରେ ଅନୁଷ୍ଠାନର ସଭାପତି ହାଜି କମାଲ ଜାଫର ପୌରହିତ୍ୟ କରିଥିଲେ। ରାଜ୍ୟ ହଜ୍ କମିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୟେଦ ହାଜି ଅକ୍‌ଦସ, ଖୁଦାମୁଲ ହୁଜାଜ କମିଟି ଉପ-ସଭାପତି ମହମ୍ମଦ ମୁକ୍ତାର ଅହମ୍ମଦ ଓ ହାଜି ମୈନୁଲ ଇସଲାମ୍, ସମ୍ପାଦକ ଇନ୍ତେଖ୍ୱାବ ଅଲି ଖାନ୍, ଆଜିମ ବାଲେଶ୍ୱରୀ, ସରାଫତ ଅଲି, ଅମଜାଦ ଅଲି, ଚିରାଗ ଚୌହାନ, ଦିଲଦାର ଅଲି ହୋସେନ ପ୍ରମୁଖ ଯୋଗ ଦେଇ ହଜ ଯାତ୍ରୀଙ୍କ ମଙ୍ଗଳ ଯାତ୍ରା କାମନା ସହ ବିଶ୍ୱ ଭାତୃତ୍ୱର ପ୍ରତୀକ ଏହି ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ଭଦ୍ରକ ଜିଲା ହଜ୍ ପ୍ରଶିକ୍ଷକ ହାଜି ଅବଦୁଲ ମସଦୁଦ୍ ହବିବି, ବାଲେଶ୍ୱର ଜିଲା ହଜ୍ ପ୍ରଶିକ୍ଷକ ସୟଦ ହାଜି ଗୁଲାମ ଗୌସ, ପ୍ରଶିକ୍ଷକ ତଥା ଗାଇଡ ହାଜି ତବରେଜ ଖାନ ପ୍ରମୁଖ ଯୋଗଦେଇ ହଜ ଯାତ୍ରାର ନିୟମାବଳି ସମ୍ପର୍କରେ ଅବଗତ କରିବା ସହ ହଜ ସମୟରେ ପାଳନ କରାଯାଉଥିବା ବିଭିନ୍ନ ପ୍ରକାର ନୀତି, ନିୟମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପବିତ୍ର ଇସଲାମ ଧର୍ମପୀଠ ମକ୍କାକୁ ହଜ୍ କରିବାକୁ ଯାଇ ପୁଣ୍ୟ ଅର୍ଜନ ଭଳି ଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଉଥିବା ବ୍ୟକ୍ତିମାନେ ବି ସମପରିମାଣର ପୁଣ୍ୟର ଅଧିକାରୀ ବୋଲି ପ୍ରଶିକ୍ଷକମାନେ କହିଥିଲେ। ଚଳିତ ବର୍ଷ ଉତ୍ତର ଓଡିଶାର ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାରୁ ମୋଟ ୭୩ ଜଣ ଯାତ୍ରୀ ହଜ ପାଇଁ ଯିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯାତ୍ରୀମାନେ ଜୁନ ମାସରୁ ବାଲେଶ୍ୱରରୁ ଟ୍ରେନ ଯୋଗେ କୋଲକାତା ଯିବେ । ସେଠାରୁ ଯାତ୍ରୀମାନେ ବିଭିନ୍ନ ପର୍ଯ୍ୟାୟରେ ସାଉଦି ଆରବର ମକ୍କା ଅଭିମୁଖେ ଯାତ୍ରା କରିବେ। ପ୍ରାୟ ୪୫ ଦିନ ପରେ ହଜ୍ ସାରି ସମସ୍ତ ଯାତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କ ବୈଠକ

କେନ୍ଦ୍ରାପଡ଼ା, ୨୨/୦୫ (ନି.ପ୍ର): କେନ୍ଦ୍ରାପଡା କୋର୍ଟ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀ ମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରା ଜଜ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦିପ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ସମେତ ଅବକାରୀ ବିଭାଗ ଅଧିକାରୀ, ବନ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ଜିଲ୍ଲାରେ ସମସ୍ତ ବିଭାଗର କାର୍ଯ୍ୟ ଠିକ ଭାବରେ ଚାଲିଛି କି ନାହିଁ ଏଥର ସହିତ ବକେୟା ପଡିଥିବା କାର୍ଯ୍ୟ ଗୁଡିକୁ ତ୍ୱରାନିତ୍ୱ କରି ଫଇସଲା କରିବା ଉପରେ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ଏଥର ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ଜନ ସାଧାରଣଙ୍କ ପ୍ରତି ସୁସଂପର୍କ ରଖି ଉତମ ବ୍ୟବହାର ପୂର୍ବକ ସେମାନେ ନେଇ ଆସୁଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ନିଷ୍ପତି ନିଆଯାଇଛି ।

## ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୨/୦୫ (ନି.ପ୍ର): ଜୟପୁର ସଦର ପୋଲିସ ଫେରାର ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବାରିଣିପୁଟର ମାଧବ ଦଳାଇ (୩୭) । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟର ମାଧବ ଦଳାଇର ନାମରେ ସଦର ଥାନାରେ ଗତ ୨୦୧୫ ମସହାରେ ଏକ ଅପରାଧିକ ମାମଲା ରହିଥିଲା । ସେହି ଦିନଠାରୁ ଅଭିଯୁକ୍ତ ମାଧବ ଫେରାର ଥିବା ବେଳେ ଆଜି ବାରିଣିପୁଟରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ବଜ୍ରାଘାତରେ ଜଣେ ମୃତ, ଦୁଇ ଗୁରୁତର

ଖୋର୍ଦ୍ଧା,୨୨ ମଇ (ହି.ସ.) ବଜ୍ରାଘାତରେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଣପୁର ଥାନା ନାଚୁଣୀ ଫାଣ୍ଡି ଅନ୍ତର୍ଗତ ନଈରୀ ଗ୍ରାମରେ। ନାରାୟଣ ବେହେରା (୫୮)। ସୂଚନା ମୁତାବକ ନାରାୟଣ ବେହେରା ଗାଁ ରେ ବସିଥିଲେ।ହଠାତ ତାଙ୍କ ଉପରେ ବଜ୍ରାଘାତ ଘଟିଥିଲା। ଫଳରେ ଘଟଣା ସ୍ଥଳରେ ଗୁରୁତର ହୋଇଥିଲେ।ତେବେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରାଘାତରେ ଆହତ ହୋଇଥିବା ଦୁଇ ଜଣ ହେଲେ ହରିକୁଣ୍ଡ-ବରଡି ଗ୍ରାମର ନବୀନ ବରାଳ ଓ ବିପିନ ବରାଳ । ଗୁରୁତର ଆହତ ହୋଇଥିବା ଦୁଇ ଭାଇ ଚିଲିକା କୂଳ ନଈରୀ ପେଣ୍ଠ ନିକଟରେ ମାଛ କିଣିବା ପାଇଁ ଡଙ୍ଗାକୁ ଅପେକ୍ଷା କରିଥିବା ବେଳେ ଏଭଳି ଅଘଟଣର ଶିକାର ହୋଇଛନ୍ତି ।

# ଓଡ଼ିଶା ଦୃଷ୍ଟିବାଧିତ ମହିଳା ଫୁଟବଲ ଦଳର ପୁନେ ଯାତ୍ରା

ଭୁବନେଶ୍ୱର, ୨୨/୦୫ (ନି.ପ୍ର): ଆଇବିଏଫ୍ଏଫ୍ ଦ୍ୱାରା ଆୟୋଜିତ ୨ୟ ଜାତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଟୁର୍ଣ୍ଣାମେ ର ଆମନ୍ତ୍ରଣ କ୍ରମେ ଓଡ଼ିଶା ମହିଳା ଫୁଟବଲ ଦଳ ୨୨ ତାରିଖ ଦିନ କୋଣାର୍କ ଏକ୍ସପ୍ରେସ୍ ଯୋଗେ ପୁନେ ଯାତ୍ରା କରିଛନ୍ତି। ଓଡ଼ିଶା ଗ୍ରୁପ୍ 'ବି'ରେ ସ୍ଥାନିତ ହୋଇଅଛି। ଗ୍ରୁପ୍ 'ଏ'ରେ ତାମିଲନାଡୁ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଥିବା ବେଳେ ଗ୍ରୁପ୍ 'ବି'ରେ କର୍ଣ୍ଣାଟକ, ଓଡ଼ିଶା, ଗୁଜୁରାଟ ଓ ପଶ୍ଚିମବଙ୍ଗ ଅଛନ୍ତି। ଆସନ୍ତା ୨୪ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ପୁନେଠାରେ ଫୁଟବଲ ଟୁର୍ଣ୍ଣାମେ ଅନୁଷ୍ଠିତ ହେବ। ୨୮ ତାରିଖରେ ଓଡ଼ିଶା ଦଳ ପ୍ରତ୍ୟାର୍ବନ କରିବ। ଓଡ଼ିଶାରୁ ଯାତ୍ରା କରିଥିବା ଏହି ଦୃଷ୍ଟିବାଧିତ ମହିଳା ଫୁଟବଲ ଖେଳାଳିଙ୍କୁ ସାମାଜିକ କର୍ମୀ ମନୋଜ ପ୍ରଧାନ, ସନ୍ତୋଷୀ ଜୈନ, ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ରାମଚନ୍ଦ୍ର ସାହୁ, ପ୍ରିୟବ୍ରତ ପଣ୍ଡା, ଦୀନେଶ କେଡ଼ିଆ ଦୀନଦୟାଲ କେଡ଼ିଆ, ସୁଶାନ୍ତ ସାହୁ, ପ୍ରମୁଖ ସହଯୋଗର ହାତ ବଢାଇଥିବାର ଜଣାପଡ଼ିଛି । ଓଡ଼ିଶା ଦଳର ଖେଳାଳିମାନେ ହେଲେ ସ୍ମୃତିରେଖା ପ୍ରଧାନ, ଝୁନୁ ଦାସ, ପ୍ରିୟଙ୍କା ସ୍ୱାଇଁ, ପଦ୍ମିନୀ ଟୁଡୁ, ସରସ୍ୱତୀ ମୁର୍ମୁ, କର୍ମୀ ହାଁସଦା। ଏମାନେ ସମସ୍ତେ 'ବି'୧ କାଟାଗୋରୀର ଖେଳାଳି। ଅନ୍ୟମାନଙ୍କ ମଧ୍ୟରେ ଗୋଲକିପର ଶୁଭସ୍ମିତା ରାଣୀ ରାଉତ, ଗୋଲ ଗାଇଡ୍ ତ୍ରିଲୋଚନ ବେହୁରା ଓ କୋଚ୍ ବିଜୟଲକ୍ଷ୍ମୀ ଦେଇ। ଏ.ଏନ୍.ଏ.ବି. ଓ ଓଡ଼ିଶା ଫୁଟବଲ ସଂଘର ସାଧାରଣ ସମ୍ପାଦକ ଅଜୟ କୁମାର ସାମଲ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ମୂଲ୍ୟହୀନ ନାବାଳକ ଜୀବନ : ମୃତ୍ୟୁର ୩ଦିନ ପରେ ବି ତଦନ୍ତ ଆରମ୍ଭ ହୋଇ ପାରିଲାନି

ଖଇରା, ୨୨/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଅମ୍ବିକା ମନ୍ଦିର ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ରହି ଛେଳି ଚରାଉଥିବା ପିଲା ୧୭ତାରିଖରେ ବିଦ୍ୟୁତ କରେଣ୍ଟ ଲାଗି ଗୁରୁତର ହେବା,ଭଦ୍ରକରୁ କଟକ ମେଡିକାଲରେ ୩ଦିନ ଧରି ଚିକିତ୍ସିତ ହେବା ପରେ ଶେଷରେ ୨୦ତାରିଖରେ ଆଖି ବୁଜିଲା । ୧୩ବର୍ଷ ବୟସ ବୋଲି କୁହାଯାଉଥିବା ଏହି ପିଲାଟିର ଶବ ମେଡିକାଲରୁ ଅନ୍ତର୍ଦ୍ଧାନ ହେବା ସତ୍ତ୍ୱେ କାହାରି ପାଖରେ ସୂଚନା ନାହିଁ । ଏଭଳିକି ଚାଇଲ୍ଡ ଲାଇନ ପକ୍ଷରୁ ଲିଖିତ ଅଭିଯୋଗ ଦିଆଯିବାର ୨ଦିନ ବିତିଯାଇଥିଲେ ହେଁ ତଦନ୍ତ ଆରମ୍ଭ ହୋଇ ନପାରିବା ପୋଲିସର ସ୍ଥାଣୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିଭଳି ନାବାଳିକାକୁ ଘରେ ରଖି ଶ୍ରମିକ ଭାବେ ଗୋଟି ଖଟାଇଥିବା ମାଲିକ ଗିରଫ ଦୂରେ ଥାଉ ପଚରାଉଚୁରା କରିବାକୁ ମଧ୍ୟ ପୋଲିସ ପାଖରେ ସମୟ ନାହିଁ । ଉଚ୍ଚସ୍ତରିୟ ତଦନ୍ତ କରାଯାଇ ମୃତ ନାବାଳକ ଆତ୍ମାକୁ ନ୍ୟାୟ ଦେବାକୁ ଦାବି ହୋଇଛି । କୁପାରି ଅଞ୍ଚଳର ଗଜେନ୍ଦ୍ର ଜେନା କେନ୍ଦୁଝର ଜିଲାର ରାଇଘାଟି ଅଞ୍ଚଳରୁ ୨ଜଣ ଆଦିବାସୀ ନାବାଳକ ଙ୍କୁ ଘରେ ରଖି ଛେଳି ଚରାଇବା ସହିତ ଅନ୍ୟାନ୍ୟ ଘରୋଇ କାମରେ ନିୟୋଜିତ କରିଥିଲେ । ୧୭ତାରିଖ ଦିନ ଗୋଟିଏ ପିଲା ଘର ବାହାରେ କୌଣସୀ କାର୍ଯ୍ୟ କରୁଥିବା ବେଳେ କରେଣ୍ଟ ଲାଗିବାରୁ ଗୁରୁତର ହୋଇ ପଡିଥିଲା । ଜେନା ତାକୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଇ କୁଆଡେ ନିଖୋଜ ହୋଇ ଯାଇଥିଲେ । ପରେ ଚିକିତ୍ସାପାଇଁ ତାକୁ କଟକ ସ୍ଥାନାନ୍ତର କରାଯାଇଥିଲା । ୨୦ତାରିଖ ଦିନ ସେ ଆଖିବୁଜିଥିଲା । ତାରଠାରୁ ଶବ କୁଆଡେ ଗଲା ଆଉ କାହାରି ପାଖରେ କିଛି ସୂଚନା ନାହିଁ । ଅନ୍ୟ ନାବାଳକ ଜଣକୁ ଖଇରା ଚାଇଲ୍ଡ ଲାଇନ ଜରିଆରେ ଖଇରା ଥାନାକୁ ଅଣାଯାଇଛି । ଏ ସମ୍ପର୍କରେ ଖଇରା ଚାଇଲ୍ଡଲାଇନର ନିର୍ଦ୍ଦେଶକ ମଦନ ମୋହନ ବେହେରାଙ୍କୁ ଯୋଗାଯୋଗ କରିବାରେ ସେ କଟକ ଚାଇଲ୍ଡ ଲାଇନ କୁ ଜଣାଇ ଚିକିତ୍ସା କରାଇବାର ବନ୍ଦୋବସ୍ତ କରାଇଥିଲେ । ମୃତ୍ୟୁ ପରେ ଶବଟି ତା ମାକୁ ହସ୍ତାନ୍ତର କରିବା କଥା ଶୁଣୁଥିଲେ ହେଁ ନିଶ୍ଚିତ ନୁହଁନ୍ତି ବୋଲି କହିଛନ୍ତି । ତଦନ୍ତ ପାଇଁ ସେ ଖଇରା ଥାନାରେ ଲିଖିତ ଅଭିଯୋଗ କରି ସାରିଥିବାର କହିଛନ୍ତି । କେସ ଦାୟିତ୍ୱ ବୁଝୁଥିବା ଖଇରା ଥାନା ଏସଆଇ ରମେଶ ସେଠୀଙ୍କୁ ଯୋଗାଯୋଗ କରିବାରେ ସମୟ ଅଭାବରୁ ସେ ତଦନ୍ତ କାର୍ଯ୍ୟ ଆରମ୍ଭ କରି ପାରିନଥିବାର କହିଛନ୍ତି । ଏହି ମୃତ୍ୟୁକୁ ନେଇ ବଡଧରଣର ଡିଲ ହୋଇଥିବା ନେଇ ସାଧାରଣରେ ଆଲୋଚିତ ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅନୁଭବଙ୍କ ବିରୋଧରେ ....

ଆମ ଦୁହିଁଙ୍କ ଭିତରେ ଥିବା ଶାରିରୀକ ସମ୍ପର୍କର କଥାମାନ ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ, ଆରୋପ ଲଗାଇ ସୋସିଆଲ୍ ମିଡିଆ ମାଧ୍ୟମରେ ମୋର ଚରିତ୍ର ସଂହାର କରିବାର ଷଡଯନ୍ତ୍ର କରିଛନ୍ତି ବୋଲି ବର୍ଷା ଏତଲାରେ ଲେଖିଛନ୍ତି । ତା ସହିତ ବିନା ଦୋଷରେ ମୋତେ ଦୋଷୀ ସଜାଇ, ମୋ ନାରୀତ୍ୱକୁ ଆଘାତ ଓ ଅପମାନ ଦେଇ ମୋ ବଞ୍ଚିବାର ଅଧିକାର ଅନୁଭବ ଛଡାଇ ନେଉଛନ୍ତି ବୋଲି ବର୍ଷା କହିଛନ୍ତି । ଅନୁଭବ ନିଜର ସୋସିଆଲ୍ ଇମେଜକୁ ସଜାଡିବାକୁ ହୀନ ଷଡଯନ୍ତ୍ର କରୁଛନ୍ତି । ଏମିତିକି ତାଙ୍କ ସମର୍ଥକଙ୍କୁ ଏକାଠି କରି ତାଙ୍କ ବିରୋଧରେ ମିଥ୍ୟା ଓ ନିମ୍ନ କଥା କହି ଉସୁକାଇ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛନ୍ତି । ଏତଲାରେ ବର୍ଷା କହିଛନ୍ତି, ୨୦୨୦ ମସିହାରେ ଅନୁଭବ ଯେତେବେଳେ ତାଙ୍କୁ ଡିଭୋର୍ସ ଦେବାକୁ ବାଧ କରିଥିଲେ, ସେତବେଳେ ସେ ରାଜି ନହେବାରୁ ସେ ତାଙ୍କୁ ଡରାଇଥିଲେ । ଯଦି ବର୍ଷା ତାଙ୍କୁ ଭଲରେ ଭଲରେ ୩ ଦିନ ଭିତରେ ଡିଭୋର୍ସ ନଦିଅନ୍ତି, ତେବେ ସେ ତାଙ୍କୁ ସମାଜରେ ବାଟ ଚଲେଇ ଦେବେନି ବୋଲି କହିଥିଲେ । ବର୍ଷା ତାଙ୍କ ଗୋଡ ହାତ ଧରିକି କାନ୍ଦିବା ସହିତ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ବର୍ଷା ତାଙ୍କ ବୈବାହିକ ସମ୍ପର୍କକୁ ଭାଙ୍ଗିବାକୁ ଚାହୁଁନଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି । ଆଉ ଶେଷରେ ଅନୁଭବଙ୍କର ଦୁଇଟି ଯାକ ଭିଡିଓକୁ ଅନୁଧ୍ୟାନ କରି ଆଇନ୍ ଅନୁସାରେ ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ କରିବାକୁ ବର୍ଷା ଅନୁରୋଧ କରିଛନ୍ତି ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ....

ଶଙ୍କରାଚାର୍ଯ୍ୟ କହିଛନ୍ତି, ଶ୍ରୀମନ୍ଦିରର ଭବିଷ୍ୟତ ଓ ବର୍ତମାନ ପ୍ରତି ଯେପରି କୌଣସି ଆଘାତ ନପହଂଚେ ତା ଉପରେ ନଜର ଦେବାର ଆବଶ୍ୟକତା ରହିଛି । ଜାତୀୟ ସ୍ମାରକୀ ଅଂଚଳରେ କୌଣସି ପ୍ରକାର ଖନନ କରିବାକୁ ହେଲେ ଜିପିଆର ସର୍ଭେ ଜରୁରୀ । ପୁରୀ ଶ୍ରୀମନ୍ଦିର ଜାତୀୟ ସ୍ମାରକୀ ହୋଇଥିବାରୁ ଏଏସ୍ଆଇର ବିନା ଅନୁମତିରେ ଏଠାରେ କୌଣସି ପ୍ରକାର ଖନନ ହେବା ଅନୁଚିତ । କିନ୍ତୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିରର ୭୫ ମିଟର ପରିଧିରେ ରାଜ୍ୟ ସରକାର ଯେଉଁ ଉଚ୍ଛେଦ ଓ ଖନନ କରିଛନ୍ତି, ସେଥିପାଇଁ ଏଏସ୍ଆଇର ଅନୁମତି ସହ ଜିପିଆର ସର୍ଭେ କରାଯାଇନଥିବା ଅଭିଯୋଗ ହୋଇ ଆସୁଛି । ଏନେଇ ହାଇକୋର୍ଟଙ୍କ ଏଏସଆଇ ପକ୍ଷରୁ ରିପୋର୍ଟ ଦିଆଯାଇଛି । କିନ୍ତୁ ଜିପିଆରଏସ ହୋଇଥିବା କହିଥିଲେ ପିନାକୀ ।

### ତପଭୂମିକୁ ଭୋଗ ଭୂମି କରିବା....

ସମ୍ବିତ୍ ଚେଷ୍ଟା କରୁଛନ୍ତି। ଜିପିଆରଏସ୍ ପୂର୍ବରୁ ହୋଇ ଡିପିଆର ଏନ୍ଏମ୍ଏକୁ ଦିଆଯାଇଥିଲା। ଯେଉଁ ସେବାୟତ ଜମି ଦେଇଛନ୍ତି, ସେମାନେ କେବେ ବି କ୍ଷମା କରିବେନି। ପ୍ରକଳ୍ପକୁ ନେଇ ରାଜନୀତି କରିବା ଛାଡ଼ନ୍ତୁ। ସେପଟେ ଐତିହ୍ୟ ପ୍ରକଳ୍ପ ପାଇଁ ଚାଲିଥିବା ବେଆଇନ୍ ଖନନକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ସାମାଜିକକର୍ମୀ ଦିଲୀପ ବରାଳ ସିଧା ସିଧା କହିଛନ୍ତି, ସରକାରଙ୍କ ଗଫଲତି ଧରା ପଡ଼ିଛି। କୋର୍ଟରେ ଦାଖଲ ଜଏଣ୍ଟ ଭେରିଫିକେସନ୍ ରିପୋର୍ଟର ୯ ନମ୍ବର ପଏଣ୍ଟରେ ପ୍ରକଳ୍ପ ସ୍ଥଳରେ ଆଦୌ ଜିପିଆରଏସ୍ ସର୍ଭେ ହୋଇନଥିଲା ବୋଲି ଏଏସ୍ଆଇ ଯାହା ଦର୍ଶାଇଥିଲା ତାହା ବି ସ୍ପଷ୍ଟ ହୋଇଛି। ଏମିତିକି ବେଆଇନ୍ ଖନନ ଯୋଗୁଁ ଏମାର ମଠ ପରିସରରୁ ମିଳିଥିବା ଭଙ୍ଗା ସିଂହ ହିଁ ଅନେକ କୀର୍ତ୍ତିରାଜି ନଷ୍ଟ ହୋଇଥିବାର ବଳିଷ୍ଠ ପ୍ରମାଣ। ସୂଚନା ଯୋଗ୍ୟ ଯେ, ଗତ କାଲି ରାତି ୧୨ଟାରେ ଲୁଚାଛପାରେ ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର ମେସିନ୍ ଜରିଆରେ ଶ୍ରୀମନ୍ଦିରର ପୂର୍ବ-ଦକ୍ଷିଣ କୋଣ କାକୁଡି ଖାଇ ପୀଠ ପାଖରୁ ଆରମ୍ଭ କରି ମନ୍ଦିର ଚାରିପାଖେ ସର୍ଭେ ହେଉଥିଲା। ଯାହା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଓ ଏଏସ୍ଆଇ ଅନୁମତିକୁ ନେଇ ପୁଣି ଅଙ୍ଗୁଳି ଉଠିଛି।

### ସାରା ଦେଶର କମିଲା....

କେନ୍ଦ୍ର ସରକାରଙ୍କ ଯେତିକି ସ୍କୋପ ରହିଛି, ରାଜ୍ୟ ସରକାରଙ୍କର ନାହିଁ । ତେବେ ଉତ୍କଳ ପେଟ୍ରୋଲିୟମ ଡିଲର୍ସ ସଂଘର ସାଧାରଣ ସଂପାଦକ ସଂଜୟ ଲାଠ କହିଛନ୍ତି, ତେଲ ଦର ହ୍ରାସ ସାମୟିକ ଆଶ୍ୱସ୍ତି । ଯଦି ସ୍ଥିର ରହିଥିବା ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପୁଣିଥରେ ଦୈନିକ ରିଭିଜନ୍ ହୁଏ, ତେବେ ପୁଣିଥରେ ବୃଦ୍ଧି ପାଇବ ଦର । ରାଜ୍ୟ ସରକାର ମଧ ଦରଦାମ ନିୟନ୍ତ୍ରଣ ଓ ଲୋକଙ୍କ ବୋଝ ହାଲୁକା କରିବା ପାଇଁ ଭାଟ ହାର ହ୍ରାସ କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି । ୨୦୨୦-୨୧ରେ ଭାଟ ଜରିଆରେ ୬,୨୨୪ କୋଟି ଟଙ୍କା ରାଜସ୍ୱ ପାଇଥିଲା ଓଡ଼ିଶା ।

### ବିଜେପିକୁ ଶକ୍ତ ଧକ୍କା....

ଆଗକୁ ଜାତୀୟ ସ୍ତରରେ ମମତାଙ୍କ ନେତୃତ୍ୱରେ ଦମଦାର ଲଢ଼େଇ ହେବ। । ଆସନ୍ତାକାଲି ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିବେ ବୋଲି କହିଛନ୍ତି।ବିଜେପିର ପୂର୍ବତନ ଉପାଧ୍ୟକ୍ଷ ତଥା ବରାକପୁରର ସାଂସଦ ଅର୍ଜୁନ ସିଂହ ଟିଏମସିରେ ମିଶିବା ପରେ ଦଳ ପକ୍ଷରୁ ତାଙ୍କୁ ସ୍ୱାଗ କରାଯାଛି। ସେ ଆଜି ଟିଏମସିର ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ଯୋଗ ଦେଇଛନ୍ତି। ଗତ ୬ ମାସ ହେଲା ଅର୍ଜୁନ ସିଂ ଟିଏମସି ସହ ଯୋଗାଯୋଗରେ ଥିବା ଜଣାପଡ଼ିଛି। ନିକଟରେ ଅର୍ଜୁନ ସିଂହ ଅଭିଯୋଗ କରିଛନ୍ତି ଯେ, ବିଜେପି ରାଜ୍ୟ ସଂଗଠନ ତାଙ୍କୁ ଠିକ୍ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦେଉନାହିଁ । ଅର୍ଜୁନ ସିଂହ ୨୦୧୯ ରେ ଟିଏମସିରୁ ବିଜେପିରେ ଯୋଗ ଦେଇଥିଲେ ।

# ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ୨୫ରେ ଭାରତ ବନ୍ଦ ପାଇଁ ପ୍ରସ୍ତୁତି

ଜୟପୁର, ଭୁବନେଶ୍ୱର, ୨୨/୦୫ (ନି.ପ୍ର): ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ୨୫ରେ ଭାରତ ବନ୍ଦ ପାଇଁ ପ୍ରସ୍ତୁତି ଆଜି ଜୟପୁର ଠାରେ ହୋଇଛି । କେନ୍ଦ୍ର ସରକାର ଦ୍ୱାରା ପଛୁଆ ବର୍ଗଙ୍କ ଜାତି ଆଧାରିତ ଜନଗଣନା ନ ହେବା ବିରୋଧରେ ହେଉଥିବା ଏହି ବନ୍ଦକୁ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଜିଲ୍ଲା ସଭାପତି ମଦନ ମୋହନ ନାୟକ, ସମ୍ପାଦକ ପରମେଶ୍ୱର ପାତ୍ର, ସଂଯୋଗକ ପ୍ରବୀର ପାତ୍ର, ଡମ୍ବ ସଂଗଠନ ପକ୍ଷରୁ ପବିତ୍ର ଖରା, ମଙ୍ଗଳ ଦାନ ଖିଲ, ଯାଦବ ସଂଗଠନ ପକ୍ଷରୁ ରାଜେନ୍ଦ୍ର କୁମାର ଗୌଡ଼, ସାଥୀରମ ନାୟକ, ଚନ୍ଦକାନ୍ତ ସୁତାର, ଗଜେନ୍ଦ୍ର ସାହୁ, ଦାମୋଦର ରଣା, ଅମୃତ ଖରା, ବୃନ୍ଦାବନ ଖରା, ବି ହନୁମାନ ଦୋରା, ଏମ ଆଦିନାରାୟନ, ସୁରେନ୍ଦ୍ର ଖରା ପ୍ରମୁଖ ଉପସ୍ଥିତ ଥିଲେ ।

# ବସୁଧା ଜଳ ପ୍ରକଳ୍ପ ଶିଳାନ୍ୟାସ କଲେ ବସ୍ତା ବିଧାୟକ



ବସ୍ତା, ୨୨/୦୫ (ନି.ପ୍ର): ବସ୍ତା ବ୍ଲକ ଅଧିନସ୍ଥ ଗଡପଦା ପଞ୍ଚାୟତ ବାଖରାବାଦ ଭୂତଖଣ୍ଡି ଗ୍ରାମ ପାଇ ବସୁଧା ଯୋଜନା ମାଧ୍ୟମରେଏକ ଲକ୍ଷ ଧାରଣକରୁଥିବା ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ ଓ ଭୂମି ପୂଜନ କାର୍ଯ୍ୟକ୍ରମ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ହମିଦ ଖାଁ.ୱାଡ ସଭ୍ୟା ସବିତା ନାୟକ ସୁବ୍ରତ ପଣ୍ଡା ଓ ଦୁଇଟି ଗ୍ରାମର ସମସ୍ତ ଜନ ସାଧାରଣ ଉପସ୍ଥିତ ରହିଥିଲେ । ତେବେ ବିଳମ୍ବ ହେଲେ ମଧ ପାଣିର ସମସ୍ୟା ସବୁ ସମୟରେ ଲାଗିରହିଥିଲା । ତେବେ ବିଧାୟକଙ୍କ ପ୍ରଚେଷ୍ଟାରେ ପାଣି ସମସ୍ୟା ଦୂର ହେବାକୁ ଯାଉଥିବା ନେଇ ଗ୍ରାମ ବାସୀଙ୍କ ମଧ୍ୟରେ ଆନନ୍ଦ ଲହରୀ ଖେଳି ଯାଇଛି ।

# ଖବର ପରେ ପଡିଲା ପ୍ରଭାବ, ଆରମ୍ଭ ହେଲା ପୋଲ ମରାମତି କାର୍ଯ୍ୟ

କନ୍ଧମାଳ, ୨୨/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ସଦରମହକୁମା ଛକଠାରୁ ଶଙ୍କରାଖୋଲ ମାତ୍ର ୨୦ କିଲୋମିଟର ଦୂରତା ରାସ୍ତାର ଏଭଳି ବିପଦପୂର୍ଣ୍ଣ ଅବସ୍ଥା ରହିଛି ଯେ କୌଣସି ମୁହୁର୍ତ୍ତରେ କେତେବେଳେ କୌଣସି ବ୍ୟକ୍ତି କିମ୍ବା ପରିବାରର ବିପଦ ଘଟି ଧନଜୀବନର କ୍ଷତି ଘଟିବ ତାହା ଜଳଜଳ ହୋଇ ଦେଖିବାକୁ ମିଳୁଛି। ଏନେଇ ଗତ ୧୩ ତାରିଖରେ ରାସ୍ତା ମରଣଯନ୍ତା ବିପଦରେ ଯାତ୍ରୀ ମୂଳକ ଖବର ଗଣମାଧ୍ୟମ ରେ ପ୍ରକାଶ ପାଇଥିବା ବେଳେ ନିଦ ଭାଙ୍ଗିଛି ବିଭାଗୀୟ ଅଧିକାରୀଙ୍କର। ଖଜୁରୀପଡା ଠାରୁ ଶଙ୍କରାଖୋଲ ପୂର୍ତ୍ତ ବିଭାଗର ମାତ୍ର ୨୦ କିଲୋମିଟର ରାସ୍ତା ରେ ଅନେକ ସ୍ଥାନ ରେ ରାସ୍ତାରେ ଖାଲଖମା ହୋଇ ଛୋଟ ବଡ଼ ଦୁର୍ଘଟଣା ହେଉଥିବା ବେଳେ ସନ୍ୟେପଦର ଛକରେ ମଧ୍ୟ ରାସ୍ତା ବିପଦପୂର୍ଣ୍ଣ ଭାବେ ଖାଲଖମା ରେ ଭର୍ତ୍ତି ହୋଇ ରହିଛି। ସେହିଭଳି ରାସ୍ତା କଡରେ ଅନେକ ଶୁଖିଲା ଗଛସବୁ ବିପଦପୂର୍ଣ୍ଣ ଭାବେ ରହିଛି। ଏସବୁ ବିପଦପୂର୍ଣ୍ଣ ସ୍ଥାନକୁ ନଜର ଦେଇ ବିଭାଗୀୟ ଅଧିକାରୀ ମାନେ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଚୁପ୍ ହୋଇ ରହୁଥିବା ଅଭିଯୋଗ ହେଇଛି । ଖଜୁରୀପଡ଼ା ସଦରମହକୁମା ଚାର୍ମ କାର୍ଯ୍ୟାଳୟ ନିକଟ ପୋଲର ଦୟନୀୟ ସ୍ଥିତି ସମ୍ପର୍କରେ ଅନୁପମ ଭାରତରେ ଖବର ପ୍ରକାଶ ପରେ ତତ୍ପରତା ହୋଇ ବିଭାଗୀୟ ଯନ୍ତ୍ରୀ ପୋଲ ମରାମତି କାମ ଆରମ୍ଭ କରିବା ଦେଖିବାକୁ ମିଳିଥିବା ବେଳେ ପୂର୍ବରୁ ରାସ୍ତା ମରାମତି ପାଇଁ ଦାବୀ କରିଥିବା ସ୍ଥାନୀୟ ଜନସାଧାରଣ ମରାମତି ସ୍ଥାନ ରେ ପହଂଚି ମରାମତି କାର୍ଯ୍ୟ ସଠିକ୍ ନିୟମରେ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ।

ବାଲେଶ୍ୱର, ସୋମବାର, ୨୩ ମଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ଜୟପୁର ନାଗରିକ ଭବନ ଉଦ୍‌ଘାଟନ

ଜୟପୁର, ୨୨/୦୫ (ନି.ପ୍ର): ଜୟପୁର ନାଗରିକ କମିଟିର ନାଗରିକ ଭବନ ଉଦଘାଟନ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ଜୟପୁର ଏମ.ଜି ରୋଡ ସ୍ଥିତ ସିରିଡି ସାଇ ମନ୍ଦିର ପଛପଟେ ଏହି ଭବନ ନିର୍ମାଣ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ବାହିନିପତି ଯୋଗ ଦେଇ ଜଗନ୍ନାଥ ସାଗର ପୁନଃ ଉଦ୍ଧାର ଜାରି ରହିଛି । ଖୁବ ଶିଘ୍ର ଜୟପୁର ବସୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି । ସହରର ନିଳକଣ୍ଠ ସାଗର ମଧ ବିକାଶ ହେବାକୁ ଯାଉଛି । କୁଟିର ଓ କ୍ଷୁଦ୍ର ଶିଳ୍ପ ପ୍ରତି ଯୁବ ପିଢି ଆଗ୍ରହ ଦେଖାଇ ରୋଜାଗର କ୍ଷମ ହେବାକୁ ବିଧାୟକ ବାହିନିପତି ଆହ୍ୱାନ ଦେଇଥିଲେ । କ୍ଷୁଦ୍ର ଶିଳ୍ପ ନିର୍ମାଣ ପାଇ ଆବଷ୍ୟକ ହେଉଥିବା ଜମି ସରକାର କୁଶଳି ଯୁବକମାନଙ୍କୁ ଯୋଗାଇବା ପାଇ ବିଧାୟକ ବାହିନିପତି ଚେଷ୍ଟା କରୁଥିବା ସୁଚନା ଦେଇଛନ୍ତି । ପ୍ରଥମେ ଜୟପୁର ନାଗରିକ କମିଟିର ସବସମ୍ମିତି କ୍ରମେ ମନୋନିତ କରାଯାଇଥିଲା । ସଭାପତି ଭାବେ ମୀନ କେତନ ଦାସ, ଉପ ସଭାପତି ମଦନ ମୋହନ ନାୟକ, ଜାନକୀ ପାଣିଗ୍ରାହୀ, ଦେବେନ୍ଦ୍ର ବାହିନିପତି ମନୋନିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଜି ଭେଙ୍କଟ ରାଓ, ଯୁଗ୍ମ ସମ୍ପାଦକ ରତ୍ନାକର ଚୈଧୁରି, ସୁବାସ ପଣ୍ଡା, ଭୀମସେନ ଅଗ୍ରଓାଲ, ରହିଥିବା ବେଳେ କୋଷାଧକ୍ଷ ଗୌର ହରି ନାୟକ, ସଙ୍ଗଠନ ସମ୍ପାଦକ ଗୀତା ପ୍ରକାଶ ମିଶ୍ର ମନୋନିତ ହୋଇଛନ୍ତି । ସେହିପରି କାଯ୍ୟକାରିଣି ସଭ୍ୟ ଭାବେ ନରସିହଂ ଚୌଧୁରି, ଯାଦବ ସୁବୁଦ୍ଧି, ଭବାନି ଶଙ୍କର ଆଚାଯ୍ୟ, ପରମେଶ୍ୱର ପାତ୍ର, ଶଙ୍କର ପ୍ରହରାଜ, ରାମ ନାୟକ, ଉମା କାନ୍ତ ଶତପଥୀ, ବିନୋଦିନୀ ସାନ୍ତାପାତ୍ର, ଜୟନ୍ତୀ ସାହୁ ଓ ନିଳାଂଚଳ ପ୍ରଧାନ ରହିଛନ୍ତି । ଶଙ୍କର ପ୍ରହରାଜ ଗଣ ମାଧମ ଦାୟିତ୍ୱ ଦିଆଯାଇଥିବା ବେଳେ ଉପଦେଷ୍ଟା ଭାବେ ସୁରେଶ ଦାସ, ରାମ କୃଷ୍ଣ ସାହୁ, ସତ୍ୟ ବାନ ପଣ୍ଡା ରହିଛନ୍ତି । ବିଧାୟକ ପାଣ୍ଡି ଓ ସଭ୍ୟ ମାନଙ୍କ ସହ ଯୋଗରେ ନାଗରି ଭବନ ନିର୍ମାଣ ହୋଇଛି । ନିବାଚନ ପରେ ନୁତନ ନିବାଚିତ କର୍ମକର୍ତ୍ତା ଙ୍କୁ ନିବାଚନ ଅଧିକାରି ଶପଥ ପାଠ କରାଇଥିଲେ ।

## ଗୋଟିଏ ଦିନରେ ୧୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୩୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୦୮୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୧୦ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୦ ଜଣ ସଂଗରୋଧରୁ ଓ ୫ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୨, ଖୋର୍ଦ୍ଧା ଜିଲ୍ଲାରେ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସମ୍ବଲପୁର ଜିଲ୍ଲାରୁ ୧ ତଥା ସୁନ୍ଦରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## କର୍କଟ ରୋଗ ଚିକିତ୍ସା ଶିବିର

କେନ୍ଦ୍ରାପଡ଼ା, ୨୨/୦୫ (ନି.ପ୍ର): କେନ୍ଦ୍ରାପଡା ଗୋପସ୍ଥିତ ରେୟାଂସ କ୍ଲାସେସ୍ ରେ ଏକ ମାଗଣା କର୍କଟ ରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପଣ୍ଡା କର୍କଟ ରୋଗ ଅନୁଷ୍ଠାନର ବରିଷ୍ଠ କର୍କଟ ବିଶେଷଜ୍ଞ ଡାକ୍ତର ରଞ୍ଜିତ କର ଏବଂ ଅନ୍ୟମାନେ କର୍କଟ ରୋଗୀଙ୍କୁ ଚିହ୍ନଟ ଦେଖିଥିବା ଜଣାପଡିଛି । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ରୋଗି ମାନଙ୍କୁ ଡାକ୍ତର କର ଦେଖିବା ସହ ଚିକିତ୍ସା ସଂପର୍କରେ ପରାମର୍ଶ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାମାରୀ ବିଶେଷଜ୍ଞ ଶୁଶାନ୍ତ ପଟ୍ଟନାୟକ, ଉପ ପରିଚାଳକ ଶ୍ୟାମସୁନ୍ଦର ବିଶ୍ୱାଳ, କାଉନସିଲର ଶୁଭଶ୍ରୀ ନିବେଦିତା ସ୍ୱାଇଁ, ରେୟାଂସ କ୍ଲାସେସ୍ ର ମୁଖ୍ୟ ସତ୍ୟବ୍ରତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଖଇରାର ଗର୍ବ ଗୌରବ ଅଭିଲିପ୍ସା : ଆୟୁଷ୍ମାନ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧନା



ଖଇରା, ୨୨/୦୫ (ନି.ପ୍ର): ନିକଟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ପଞ୍ଚାୟତ ଅଧୀନ ନୂଆ ଗ୍ରାମର ୟୁଟୁବ୍ ଗାର୍ଲ ଭାବେ ପରିଚିତ ଅଭିଲିପ୍ସା ଉପାଧ୍ୟାୟ ନିକଟରେ ବାଲେଶ୍ୱର ଠାରେ ଅନୁଷ୍ଠିତ ସ୍ନୋ-ଫେଷ୍ଟିଭାଲରେ ପାରଦର୍ଶୀତା ଦେଖାଇ ଖଇରା ପାଇଁ ଗୌରବ ଆଣି ଦେଇଛନ୍ତି । ଏହି ଅବସରରେ ଆୟୁଷ୍ମାନ ଫାଉଣ୍ଡେସନର ସଦସ୍ୟ ମାନେ ତାଙ୍କୁ ତାଙ୍କ ବାସଭାବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି । ସଙ୍ଗଠନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଓ ଅନ୍ୟମାନେ ଅଭିଲିପ୍ସାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ଅବସରରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ଦ୍ୱିତୀୟ ବର୍ଷ ର ଛାତ୍ରୀ ଅଭିଲିପ୍ସା ର୍ୟାମ୍ପ ୱାକ ଫାଇନାଲରେ ରନର୍ସ ଅପ ମୁକୁଟ ପିନ୍ଧି ସବୁ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସେ ୟୁଟୁବ ରୁ ସେ ମଡେଲିଂ, ଫେସନ, ର୍ୟାମ୍ପ ୱାକ ନାଚ ଇତ୍ୟାଦି ଶିକ୍ଷା ଅର୍ଜନ କରି ନିଜକୁ ପାରଙ୍ଗମ କରାଇଥିବାର କହିଛନ୍ତି । ଆଗକୁ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତା ରେ ଅଂଶଗ୍ରହଣ କରି ଖଇରାମାଟିର ଟେକ ରଖିବାକୁ ପ୍ରୟାସ ଚଳାଇଥିବାର ଅଭିଲିପ୍ସା କହିଛନ୍ତି ।

## ଆବାସିକ ପ୍ରକଳ୍ପ 'ସମ୍ବେଦନା ହାଇଟ୍ସ'ର ଭୂମିପୂଜନ



ବାଲେଶ୍ୱର, ୨୨/୦୫ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଗୃହ ନିର୍ମାଣକାରୀ ସଂସ୍ଥା 'ମନିଷା ପାୱାର କନଷ୍ଟ୍ରକ୍ସନ୍ସ' ଏବଂ 'ସୁମିତ ଏଣ୍ଟ୍ରୋପ୍ରାଜେସ'ର ମିଳିତ ତୃତୀୟ ରେସିଡେନସିଆଲ ପ୍ରକଳ୍ପ 'ସମ୍ବେଦନା ହାଇଟ୍ସ'ର ଭୂମି ପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ନିର୍ଦ୍ଦେଶକ ସୁନୀଲ କୁମାର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁରୁଡା ସ୍ଥିତ ଜ୍ୟୋତି ହସପିଟାଲ ସମ୍ମୁଖ ପ୍ରସ୍ତାବିତ ସ୍ଥାନରେ ଭୂମିପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ବାଲେଶ୍ୱର ଗାୟତ୍ରୀ ପରିବାରଙ୍କ ସହଯୋଗରେ ଭୂମି ପୂଜା ଓ ଯଜ୍ଞାଦି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା । ରାଜେଶ କୁମାର ପଣ୍ଡା, ରେଖାରାଣୀ ଦାସ, ସୁଧାଂଶୁ ବେହେରା ପ୍ରମୁଖ ଏହି କର୍ମକାଣ୍ଡ ସମ୍ପାଦନ କରିଥିଲେ । 'ମନିଷା ପାୱାର କନଷ୍ଟ୍ରକ୍ସନ୍ସ' ଏବଂ 'ସୁମିତ ଏଣ୍ଟ୍ରୋପ୍ରାଜେସ'ର ମ୍ୟାନେଜିଂ ପାର୍ଟନର ଜ୍ୟୋତିର୍ମୟ ଦାସ ଓ ତୀର୍ଥଙ୍କର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ସାହୁ, ସୁଧାଶୁ ଶେଖର ଦାସ, ଦେବେନ୍ଦ୍ର କୁମାର ରାଉତ, ଦେବଦତ୍ତ ରାଉତ, ଦୀପ୍ତିମୟୀ ଦାସ, ଚିନ୍ମୟ ଦାସ, ସସ୍ମିତା ଦାସ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପୂର୍ବରୁ ସହରର ତେଲେଙ୍ଗାସାହି ଠାରେ ଏହି ସଂସ୍ଥା ଦ୍ୱାରା 'ସମ୍ବେଦନା ଏନ୍‌କ୍ଲେଭ' ନାମରେ ନିର୍ବିତ ଦୁଇଗୋଟି ଆବାସିକ ପ୍ରକଳ୍ପ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । 'ରିଏଲ ଇଷ୍ଟେଟ୍ ରେଗୁଲେଟିଂ ଅଥରିଟି'ର ନିୟମ ପାଳନ ସହ ଆରମ୍ଭ ହେବାକୁ ଯାଉଥିବା ତୃତୀୟ ପ୍ରକଳ୍ପ 'ସମ୍ବେଦନା ହାଇଟ୍ସ'ମଧ୍ୟ ଗ୍ରାହକଙ୍କୁ ନିଶ୍ଚିତ ସନ୍ତୁଷ୍ଟ କରିବ ବୋଲି ସଂସ୍ଥାର ମୁଖ୍ୟ ଆଶା ପ୍ରକାଶ କରିଛନ୍ତି ।

## ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କ ଭଦ୍ରକ ଗସ୍ତ



ଭଦ୍ରକ, ୨୨/୦୫ (ନି.ପ୍ର): ସର୍ବ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ନିଯୁକ୍ତ ଜିଲ୍ଲା ରିଟର୍ଣ୍ଣିଂ ଅଫିସର(ଡିଆରଓ) ଜମିଲ ମଲ୍ଲିକ ଆଜି ଭଦ୍ରକ ଗସ୍ତ କରି ଦଳର ବହୁ ବରିଷ୍ଠ ନେତାଙ୍କୁ ସାକ୍ଷାତ କରିଛନ୍ତି । ସାକ୍ଷାତକାଳରେ ଶ୍ରୀ ମଲ୍ଲିକ ଦଳର ସାଂଗଠନିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି । କଂଗ୍ରେସ ହେଉଛି ଦେଶର ସର୍ବ ପୁରାତନ ରାଜନୈତିକ ଦଳ । ଏହାର ଶୀର୍ଷ ନେତଅମଣ୍ଡଳୀଙ୍କ ବଳିଦାନ ଦେଶକୁ ସଶକ୍ତ କରି ଆସିଛି । ସେମାନଙ୍କ ବଳିଦାନ କେବେ ମଧ ବଅଥା ଯିବ ନାହିଁ । ଦେଶର ପ୍ରତ୍ୟେକଟି ବୁଥରେ କଂଗ୍ରେସ କର୍ମୀ ଅଛନ୍ତି । ସେମାନଙ୍କୁ ନେଇ ଦଳକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ । ଏଥି ନିମିତ୍ତ ବୁଥସ୍ତରର ପ୍ରତ୍ୟେକଟି ପ୍ରତ୍ୟେକ କର୍ମକର୍ତ୍ତାଙ୍କ ବିଶ୍ୱାସଭାଜନ ହୋଇ ଦଳକୁ ଆଗକୁ ନେବାକୁ ପଡ଼ିବ । ଏଥି ସହିତ ୨୦୨୪ ସାଧାରଣ ନିର୍ବାଚନରେ ଦଳ ଯେପରି କ୍ଷମତାସୀନ ହେବ ତାହା ଦେଖିବା ପ୍ରତ୍ରେକ କଂଗ୍ରେସ କର୍ମକର୍ତ୍ତାଙ୍କ ସାମଗ୍ରୀକ ଦାୟିତ୍ୱ ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଏହି ଅବସରରେ ଶ୍ରୀ ମଲ୍ଲିକ ଜିଲ୍ଲା, ବ୍ଲକ, ନଗର କଂଗ୍ରେସ, ଛାମୁଆ ସଂଗଠନ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, କୃଷକ ସେଲ, ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ସେଲର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ନିର୍ବାଚନମଣ୍ଡଳୀ ନେତା ନଳିନୀ ମହାନ୍ତି, ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାନ, ଭଣ୍ଡାରିପୋଖରୀ ବ୍ଲକ ଦସଭାପତି ରଜନୀକାନ୍ତ ଚାନ୍ଦ, ଧାମନପଗର ବ୍ଲକ ସଭାପତି ଅଭିଷେକ ରାଉତ, ମହିଳା ସଂଗଠନ ସଭାପତି ସବିତା ଚାନ୍ଦ, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଂଢ଼ ସଭାପତି ପ୍ରଦ୍ୟୁମ୍ନ ଦାସ, ଏସ ସେଲ ଉପସଭାପତି ରଂଜନ ଜେନା, ଅଶ୍ରଫ ଅଲ୍ଲୀ ଖାନ, ପିତାବସ ଧଳ, ନିଶିକାନ୍ତ ନାୟକ, ଅଜୟ ଦାସ, ବିଜୟ ବାରିକ, ରାଜକିଶୋର ପଣ୍ଡା, ଛାୟାକାନ୍ତ ନନ୍ଦ, ମିର୍ଜା ଏକ୍ରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ରଥଖଳାରେ ଚକଅଖ ଢ଼େରା ନୀତି ସମ୍ପନ୍ନ

ପୁରୀ, ୨୨/୦୫ (ନି.ପ୍ର): ଆଜି ଶ୍ରୀକ୍ଷେତ୍ର ଭଉଁରୀଯାତ୍ରା । ଏହି ଅବସରରେ ତିନି ରଥର ଚକ ଅଖଢ଼େରା ନୀତି ସମ୍ପର୍ଣ୍ଣ ହୋଇଛି । ସକାଳ ୫ଟା ୫୦ରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ପରେ ଭିତରଶୋଧ, ମଙ୍ଗଳଆଳତି ଓ ଅନ୍ୟାନ୍ୟ ନୀତି ପରେ ପୂର୍ବାହ୍ନ ୧୧ଟାରେ ୧୫ରେ ସକାଳଧୂପ ନୀତି ଶେଷ ହୋଇଥିଲା । ୧୧ଟା ୫୦ରେ ପୂଜାପଣ୍ଡା ସେବକମାନେ ଆଜ୍ଞାମାଳ ଧରି ଘଂଟ, ଘଂଟା, ଛତ୍ରୀ ଓ ବିଜେ କାହାଳୀ ସହ ପଟୁଆରରେ ଆସିଥିଲେ । ତିନି ବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନଅରକୁ ଯାଇ ନିର୍ଦ୍ଦେଶ ପାଇବା ପରେ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ । ପୂର୍ବରୁ ପ୍ରତି ରଥର ଦୁଇଟି ଚକ ଓ ଗୋଟିଏ ଅଖ ପ୍ରସ୍ତୁତ ହୋଇ ରହିଥିଲା । ଭୋଇ ସେବାୟତମାନେ ଅଖ ସହ ଦୁଇଟି ଚକର ସଂଯୋଗ କରିଥିଲେ । ଆଜିର ଏହି ଚକଢ଼େରା ନୀତି ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧିକ୍ଷୀକ କେ.ବିଶାଳ ସିଂହ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ଶ୍ରୀମନ୍ଦିର ନୀତି ପ୍ରଶାସକ, ବରିଷ୍ଠ ଅଧିକାର ଓ ସେବାୟତମାନେ ଉପସ୍ଥିତ ଥିଲେ ।

## କାଳବୈଶାଖୀ ବର୍ଷାରେ ଭୂଷୁଡ଼ିଲା ଘର



ବାଲିଆପାଳ, ୨୨/୦୫ (ନି.ପ୍ର): କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ବାଲିଆପାଳ ବ୍ଲକରେ ଶନିବାର ଅନୁଭୂତ ହୋଇଥିଲା । ଏହାର ପ୍ରଭାବରେ ବ୍ଲକର ବହୁ ଘରର ଛପର ଉଡିଯିବା ସହ ଘରର କାନ୍ଥ ମଧ ପଡିଯିବା ଦେଖିବାକୁ ମିଳିଛି । ଏହି ବ୍ଲକ ଅନ୍ତର୍ଗତ ରେମୁ ଗ୍ରାମର ଜଗନ୍ନାଥ ବିଶ୍ୱାଳ, ଦିଗମ୍ବର ବିଶ୍ୱାଳ, ମନ୍ମଥ ବିଶ୍ୱାଳ, ରଞ୍ଜନ ବିଶ୍ୱାଳଙ୍କର ମାଟି ଘରଟି ସଂପୂର୍ଣ୍ଣ ଭାବରେ ଧରାଶାୟୀ ହୋଇଯାଇଛି । ଯାହା ଫଳରେ ଗୃହକର୍ତାମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘରେ ଥିବା ଧାନ, ଚାଉଳ ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯାଇଛି । ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ କହିଛନ୍ତି ।

## ଜିଲ୍ଲା ରିଟର୍ଣ୍ଣିଂ ଅଫିସରଙ୍କ ଭଦ୍ରକ ଗସ୍ତ, କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ

ଭଦ୍ରକ, ୨୨/୦୫ (ନି.ପ୍ର): ସର୍ବ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ନିଯୁକ୍ତ ଜିଲ୍ଲା ରିଟର୍ଣ୍ଣିଂ ଅଫିସର(ଡିଆରଓ) ଜମିଲ ମଲ୍ଲିକ ଆଜି ଭଦ୍ରକ ଗସ୍ତ କରି ଦଳର ବହୁ ବରିଷ୍ଠ ନେତାଙ୍କୁ ସାକ୍ଷାତ କରିଛନ୍ତି । ସାକ୍ଷାତକାଳରେ ଶ୍ରୀ ମଲ୍ଲିକ ଦଳର ସାଂଗଠନିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି । କଂଗ୍ରେସ ହେଉଛି ଦେଶର ସର୍ବ ପୁରାତନ ରାଜନୈତିକ ଦଳ । ଏହାର ଶୀର୍ଷ ନେତୃମଣ୍ଡଳୀଙ୍କ ବଳିଦାନ ଦେଶକୁ ସଶକ୍ତ କରି ଆସିଛି । ସେମାନଙ୍କ ବଳିଦାନ କେବେ ମଧ ବ୍ୟଥା ଯିବ ନାହିଁ । ଦେଶର ପ୍ରତ୍ୟେକଟି ବୁଥରେ କଂଗ୍ରେସ କର୍ମୀ ଅଛନ୍ତି । ସେମାନଙ୍କୁ ନେଇ ଦଳକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ । ଏଥି ନିମିତ୍ତ ବୁଥସ୍ତରର ପ୍ରତ୍ୟେକଟି ପ୍ରତ୍ୟେକ କର୍ମକର୍ତ୍ତାଙ୍କ ବିଶ୍ୱାସଭାଜନ ହୋଇ ଦଳକୁ ଆଗକୁ ନେବାକୁ ପଡ଼ିବ । ଏଥି ସହିତ ୨୦୨୪ ସାଧାରଣ ନିର୍ବାଚନରେ ଦଳ ଯେପରି କ୍ଷମତାସୀନ ହେବ ତାହା ଦେଖିବା ପ୍ରତ୍ୟେକ କଂଗ୍ରେସ କର୍ମକର୍ତ୍ତାଙ୍କ ସାମଗ୍ରୀକ ଦାୟିତ୍ୱ ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଏହି ଅବସରରେ ଶ୍ରୀ ମଲ୍ଲିକ ଜିଲ୍ଲା, ବ୍ଲକ, ନଗର କଂଗ୍ରେସ, ଛାମୁଆ ସଂଗଠନ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, କୃଷକ ସେଲ, ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ସେଲର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ନିର୍ବାଚନମଣ୍ଡଳୀ ନେତା ନଳିନୀ ମହାନ୍ତି, ନଗର କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାନ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚାନ୍ଦ, ଧାମନପଗର ବ୍ଲକ ସଭାପତି ଅଭିଷେକ ରାଉତ, ମହିଳା ସଂଗଠନ ସଭାପତି ସବିତା ଚାନ୍ଦ, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଂଢ଼ ସଭାପତି ପ୍ରଦ୍ୟୁମ୍ନ ଦାସ, ଏସ ସେଲ ଉପସଭାପତି ରଂଜନ ଜେନା, ଅଶ୍ରଫ ଅଲ୍ଲୀ ଖାନ, ପିତାବସ ଧଳ, ନିଶିକାନ୍ତ ନାୟକ, ଅଜୟ ଦାସ, ବିଜୟ ବାରିକ, ରାଜକିଶୋର ପଣ୍ଡା, ଛାୟାକାନ୍ତ ନନ୍ଦ, ମିର୍ଜା ଏକ୍ରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ଜନାର୍ଦ୍ଦନ ମିଶ୍ରଙ୍କ ଡକ୍ଟରେଟ ଲାଭ



କଟକର ଲୋକପ୍ରିୟ ଶିକ୍ଷକ-ପ୍ରଶିକ୍ଷକ ତଥା ରେଭେନ୍ସା ହେଲ୍ପଲାଇନ୍, ସ୍ପୋକେନ୍ ଇଂଲିଶ୍ ସଂସ୍ଥାର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଜନାର୍ଦ୍ଦନ ମିଶ୍ର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଅନୁବାଦରେ ଡକ୍ଟରେଟ୍ ଉପାଧି ପାଇଛନ୍ତି । ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ ହେଉଛି **"Rakta Tirtha Eram (Odia, 1986) by Dr. Jagannath Patnaik: An English Rendering and a Critical Evaluation"** ସେ ତାଙ୍କର ଗବେଷଣା ଜେ.କେ.ବି.କେ କଲେଜର ପୂର୍ବତନ ଅଧକ୍ଷ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଅତିଥି ଅଧାପକ ଡକ୍ଟର ଗୋପରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଂପୂର୍ଣ୍ଣ କରିଛନ୍ତି । ତାଙ୍କ ସନ୍ଦର୍ଭଟିକୁ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଡ଼ଃ ଇନ୍ଦ୍ରନୀଲ୍ ଆଚାର୍ଯ୍ୟ, କିରୋଡିମାଲ୍ ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟର ଡ଼ଃ ଚାରୁଚନ୍ଦ୍ର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ଼ଃ ଯତିନ୍ଦ୍ର କୁମାର ନାୟକ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ରିଡର ଡ଼ଃ ମୃତ୍ୟୁଞ୍ଜୟ ମହାନ୍ତି ଉଚ୍ଚ ପ୍ରଶଂସା କରିଛନ୍ତି । ଡ଼ଃ ଜନାର୍ଦ୍ଦନ ଯାଜପୁର ଜିଲ୍ଲାର ସ୍ୱ ଫକୀର ଚରଣ ମିଶ୍ର ଓ କୁଞ୍ଜଲତା ମିଶ୍ରଙ୍କ ପଞ୍ଚମ ପୁତ୍ର ତଥା ଇଂରାଜୀ ରିଡର, ସ୍ୱ ବନମାଳୀ ମିଶ୍ରଙ୍କର ସାନଭାଇ । ଜଗତପୁର, କଟକର ଜଗନ୍ନାଥ ବିହାରରେ ରହୁଥିବା ଡ଼ଃ ଜନାର୍ଦ୍ଦନ ତାଙ୍କ ସଫଳତା ପାଇଁ ସ୍ତ୍ରୀ ପ୍ରଣତି, ଶୁଭେଚ୍ଛୁ ଓ ସର୍ବୋପରି ଭଗବାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଶ୍ରୀକ୍ଷେତ୍ର ଭଉଁରୀ ଯାତରେ ୨୧ ଘେରା ଚାପ ଖେଳିଲେ ମହାପ୍ରଭୁ

ପୁରୀ, ୨୨/୦୫ (ନି.ପ୍ର): ଆଜି ଅନୁଷ୍ଠିତ ହୋଇଛି ଶ୍ରୀକ୍ଷେତ୍ର ଭଉଁରୀ । ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ନୌକା ବିହାର କରିଥିଲେ । ଅକ୍ଷୟତୃତୀୟା ଠାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଥିଲା । ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଶ୍ରୀଦେବୀ ଓ ପାଲିଙ୍କିରେ ରାମକୃଷ୍ଣଙ୍କ ସହ ବିମାନରେ ପଞ୍ଚ ମହାଦେବ ପୁଷ୍କରଣୀକୁ ବିଜେ କରିଥିଲେ । ଶୀତଳତା ପାଇଁ ମହାପ୍ରଭୁ ଚନ୍ଦନକୁଣ୍ଡରେ ବିଜେ କରିଥିଲେ । ଭଉଁରୀ ଯାତ୍ରା ପାଇଁ ପୁଷ୍କରିଣୀ ଚାରିପଟ ଉଜ୍ଜ୍ୱଳ ଆଲୋକରେ ସଜେଇ ହୋଇଥିଲା । ବିଭିନ୍ନ ପସରା ଓ ଦୋକାନରେ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା । କେତେକ ଭକ୍ତ ପ୍ରତିଦିନ ପ୍ରଭୁଙ୍କ ଚାପ ଦେଖୁଥିବା ବେଳେ ଆଜି ଭୁଉଁରୀ ତିଥିରେ ୨୧ ଦିନର ଚାପକୁ ଦର୍ଶନ କରିବା ପାଇଁ ଭକ୍ତ ଗହଳି ଲାଗିଥିଲା । ମହାପ୍ରଭୁଙ୍କ ନୌକା ବିହାର ଦର୍ଶନ କଲେ ଜୀବନର ଧାର୍ମିକ ନୌକା ସଠିକ୍ ଭାବେ ଚାଲିବ ବୋଲି ବିଶ୍ୱାସ ରହିଛି । ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଉଁରୀ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଅନେକ ନବଦମ୍ପତି କୂଳରେବସି ମହାପ୍ରଭୁଙ୍କ ନୌକା ବିହାର ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା ।

## ଆସନ୍ତା ସମବାୟ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଉତ୍ତର ଓଡିଶା ଜୋନର ପ୍ରସ୍ତୁତି ଆରମ୍ଭ



ବାଲେଶ୍ୱର, ୨୨/୦୫ (ନି.ପ୍ର): ଆସନ୍ତା ଜୁନ ୧୯ ଓ ୨୬ ତାରିଖରେ ଓଡ଼ିଶାରେ ହେବାକୁ ଯାଉଥିବା ସମବାୟ ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଭେନ୍ୟା ପାରାଡାଇଜ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ସମସ୍ତ ସମବାୟବିତଙ୍କୁ ଗୁରୁମନ୍ତ୍ର ଦେବା ସହ ନିର୍ବାଚନରେ ପୂର୍ବଭଳି ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ । ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନ ଭଳି ସମବାୟ ନିର୍ବାଚନରେ ମଧ ବିଜୟ ସୁନିଶ୍ଚିତ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏଥିରେ ଅଧକ୍ଷତା କରିବା ସହ ଉତ୍ତର ଓଡ଼ିଶା ଜୋନର ସମସ୍ତ ବିଧାୟକ ଓ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ରହିଥିବା ନେତାମାନେ ଏହି ନିର୍ବାଚନ ପାଇଁ ଏବେଠାରୁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ୨୦୦୦ ମସିହାରେ ସମବାୟ ମାଧ୍ୟମରେ ବର୍ଷକୁ ୪୦୦ କୋଟିର ଋଣ ପ୍ରଦାନ କରାଯାଉଥିଲା ବେଳେ ସମ୍ପ୍ରତି ଏହା ୫୦୦୦ କୋଟିକୁ ବୃଦ୍ଧି ପାଇଛି । କୃଷି କ୍ଷେତ୍ରରେ ପ୍ରାୟ ୬୫% ଋଣ ପ୍ରଦାନ କରାଯାଉଛି । ଚାଷୀମାନଙ୍କୁ ଉଚିତ ନ୍ୟାୟ ଦେବା ତଥା ଚାଷୀମାନଙ୍କୁ ସଠିକ ଯୋଜନା ପ୍ରଦାନ କରିବା ପାଇଁ ସରକାର ଚାହୁଁଛନ୍ତି । ତେଣୁ ନିର୍ବାଚନର ଗୁରୁତ୍ୱକୁ ବୁଝି ରଣନୀତି ପ୍ରସ୍ତୁତ ସହ ଏହି ନିର୍ବାଚନରେ କାର୍ଯ୍ୟ କରିବା ପାଇଁ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଏହି ଅବସରରେ ବାଲେଶ୍ୱର, ଭଦ୍ରକ ମୟୂରଭଞ୍ଜ ଢେଙ୍କାନାଳ ଅନୁଗୁଳ, କେଉଁଝରକୁ ନେଇ ନର୍ଥ ଜୋନ ଘୋଷଣା କରାଯାଇଥିଲା । ନର୍ଥ ଜୋନ ପାଇଁ ଶ୍ରୀ ଜେନା ଦାୟିତ୍ୱରେ ରହିଥିବା ବେଳେ ବିଜେଡି ପକ୍ଷରୁ ଅଜୟ ସାମଲ, ମାନସ କୁମାର ଜେନା, ଶ୍ୟାମ ପ୍ରସାଦ ବେହେରା ଓ ଗିରିଶ ଚନ୍ଦ୍ର ଦାଶଙ୍କୁ ନେଇ ଏକ ୪ ଜଣିଆ କମିଟି ଘୋଷଣା କରାଯାଇଥିଲା । ସେହିଭଳି ଭଦ୍ରକ ଓ ମୟୂରଭଞ୍ଜରେ ମଧ କମିଟି ଗଠନ କରାଯାଇଥିଲା । ନିଜ ନିଜ ନିର୍ବାଚନ ମଣ୍ଡଳୀ, ପ୍ରତି ବ୍ଲକରେ ଥିବା ଭୋଟରମାନଙ୍କର ଟିକିନିଖି ବିବରଣୀ ସମସ୍ତ ବିଧାୟକମାନଙ୍କୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୋଟିଏ ଗୋଟିଏ ଫାଇଲ କରି ଯୋଗାଇ ଦେଇଥିଲେ । ଏହି ସମବାୟ କର୍ମଶାଳରେ ଅନ୍ୟମାନଙ୍କ ମଧରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଧାୟକ ବ୍ୟୋମକେଶ ରାୟ, ସଞ୍ଜୀବ ମଲ୍ଲିକ, ରାଜ କିଶୋର ଦାସ, ସ୍ୱରୂପ କୁମାର ଦାସ, ସୁଧାଂଶୁ ଶେଖର ପରିଡ଼ା, ପର୍ଶୁରାମ ଧଡା, ଅଶ୍ୱିନୀ ପାତ୍ର, ବାସନ୍ତୀ ହେମ୍ବ୍ରମ, ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ବାଲେଶ୍ୱର ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧକ୍ଷା ଅଧ୍ୟକ୍ଷ ସବିତା ସାହୁ, ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଗଣେଶ୍ୱର ପାତ୍ର, ସାନନ୍ଦ ମାରାଣ୍ଡି, ଶ୍ରୀନାଥ ସୋରେନ, ରାଜ୍ୟ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା, ଶୁଭେନ୍ଦୁ ଦାସ ମଙ୍ଗରାଜ, ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ଆଇନଜୀବୀ ଭୁବନାନନ୍ଦ ଦାସ, ଗିରୀଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

**LOST OF CERTIFICATE**

Before the court of the Executive Magistrate, Soro, Balasore. I Sri Satya Prakash Nanda, aged 25 years son of Payodhar Nanda of village Dalanga, P.O. Dalanga, P.S. Khaira, Dist- Balasore do hereby declare that I have passed B-Tech Examination in the year 2020 bearing Regn. No. 1721302104 through Modern Engineering and Management study Balasore.

The competent authority of Institution also issued the original certificate,. But the original certificate has missed somewhere. So I am unable to trace it out the same.

**Satya Prakash Nanda**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo